


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


•VOLUME- 43 •ISSUE-151 •THURSDAY •27 NOVEMBER 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୧୫୧ •ଗୁରୁବାର •୨୭ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

## ଭାରତ ଆୟୋଜନ କରିବ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଭାରତୀୟ କ୍ରୀଡ଼ାବିତ ଓ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖୁସି ଖବର। ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିଛି। ବୁଧବାର ସ୍କଟଲାଣ୍ଡର ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକାରୀ ବୋର୍ଡ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଅହମଦାବାଦକୁ ହୋଷ୍ଟ ସିଟି ଅର୍ଥାତ ଆୟୋଜକ ସହର ଭାବେ ଘୋଷିତ କରାଯାଇଛି। ଦୀର୍ଘ ୨୦ ବର୍ଷ ପରେ ଭାରତ ଏହି ମେଗା ଇଭେଣ୍ଟର ୨୪ତମ ସଂସ୍କରଣ ଆୟୋଜନ କରିବାକୁ ଯାଉଛି। ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନର ୧୦୦ ବର୍ଷ ପୁରଣ ହେବ। ତେଣୁ ଭାରତକୁ ଆୟୋଜନ ଅଧିକାର ମିଳିବାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୩୦ରେ କାନାଡ଼ାର ହାମିଲଟନ ସହରରେ ପ୍ରଥମଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା। ଗ୍ଲାସଗୋରେ ଭାରତୀୟ ପ୍ରତିନିଧି ମଣ୍ଡଳୀ ତରଫରୁ ଯୁଗ୍ମ କ୍ରୀଡ଼ା ସଚିମ କୁନାଲ କେ, ଆଇଓଏ ଅଧ୍ୟକ୍ଷା ପିଟି ଉଷା, ଆଇଓଏ ▸ପୃଷ୍ଠା-୭

## ଓଡ଼ିଆ ସମେତ ୯ଟି ଭାଷାରେ ସମ୍ବିଧାନ ଜାରି କଲେ ରାଷ୍ଟ୍ରପତି

■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ସଂସଦର ସେଣ୍ଟ୍ରାଲ ହଲ୍‌ରେ ବୁଧବାର ୧୫୦ତମ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନକୁ ଓଡ଼ିଆ ସମେତ ୯ଟି ଭାଷାରେ ଜାରି କରିଥିଲେ। ସମ୍ବିଧାନ ଓଡ଼ିଆ, ମାଲାୟଲମ, ମରାଠୀ, ନେପାଳୀ, ପଞ୍ଜାବୀ, ବୋଡୋ, କଶ୍ମୀରୀ, ତେଲୁଗୁ ଓ ଆସାମ ଭାଷାରେ ଜାରି କରାଯାଇଛି। ତିନ ତଲାକ ଭଳି ସାମାଜିକ କୁରୀତିକୁ ସଂସଦ ହଟାଇବା ସହ ଐତିହାସିକ ପଦକ୍ଷେପ ନେଇଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି।




ସେହିପରି ସ୍ୱାଧୀନତା ପରେ ଜିଏସ୍‌ଟି ସର୍ବବୃହତ କର ସୁଧାର ଓ ଏହା ଦେଶକୁ ଆର୍ଥିକ ଭାବେ ଏକାଠି କରିବା ସହ ମଜଭୂତ କରିଛି। ସମ୍ବିଧାନର ଧାରା ୩୭୦ ହଟାଇବା ପରେ ଦେଶର ରାଜନୈତିକ ଏକତାରେ ଅସୁଥିବା ବାଧା ଦୂର ହୋଇଛି। ସେହିପରି ନାରୀ ଶକ୍ତି ବନ୍ଦନ ଆଇନ୍ ମହିଳାଙ୍କ ନେତୃତ୍ୱର ବିକାଶରେ ନୂଆ ପ୍ରାରମ୍ଭ ପ୍ରଦାନ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ସେ ସମ୍ବିଧାନର ପ୍ରସ୍ତାବନା ମଧ୍ୟ ପାଠ କରିଥିଲେ। ଉଲ୍ଲେଖଥାଉ କି, ୧୯୪୯ ନଭେମ୍ବର ▸ପୃଷ୍ଠା-୭

# ଆଜିଠାରୁ ଶୀତ ଅଧିବେଶନ

### ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ହାତରେ ଅସରନ୍ତି ପ୍ରସଙ୍ଗ

### ସମସ୍ତ ପ୍ରସଙ୍ଗର ମୁକାବିଲା କରିବାକୁ ଶାସକ ଦଳର ଦମ୍ଭୋକ୍ତି

■ ଭୁବନେଶ୍ୱର, ୨୬।୧୧ (ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତ ଅଧିବେଶନ। ଅଧିବେଶନ ପୂର୍ବରୁ ବୁଧବାର ଉଭୟ ଶାସକ ଏବଂ ବିରୋଧୀ ଦଳ ପକ୍ଷରୁ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ବିରୋଧୀ ବିଜେଡି ଓ କଂଗ୍ରେସ ନିଜ ନିଜ ବିଧାୟକ ଦଳ ବୈଠକରେ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏପଟେ ଶାସକ ଦଳ ମଧ୍ୟ ବିରୋଧୀଙ୍କ ମୁକାବିଲା ପାଇଁ ବ୍ୟାପକ ମାନସ ମନ୍ଥନ କରିଥିବା ବେଳେ

#### ସହଯୋଗ ଲୋଡ଼ିଲେ ବାଚସ୍ପତି



ଗୃହରେ ପ୍ରଦର୍ଶନ ନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ନିଜ ନିଜର ବିଧାୟକଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି। ତେବେ ବିରୋଧୀଙ୍କ ହାତରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିବା ଓ ପୂର୍ବାପେକ୍ଷା ସରକାରଙ୍କୁ ଆହୁରି ଶାଣିତ ଆକ୍ରମଣ କରାଯିବ ବୋଲି ଦୁଇ ବିରୋଧୀଦଳଙ୍କ ଘୋଷଣା ଅଧିବେଶନକୁ ସରଗରମ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ବିରୋଧୀଙ୍କ ତୀବ୍ର ବିରୋଧ ଓ ପ୍ରତିବାଦ ଯୋଗୁ ସାତ ଦିନିଆ ମୌସୁମୀ ଅଧିବେଶନ ଧୋଇ ଯାଇଥିବାବେଳେ ଶୀତ ଅଧିବେଶନରେ ବିଧାନସଭା ଉଷ୍ମ ରହିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ▸ପୃଷ୍ଠା-୭

## ଅପରାହ୍ଣରେ ରାଷ୍ଟ୍ରପତିଙ୍କ ସମ୍ବୋଧନ



■ ଭୁବନେଶ୍ୱର, ୨୬।୧୧ (ସମିସ): ବିଧାନସଭାର ଶୀତକାଳୀନ ଅଧିବେଶନକୁ ସମ୍ବୋଧିତ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି(ଗୁରୁବାର) ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବିଧାନସଭାର ଏହି ଐତିହାସିକ ଦିବସ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି।

ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ରାଷ୍ଟ୍ରପତି ୧୧ଟା ୫୦ରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରିବେ। ଅପରାହ୍ଣ ୨ଟାରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରି ରାଜଭବନରେ ପହଞ୍ଚିବେ। ମଧ୍ୟାହ୍ନବିରତି ପରେ ରାଷ୍ଟ୍ରପତି ଅପରାହ୍ଣ ୪ଟାରେ ରାଜଭବନସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସର ଗୃହକୁ ଉଦ୍‌ଘାଟନ କରିବେ। ଅପରାହ୍ଣ ୪ଟା ୨୦ରେ ସେ ଓଡ଼ିଶା ବିଧାନସଭାରେ ▸ପୃଷ୍ଠା-୭

### ସିଏଜିଙ୍କ ବଡ଼ ନିଷ୍ପତ୍ତି

## ପ୍ରତି ଟଙ୍କାର ହିସାବ ଦେବେ ରାଜ୍ୟ

■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଆସନ୍ତା ୨୦୨୭-୨୮ ଆର୍ଥିକ ବର୍ଷରୁ ସାରା ଦେଶର ସବୁ ରାଜ୍ୟ ପାଇଁ କାର୍ଯ୍ୟକାରୀ ହେବ ଖର୍ଚ୍ଚ ବର୍ଗୀକରଣର ସମାନ ମାନଦଣ୍ଡ। ଏହା ସହିତ ଚଳିତ ଆର୍ଥିକ ବର୍ଷରୁ ଦେଶର ସମସ୍ତ ରାଜ୍ୟ ସେମାନଙ୍କର ଆୟ ଓ ବ୍ୟୟ ବିବରଣୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡ଼ିଜିଟାଲ ମାଧ୍ୟମରେ ଦେଶର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ(ସିଏଜି)ଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ରାଜ୍ୟଗୁଡ଼ିକରେ ଆର୍ଥିକ ସ୍ୱଚ୍ଛତା ଆଣିବା ଏବଂ ସେମାନଙ୍କର ରାଜସ୍ୱ ଓ ବ୍ୟୟ ହିସାବ ପଦ୍ଧତିକୁ ଉନ୍ନତ କରିବା ପାଇଁ ସିଏଜି ନେଇଛନ୍ତି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସିଏଜିର ଡେପୁଟି କଣ୍ଟ୍ରୋଲର ଜେନେରାଲ ଜୟନ୍ତ ସିହ୍ନା ଏକ ଆଲୋଚନା ଅବସରରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ବିଭିନ୍ନ ରାଜ୍ୟ ନିଜ ନିଜ ଉପାୟରେ ଖର୍ଚ୍ଚ ଏବଂ ରାଜସ୍ୱର ବର୍ଗୀକରଣ କରିଥାନ୍ତି। ଯାହା ଫଳରେ ଗୋଟିଏ ରାଜ୍ୟର ଆର୍ଥିକ ସ୍ଥିତି ଅନ୍ୟ ରାଜ୍ୟ କିମ୍ବା କେନ୍ଦ୍ର

#### ଡିଜିଟାଲ ମାଧ୍ୟମରେ ନିର୍ଦ୍ଧାରିତ ଅବଧିରେ ଦେବାକୁ ହେବ ହିସାବ

#### ୨୦୨୭-୨୮ରୁ ଖର୍ଚ୍ଚ ବର୍ଗୀକରଣ ନିମନ୍ତେ ହେବ ସମାନ ମାନଦଣ୍ଡ

ସହିତ ତୁଳନା କରିବା ବହୁତ କଷ୍ଟକର ହୋଇପଡ଼େ। ଏହି ଅଭାବକୁ ଦୂର କରିବା ପାଇଁ ଚଳିତମାସ ୧୧ରେ ଜାରି ହୋଇଥିବା ଏକ ବିଜ୍ଞପ୍ତିରେ ସମସ୍ତ ୨୮ଟି ରାଜ୍ୟ ଏବଂ ବିଧାନସଭା ଥିବା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୨୦୨୭-୨୮ ▸ପୃଷ୍ଠା-୭

### ବିଧାୟକ ଦଳ ବୈଠକରେ ନବୀନଙ୍କ ଉଦ୍‌ବେଗ

## ରାଜ୍ୟରେ ନାରୀ ନିର୍ଯାତନା ପୀଡ଼ାଦାୟକ



#### ରାଜ୍ୟରେ ସାଂପ୍ରଦାୟିକ ଉତ୍ତେଜନା ବୃଦ୍ଧି ବେଦନାଦାୟକ

#### ତ୍ରୁଟିଶୂନ୍ୟ ହୋଇ ପାରିନାହିଁ ଗୋଟିଏ ବି ନିଯୁକ୍ତି ପରୀକ୍ଷା

#### ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ବିଜେଡି ହେବ ଓଡ଼ିଶାବାସୀଙ୍କ ସ୍ୱର

■ ଭୁବନେଶ୍ୱର, ୨୬।୧୧ (ସମିସ): ଆସନ୍ତାକାଲିଠାରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ଲୋକଙ୍କ ବିଭିନ୍ନ ସମସ୍ୟା ଏବଂ ସରକାରଙ୍କ ଅପାରଗତାକୁ ବିଜେଡି ଶାଣିତ ସ୍ୱରରେ ଗୃହରେ ଉପସ୍ଥାପନ କରିବ। ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, ସାଂପ୍ରଦାୟିକ ଉତ୍ତେଜନା, ଚାଷୀଙ୍କ ସମସ୍ୟା, ନିଯୁକ୍ତି ଜାଲିଆତି ପ୍ରସଙ୍ଗରେ ସରକାରଙ୍କଠାରୁ ଜବାବ୍ ମାଗିବ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ନିଆଯାଇଛି ଏପରି ନିଷ୍ପତ୍ତି। ପ୍ରମୁଖ ବିରୋଧୀ ଦଳ ଭାବେ ପ୍ରତିଟି ବିଧାୟକ ଗୃହରେ ସାଧାରଣ ଲୋକଙ୍କ ସ୍ୱର ସାଜିବାକୁ ନବୀନ ଦଳୀୟ ବିଧାୟକଙ୍କୁ ପରାମର୍ଶ ଦେଇଛନ୍ତି।

ବୁଧବାର ସନ୍ଧ୍ୟାରେ ଶଙ୍ଖ ଭବନଠାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଓ ଲୋକଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଛି। ଏହି ଅବସରରେ ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡିଛି। ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ କେନ୍ଦୁଝର ସଦର ଠାରୁ ଆରମ୍ଭ କରି ଖୋର୍ଦ୍ଧା, ▸ପୃଷ୍ଠା-୭

## ୧ରୁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର; ଦର୍ଶନ ପାଇଁ ୧୦ ଟଙ୍କା

■ ପୁରୀ, ୨୬।୧୧ (ସମିସ): ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର। ମହାପ୍ରଭୁଙ୍କ ଜନ୍ମବେଦୀକୁ ବର୍ଷତମାମ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ଏ ନେଇ ବୁଧବାର ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଭକ୍ତମାନଙ୍କ ପାଇଁ ଟିକଟ୍ ମୂଲ୍ୟ ୧୦ଟଙ୍କା ରଖାଯାଇଛି। କିନ୍ତୁ ୫ବର୍ଷରୁ କମ୍, ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କୌଣସି ଟିକଟ୍ ଲାଗିବ ନାହିଁ। ସେମାନେ ନିଃଶୁଳ୍କ ମନ୍ଦିରକୁ ପ୍ରବେଶ



#### ୫ ବର୍ଷରୁ କମ୍, ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ଦିବ୍ୟାଙ୍ଗଙ୍କୁ ଟିକଟ୍ ପଡ଼ିବନି

କରିପାରିବେ। କାଉଣ୍ଟର୍‌ରେ କମ୍ପ୍ୟୁଟରୀକୃତ ଟିକଟ୍ ବ୍ୟବସ୍ଥା କରାଯିବ। ଆଡ଼ପ ମଣ୍ଡପ ଦର୍ଶନ ପାଇଁ ସିଂହଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ସେହିପରି ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କାଠ ରାମ୍ପ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

ଅପରାହ୍ଣରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ▸ପୃଷ୍ଠା-୭



### ପୁଅ ବାହାଘର ଦିନ ବାପାର ଦୁଃଖଦ ମୃତ୍ୟୁ


## ଚାପିଦେଲା ରୋଶଣୀ ଗାଡ଼ି

■ ବଲାଙ୍ଗିର, ୨୬।୧୧ (ସମିସ): ବାଣୁଆ ଗୋଟିଏ ପରେ ଗୋଟିଏ ବାଣ ମାରି ଆକାଶ ରଙ୍ଗିନ କରି ଦେଉଥିଲା। ଅର୍କେଷ୍ଟ୍ରା ପାର୍ଟିଙ୍କ ହିଟ୍ ଗୀତ ସାଙ୍ଗକୁ ବରଯାତ୍ରୀଙ୍କ ନାଚରେ ଦାଣ୍ଡ ଦୁଲୁକି ଉଠୁଥିଲା। କିନ୍ତୁ, ରୋଶଣୀ ଗାଡ଼ି ଧକ୍କାରେ ବରପିତାଙ୍କ ମୃତ୍ୟୁ ହୋଇଯିବାରୁ କ୍ଷଣିକରେ ସବୁ ଓଲଟପାଲଟ ହୋଇଗଲା। ଖୁସିର ପରିବେଶ ଶୋକର ମାହୋଲରେ ପରିଣତ ହୋଇଗଲା।

ବଲାଙ୍ଗିର ଜିଲ୍ଲା ମଣ୍ଡଳରେ ମଙ୍ଗଳବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ବଲାଙ୍ଗିର ସଦର ଥାନା ଆମପାଲି ଗାଁର ଚୈତନ୍ୟ ବାଗ। ଗୋଟିଏପଟେ ପୁଅ ନବବଧୂର ହାତ ଧରି ଘରକୁ ଫେରିଥିବା ବେଳେ ବାପା ଚୈତନ୍ୟଙ୍କ ଜୁଇ ଜଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ



ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ସୂଚନାନୁଯାୟୀ, ଚୈତନ୍ୟଙ୍କ ପୁଅ ଦୁଃଖୀଶ୍ୟାମଙ୍କ ମଣ୍ଡଳ ଗାଁରେ ବିବାହ ସ୍ଥିର ହୋଇଥିଲା। ବରପକ୍ଷ ମଣ୍ଡଳ ଗାଁରେ ବେଶ୍ ଆଡ଼ମ୍ବର ସହ ପହଞ୍ଚିଥିଲେ। ଜଳପାନ ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ସମୟରେ ବରଯାତ୍ରୀ ରୋଶଣୀ ଗାଡ଼ି ହଠାତ ଦୁଇଜଣଙ୍କୁ ଧକ୍କା ଦେଇଥିଲା। ଏହି ଧକ୍କାରେ ଦୁଃଖୀଶ୍ୟାମଙ୍କ ବାପା ଚୈତନ୍ୟଙ୍କ ମୃତ୍ୟୁ ଘଟିଥିଲା। ଆଉ ଜଣେ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଉଭୟ ଆମପାଲି ଓ ମଣ୍ଡଳ ଗାଁରେ ଶୋକର ଛାୟା ଖେଳିଯାଇଛି।



## ଆଜିର ଇତିହାସ

- ୧୭୯୫- ପ୍ରଥମ ବଙ୍ଗଳା ନାଟକ ମଞ୍ଚସ୍ଥ କରାଗଲା।
- ୧୮୧୫- ପୋଲାଣ୍ଡ ସ୍ୱାଧୀନ ହେଲା।
- ୧୯୧୨- ଆଲବେନିଆ ରାଷ୍ଟ୍ରୀୟ ଧ୍ୱଜକୁ ଆପଣାଇଲା।
- ୧୯୬୬- ଉରୁଗୁଏ ସମ୍ବିଧାନ ଆପଣାଇଲା।
- ୨୦୦୮- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ ଦେହାନ୍ତ।
- ୨୦୧୮- ବଲିଉଡ୍‌ର ପ୍ରଚ୍ଛଦପଟ୍ଟ ଗାୟକ ମହମ୍ମଦ ଅଜିଜ୍‌ଙ୍କ ପରଲୋକ।

## ଏପରି ଏକ ଦେଶ

# କେହି ଜାଣନ୍ତିନି ଜନ୍ମ ତାରିଖ

ଜନ୍ମଦିନ ପ୍ରତ୍ୟେକଙ୍କ ପାଇଁ ଏକ ଖୁସିର ଅବସର ହୋଇଥାଏ। ଏହାକୁ ଲୋକେ ପରିବାର ଓ ସାଙ୍ଗସାଥୀଙ୍କ ଗହଣରେ କେକ୍ କାଟି ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ହେଲେ ଏପରି ଏକ ଦେଶ ଅଛି, ଯେଉଁଠି ଲୋକମାନେ ନିଜ ଜନ୍ମ ତାରିଖ ଜାଣନ୍ତିନି। ଉତ୍ତର କୋରିଆରେ ଏପରି ଭିନ୍ନତା ଦେଖିବାକୁ ମିଳିଥାଏ। ଏହା ବିଶ୍ୱର ସବୁଠୁ ରହସ୍ୟମୟ ଦେଶ ଭାବେ ଜଣାଯାଏ। ଏଠାକାର ଗ୍ରାମାଞ୍ଚଳଗୁଡ଼ିକରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଡେଲିଭରି ଘରେ ହୋଇଥାଏ। ଏଠାରେ ହସ୍‌ପିଟାଲ କି ଡାକ୍ତରୀ ସୁବିଧା ନ ଥାଏ। ସବୁଠୁ ବଡ଼ କଥା ହେଉଛି ଏଠାରେ କ୍ୟାଲେଣ୍ଡର ନ ଥାଏ। ମାଆ ବାପା ମଧ୍ୟ ପିଲାର ଜନ୍ମ ତାରିଖକୁ ମନେ ରଖନ୍ତିନି। ପିଲାଟିଏ ୧୬-୧୭ ବର୍ଷ ହେବା ପରେ ତା'ର ପ୍ରଥମ ଥର ସରକାରୀ ଆଇଡି କାର୍ଡ ତିଆରି ହୋଇଥାଏ। ସରକାରୀ ଅଫିସର ନିଜ ମନଇଚ୍ଛା ଜନ୍ମ ତାରିଖ ଲେଖି ଦିଅନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଅଧିକାଂଶ ଲୋକଙ୍କର ଜନ୍ମଦିନ ୧ ଜାନୁଆରୀ ବୋଲି ଲେଖା ହୋଇଥାଏ। ଜଣେ ଜୁନ୍ କି ଫେବୃଆରୀରେ ଜନ୍ମ ହେଲେ ବି ତା'ର ଜନ୍ମ ପ୍ରମାଣପତ୍ରରେ ୧ ଜାନୁଆରୀ ଲେଖାଯାଇଥାଏ। ଉତ୍ତର କୋରିଆର ଜନସଂଖ୍ୟାରେ ୭୦% ଲୋକ ଗାଁରେ ରୁହନ୍ତି। ତନ୍ମଧ୍ୟରୁ ମାତ୍ର ୧୨% ଲୋକଙ୍କର ଜନ୍ମ ତାରିଖ ହସ୍‌ପିଟାଲରେ ରେଜିଷ୍ଟର ଥାଏ। ଏଠାରେ ଅଧିକାଂଶ



ପାସ୍‌ପୋର୍ଟରେ ଜନ୍ମତାରିଖ ଜାନୁଆରୀ କିମ୍ବା ଜୁଲାଇ ୧ ଲେଖାଯାଇଥାଏ। କେବଳ ସହରର ଧନୀ ଲୋକମାନେ ହିଁ ସେମାନଙ୍କ ଜନ୍ମଦିନକୁ ମନେ ରଖିଥାନ୍ତି। ଏସବୁ ସତ୍ତ୍ୱେ ଏଠାରେ ସ୍କୁଲ, କାରଖାନା ଓ ସେନା ଶିବିରଗୁଡ଼ିକରେ ଜନ୍ମଦିନ ପାଳନ କରାଯାଏ। ହେଲେ ଲୋକେ ପାଳୁଥିବା ଜନ୍ମଦିନ ସରକାରଙ୍କ ଦ୍ୱାରା ସ୍ଥିର ହୋଇଥାଏ।

# ବ୍ୟକ୍ତିଗତ ତଥ୍ୟ ରଖୁଛି ମୋବାଇଲ

ଆଇଆଇଟି ଦିଲ୍ଲୀ ଆଣ୍ଡ୍ରଏଡ୍ ଫୋନ୍‌କୁ ନେଇ ଏକ ଗବେଷଣା କରିଛି। ଆଇଆଇଟି ଦିଲ୍ଲୀର ପ୍ରଫେସର ସ୍ମୃତି ରଞ୍ଜନ ସାରଙ୍ଗ ଏମଟେକ୍ ଛାତ୍ରମାନଙ୍କ ସହିତ ମିଶି ଆଣ୍ଡ୍ରଏଡ୍ ଫୋନ୍‌କୁ ନେଇ ଏକ ଗବେଷଣା କରିଛନ୍ତି। ଏହି ଗବେଷଣାରେ ମୋବାଇଲର ଜିପିଏସ୍‌କୁ ନେଇ ବଡ଼ ଖୁଲାସା କରାଯାଇଛି। କୌଣସି ଆପ୍‌କୁ ଡାଉନ୍‌ଲୋଡ୍ କରିବା ସମୟରେ ସେଥିରେ ଲୋକେସନ ଟ୍ରାକ୍ କରିବାର ଅନୁମତି ଦେଖାଇ ଥାଏ। ଯାହାକି ବ୍ୟକ୍ତିଗତ ସୁରକ୍ଷା ପ୍ରତି ବିପଜ୍ଜନକ ହୋଇଥାଏ। ଲୋକେସନ ଟ୍ରାକ୍ ମାଧ୍ୟମରେ ଜଣଙ୍କର କାର୍ଯ୍ୟକଳାପକୁ ଟ୍ରାକ୍ କରାଯାଇପାରିବ। କହିବାକୁ ଗଲେ ମୋବାଇଲ ପ୍ରତିଟି ମୁହୂର୍ତ୍ତର ତଥ୍ୟକୁ ଟିକ୍‌ନିକ୍ ଏକତ୍ର କରେ। ସେହିପରି ଫୋନ୍ କେବଳ ଲୋକେସନ ଟ୍ରାକ୍ କରି ନ ଥାଏ, ବରଂ ଜଣେ ଏକା କିମ୍ବା କାହା ସହ ଅଛି, ଲିଫ୍ଟରେ ଅଛି କି ନାହିଁ ତାହା ମଧ୍ୟ ଜଣାପଡ଼ିଯାଏ । ପ୍ରଫେସର ଉଦାହରଣ ଦେଇ କହିଛନ୍ତି,ଜଣେ ଛାତ୍ର ଦୌଡ଼ିବାକୁ ଗଲେ, ଦୌଡ଼ିବା ପରେ ସେ ଯେମିତି ତା'ଙ୍କ ଫୋନ୍ ଦେଖିଛନ୍ତି, ତାଙ୍କୁ ପ୍ରୋଟିନ ସେକ୍ ବିଜ୍ଞାପନ ଆସିଲା। ସେହି ଛାତ୍ର ଜଣକ ପୂର୍ବରୁ କୌଣସି ପ୍ରୋଟିନ୍ ସେକ୍ ବାବଦରେ ସର୍ଚ୍ଚ ଇଞ୍ଜିନ୍‌ରେ ସର୍ଚ୍ଚ କରି ନ ଥିଲେ। ତେଣୁ ଏଥିରୁ ଜଣାପଡୁଛି ଯେ, ଦେଶର ଭିଆଇପି ଏବଂ ଭିଭିଆଇପିଙ୍କ ସୁରକ୍ଷା ପ୍ରତି ବିପଦ ରହିଛି। ସାଧାରଣ ଲୋକଙ୍କୁ ଏହା ମାଧ୍ୟମରେ ବ୍ଲାକ୍‌ମେଲ୍ କରିବା ମଧ୍ୟ ସହଜ ହୋଇଯିବ। ତେବେ ଏଥିରୁ ରକ୍ଷା ପାଇବାର ସହଜ ଉପାୟ ହେଉଛି, କୌଣସି ଆପ୍‌କୁ ଲୋକେସନ ଟ୍ରାକ୍ କରିବାର ଅନୁମତି ଦେବା ଉଚିତ ନୁହେଁ। ଯଦି ଅନୁମତି ପ୍ରଦାନ କରୁଛନ୍ତି, ତେବେ ଆପ୍ ବ୍ୟବହାର କରିବା ସମୟରେ କେବଳ ଟ୍ରାକ୍ ଅନୁମତି ଦେବା ଉଚିତ।



# ଚାପୁଡ଼ା ମାରିବା ଚାକିରି



ଅଧିକାଂଶ ଲୋକ ଫେସବୁକ୍, ହ୍ୱାଟସ୍‌ଆପ୍‌ରେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରୁଛନ୍ତି। ସାମାଜିକ ଗଣମାଧ୍ୟମର ଏଭଳି ଆସକ୍ତି ଯୋଗୁ ଲୋକେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେଉଛନ୍ତି। ଏହି କ୍ରମରେ ଏକଦା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଉଦ୍ୟୋଗପତି ମନୀଷ ସେଠି ତାଙ୍କର ଫେସ୍‌ବୁକ୍ ଚଳାଇବା ଅଭ୍ୟାସ ଉପରେ ରୋକ୍ ଲଗାଇବାକୁ ନିଆରା ଚାକିରିର ବିଜ୍ଞାପନ ଦେଇଥିଲେ। ଘଟଣାଟି ୨୦୧୨ ମସିହାର। ସେତେବେଳେ ମନୀଷ 'ପାବଲୋକ' କମ୍ପାନିକୁ ଚଳାଉଥିଲେ। ସେ ସମୟରେ ସେ ଘଣ୍ଟା ଘଣ୍ଟା ଧରି ଫେସ୍‌ବୁକ୍‌ରେ ବ୍ୟସ୍ତ ରହୁଥିଲେ। ଏହି କାରଣରୁ ମନୀଷଙ୍କ କମ୍ପାନିର ବ୍ୟବସାୟ ମଧ୍ୟ ହ୍ରାସ ପାଇଲା। ତେଣୁ ନିଜର ଏହି ଖରାପ ଅଭ୍ୟାସକୁ ଦୂରେଇବାକୁ ସେ ଏକ ଅଜବ ବିଜ୍ଞାପନ ଦେଇଥିଲେ। ସେ ଏହି ବିଜ୍ଞାପନରେ ଲେଖିଥିଲେ ଯେ, 'ମୋତେ ଏମିତି ଏକ ପାର୍ଟନର ଦରକାର ଯିଏ ମୋ ପାଖରେ ସବୁବେଳେ ବସିବ, ସ୍କ୍ରିନ୍ ଉପରେ ନଜର ରଖିବ। ମୁଁ ଫେସ୍‌ବୁକ୍ ଖୋଲିବା ମାତ୍ରେ ସେ ମୋ ଉପରେ ଚିଲ୍ଲାଇବ ଓ ଆବଶ୍ୟକ ପଡ଼ିଲେ ଚାପୁଡ଼ା ମାରିବ। ଏହି କାର୍ଯ୍ୟ ନିମନ୍ତେ ପ୍ରତିଘଣ୍ଟା ପାଇଁ ସେ ଆଜିକା ଜମାନାରେ ଭାରତୀୟ ମୁଦ୍ରାରେ ୭୧୦ ଟଙ୍କା ଦେବାକୁ ଧାର୍ଯ୍ୟ କରିଥିଲେ। ଯୋଗ୍ୟ ପ୍ରାର୍ଥୀ ଜଣକ ମନୀଷଙ୍କ ଘର କିମ୍ବା କେଫେରେ କାମ କରିବେ। ଶେଷରେ କାରା ନାମ୍ନୀ ଜଣେ ମହିଳାଙ୍କୁ ଏହି ଚାକିରି ମିଳିଥିଲା। ଏହାପରେ 'ସ୍ଲାପ୍ ଚ୍ୟାଲେଞ୍ଜ' ଆରମ୍ଭ ହୋଇଥିଲା। ମନୀଷ ଯେତେବେଳେ ବି ଫେସ୍‌ବୁକ୍ ଖୋଲୁଥିଲେ, କାରା ତାଙ୍କୁ ଚାପୁଡ଼ା ମାରୁଥିଲେ। ତେବେ ମନୀଷ ଏକଦା ବ୍ଲଗ୍‌ରେ ଲେଖିଥିଲେ ଯେ, 'କାରା ତାଙ୍କୁ ଖାଲି ଚାପୁଡ଼ା ମାରୁଥିଲେ ତାହା ନୁହେଁ, ସେ ତାଙ୍କ କାମର ବିଶ୍ଳେଷଣ ମଧ୍ୟ କରୁଥିଲେ। ଯାହାଫଳରେ ତାଙ୍କ କମ୍ପାନିର କାର୍ଯ୍ୟଦକ୍ଷତା ୯୮%କୁ ବୃଦ୍ଧି ପାଇଥିଲା।'

# ଭାଷଣରେ ବିଶ୍ୱ ରେକର୍ଡ




ଅନେକ ଲୋକ ଖୁବ୍ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ରେକର୍ଡ କରିଥାନ୍ତି। ଏହି କ୍ରମରେ ଭାରତର ଲୋକପ୍ରିୟ ମୋଟିଭେସ୍‌ନାଲ୍ ସ୍ପିକର୍ ସୌରଭ ଜୈନ ଲଗାତାର ୩୦ ଘଣ୍ଟା ଧରି ଭାଷଣ ଦେଇ ବିଶ୍ୱ ରେକର୍ଡ କରିଛନ୍ତି। ଜୟପୁର ବିର୍ଲା ଅଡିଟୋରିୟମ୍‌ରେ ଆୟୋଜିତ ଶିକ୍ଷା ମହୋତ୍ସବ ୨୦୨୫ରେ ଯୋଗ ଦେଇ ସେ ଏହି ନିଆରା ରେକର୍ଡ କରିଛନ୍ତି। 'ଶିଖେଗା ଭାରତ ତଭି ତୋ ଆଗେ ବଢ଼େଗା ଭାରତ' ଥିମ୍ ଆଧାରିତ ଏହି ଆୟୋଜନ ବିଦ୍ୟାର୍ଥୀ, ଶିକ୍ଷକ ଓ ପ୍ରେରଣାଦାୟୀ ବକ୍ତାଙ୍କ ମଧ୍ୟରେ ଏକ ନୂତନ ଶକ୍ତି ସଞ୍ଚାର କରିଥିଲା। ତେବେ ସୌରଭଙ୍କ ଏହି ଯାତ୍ରା ଏତେ ସହଜ ନ ଥିଲା। ଆଠ ବର୍ଷର ପ୍ରସ୍ତୁତି, ୪୦,୦୦୦ ଘଣ୍ଟାର ପାଠପଢ଼ା ଓ ୧୫୦୦ ପୁସ୍ତକ ଅଧ୍ୟୟନର ଏହା ପରିଣାମ ଥିଲା। ସୌରଭ ନିଜ ଭାଷଣରେ ଆତ୍ମବିଶ୍ୱାସ, ଆତ୍ମନିର୍ଭରତା, ଆତ୍ମହତ୍ୟାରୁ ରକ୍ଷା ପାଇବାର ଉପାୟ, ଅବସାଦ, ସମୟର ସଦୁପଯୋଗ, ଦୃଢ଼ ନେତୃତ୍ୱ, ସକରାତ୍ମକ ଚିନ୍ତାଧାରା ଭଳି ୧୦୦ଟି ପ୍ରସଙ୍ଗ ଉପରେ ଚର୍ଚ୍ଚା କରିଥିଲେ। ଏଥିସହ ସେ କହିଥିଲେ, ଆମେ କହୁଥିବା ଶବ୍ଦରେ ଅସୀମ ଶକ୍ତି ରହିଛି। ଶବ୍ଦ କୌଣସି ବ୍ୟକ୍ତିର ଜୀବନ ବଦଳାଇ ଦେଇପାରେ। ତେବେ ସେ ପ୍ରତି ୬୦ ସେକେଣ୍ଡରେ ୧୩୦ରୁ ୧୪୦ ଶବ୍ଦ କହିଥିଲେ। ସମ୍ପୂର୍ଣ୍ଣ ସଭାରେ ସେ ମୋଟ ୨.୩ ଲକ୍ଷ ଶବ୍ଦ କହିଥିଲେ। ସେ ବହୁ ବର୍ଷ ଧରି ଏହି ଐତିହାସିକ ରେକର୍ଡ ପାଇଁ ପ୍ରସ୍ତୁତି କରିଥିଲେ। ଏଥିପାଇଁ ସେ ଦୈନିକ ପାଞ୍ଚଘଣ୍ଟା ପଢୁଥିଲେ। ଫିଟ୍‌ନେସ୍, ମେଡିଟେସନ୍ ଆଦି ମାଧ୍ୟମରେ ସେ ନିଜକୁ ମାନସିକ ଓ ଶାରୀରିକ ସ୍ତରରେ ମଜଭୁତ କରିଥିଲେ। ଏହି ଆୟୋଜନରେ ୭୦୦ରୁ ଉର୍ଦ୍ଧ୍ୱ ସଂସ୍ଥାନ ଓ ୨୫୦ ଜଣିଆ ଏକ ବିଶେଷଜ୍ଞ ଟିମ୍ ସାମିଲ ଥିଲେ। ଏହା ପୂର୍ବରୁ ମଧ୍ୟ ସୌରଭ ୨୦୧୮ ମସିହାରେ ୧୬ ଘଣ୍ଟା ୧୮ ମିନିଟ୍ ଓ ୨୦୨୨ ମସିହାରେ ଲଗାତାର ୨୪ ଘଣ୍ଟା ଭାଷଣ ଦେଇ ରେକର୍ଡ କରିଥିଲେ। ଚଳିତ ବର୍ଷ ସେ ଅବିରତ ୩୦ ଘଣ୍ଟା ଭାଷଣ ଦେଇ ଆତ୍ମବିଶ୍ୱାସ, ଦୃଢ଼ମନୋବଳ ଓ ଏକାଗ୍ରତା ଥିଲେ ସବୁ କିଛି ସମ୍ଭବ ହୋଇପାରିବ ବୋଲି ପ୍ରମାଣ କରିଛନ୍ତି।

# ଗ୍ରୀନ୍ ଲେଡି

ପ୍ରତ୍ୟେକ ଲୋକଙ୍କର ଏକ ପ୍ରିୟ ରଙ୍ଗ ଥାଏ। ସେହି ରଙ୍ଗ ଅନୁସାରେ, ସେମାନେ ପୋଷାକ ପିନ୍ଧିବା, ଘର ସଜାଇବାକୁ ପସନ୍ଦ କରନ୍ତି। ନ୍ୟୁୟର୍କ ବ୍ରୁକ୍‌ଲିନ୍‌ର ଏଲିଜାବେଥ୍ ସ୍ୱିଟ୍‌ହାର୍ଟଙ୍କର ସବୁଜ ରଙ୍ଗକୁ ନେଇ ଏକ ଅହେତୁକ ଦୁର୍ବଳତା ରହିଛି। ତାଙ୍କ ପୋଷାକଠାରୁ ଆରମ୍ଭ କରି ନେଇ କେଶ, ଆଖପାଖରେ ଥିବା ସମସ୍ତ ଜିନିଷକୁ ସେ ସବୁଜ ରଙ୍ଗରେ ରଙ୍ଗାୟିତ କରିଛନ୍ତି। ଏଥିପାଇଁ ତାଙ୍କୁ ବ୍ରୁକ୍‌ଲିନ୍‌ର ଗ୍ରୀନ୍ ଲେଡି ବୋଲି କୁହାଯାଉଛି। ୧୯୪୧ ମସିହାରେ କାନାଡ଼ା ନୋଭା ସ୍କୋଟିୟାରେ ଜନ୍ମିତ ଏଲିଜାବେଥ୍ ପିଲାବେଳୁ ରଙ୍ଗ ଦୁନିଆ ସହ ସଂଶ୍ଳିଷ୍ଟ। ଏଲିଜାବେଥ୍‌ଙ୍କ ମତରେ, ସବୁଜ ରଙ୍ଗ ସବୁବେଳେ ତାଙ୍କର ପସନ୍ଦିତ ରଙ୍ଗ ଥିଲା। ଏହା ପ୍ରକୃତିକୁ ପ୍ରତିନିଧିତ୍ୱ କରେ ବୋଲି ସେ କୁହନ୍ତି। ୧୯୬୪ ସେ ତାଙ୍କ ସ୍ୱପ୍ନ ପୂରଣ ପାଇଁ ନ୍ୟୁୟର୍କ ପଳାଇଥିଲେ। ଧୀରେଧୀରେ ସେ ଫେସନ୍ ଇଣ୍ଡଷ୍ଟ୍ରୀର ଜଣେ ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ। ସେ ଅନେକ ସେଲିବ୍ରିଟିଙ୍କ ଫେସନ୍ ଡିଜାଇନର୍ ପାଲଟିଗଲେ। ୧୯୮୭ ମସିହାରେ ସେ ନିଜର ଏକ ଷ୍ଟୁଡିଓ ଖୋଲିଲେ। ଏଠାରେ ୧୫ ବର୍ଷ ଧରି କାମ କରିଥିଲେ। ଏହାପରେ ସେ ତାଙ୍କ ଜୀବନକୁ ପୂରାପୂରି ସବୁଜମୟ କରିବା ପାଇଁ ନିଷ୍ପତ୍ତି ନେଲେ। ପୋଷାକ ସହ ଘରର ପ୍ରତ୍ୟେକ କୋଣ ଅନୁକୋଣ, ଜୋତା, ଏପରିକି କେଶର ରଙ୍ଗ ମଧ୍ୟ ସବୁଜ କରିଛନ୍ତି। ତାଙ୍କ ଘର ଗ୍ରୀନ୍ ମ୍ୟୁଜିୟମ୍ ଭଳି ଲାଗେ। ତାଙ୍କ ପାଖରେ ୩୦ରୁ ଅଧିକ ସବୁଜ ରଙ୍ଗର ଜୋତା ମଧ୍ୟ ରହିଛି। ଏଲିଜାବେଥ୍‌ଙ୍କ ଘରକୁ ଯେ କେହି ଗଲେ ଏକ ଭିନ୍ନ ଦୁନିଆର ଅନୁଭୂତି ନେଇଥାନ୍ତି। ସବୁଜ ତାଙ୍କ ପାଇଁ କେବଳ ଏକ ରଙ୍ଗ ନୁହେଁ ଜୀବନର ଆଦର୍ଶ ପାଲିଟିଛି ବୋଲି ଏଲିଜାବେଥ୍ କୁହନ୍ତି।



# 'ରାମାୟଣ ପାର୍ଟ ୨' ଆସିବାରେ ହେବ ବିଳମ୍ବ

ରଣବୀର କପୁର ଏବେ ବଲିଉଡ୍‌ର ସୁପରଷ୍ଟାର୍ ଭାବେ ଜଣାଯାଉଛନ୍ତି। ତାଙ୍କ ହାତରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟ ରହିଛି। ଇତିମଧ୍ୟରେ ରଣବୀର 'ରାମାୟଣ ପାର୍ଟ ୧'ର ସୁଟିଂ ସାରି ଦେଇଛନ୍ତି। ଏହାପରେ ସେ ସଞ୍ଜୟ ଲୀଳା ଭଁସାଲୀଙ୍କ 'ଲଭ୍ ଆଣ୍ଡ ୱାର୍'ର ସୁଟିଂ ଆରମ୍ଭ କରିଛନ୍ତି। 'ରାମାୟଣ'କୁ ଦୁଇଟି ପାର୍ଟରେ ନିର୍ମାଣ କରାଯାଉଛି। ପ୍ରଥମ ପାର୍ଟର ସୁଟିଂ ସରିଯାଇଛି। ଏହା ୨୦୨୬ ଦୀପାବଳି ଅବସରରେ ଆସିବ। ଏହାର ଦ୍ୱିତୀୟ ପାର୍ଟକୁ ୨୦୨୭ ଦୀପାବଳି ଅବସରରେ ରିଲିଜ୍ କରାଯିବା ପାଇଁ ପୂର୍ବରୁ ଘୋଷଣା କରାଯାଇଛି। ରଣବୀର ଏକାସାଙ୍ଗେ 'ରାମାୟଣ'ର ଦୁଇଟି ପାର୍ଟର ସୁଟିଂ ସାରିବାକୁ ଚାହୁଁଥିଲେ। କାରଣ ଏହା ତାଙ୍କ 'ଲଭ୍ ଆଣ୍ଡ ୱାର୍' ଫିଲ୍ମର ଲୁକ୍‌ଠାରୁ ଅଲଗା ଥିଲା। ସଞ୍ଜୟଙ୍କ ଏହି ଫିଲ୍ମରେ ସେ ବହୁତ ପତଳା ଦେଖାଯିବାର ଅଛି। ଏଥିପାଇଁ ସେ 'ରାମାୟଣ'ର ଦୁଇଟି ପାର୍ଟର ସୁଟିଂ ପରେ 'ଲଭ୍ ଆଣ୍ଡ ୱାର୍' କରିବାର ଥିଲା। 'ରାମାୟଣ'ର ପ୍ରିପ୍ରଡକ୍ସନ କାମ ବିଳମ୍ବ ହେବାରୁ ରଣବୀର ସଞ୍ଜୟଙ୍କ ସହ ସୁଟିଂ ଆରମ୍ଭ କରିଦେଲେ। ସଞ୍ଜୟଙ୍କ ଫିଲ୍ମଗୁଡ଼ିକର ସୁଟିଂ ଦୀର୍ଘ ଦିନ ଧରି ଚାଲେ। 'ଲଭ୍ ଆଣ୍ଡ ୱାର୍' ପାଇଁ ମଧ୍ୟ ସଞ୍ଜୟ ୨୦୦ ଦିନର ସୁଟିଂ ସିଡ୍ୟୁଲ ରଖିଛନ୍ତି। ଏବେ ରଣବୀର ଏହି ଫିଲ୍ମର ସୁଟିଂ ସାରିବା ପରେ ହିଁ 'ରାମାୟଣ ପାର୍ଟ ୨'ର ସୁଟିଂ ଆରମ୍ଭ କରିବେ। ଏଥିପାଇଁ ଏହି ଫିଲ୍ମ ଏବେ ୨୦୨୭ ଦୀପାବଳି ପରିବର୍ତ୍ତେ ଆହୁରି ବିଳମ୍ବରେ ରିଲିଜ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ଉନ୍ନତି ହେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। କଥାରେ ମଧୁରତା ରଖିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଅର୍ଥ ସଞ୍ଚୟ କରିବେ। ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

ସକାଳ THE SAKALA
ଗୁରୁବାର
୨୭ ନଭେମ୍ବର, ୨୦୨୫



ଶ୍ରୀମନ୍ଦିରରେ ଘୋଡ଼ଲାଗି ନୀତି

# ମହାପ୍ରଭୁ ପିନ୍ଧିଲେ ଶୀତବସ୍ତ୍ର



ପୁରୀ,୨୬।୧୧ (ସମିସ): ବୁଧବାର ଶ୍ରୀମନ୍ଦିରରେ ଓଢ଼ଣ ଷଷ୍ଠୀ ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କ ଘୋଡ଼ଲାଗି କରାଯାଇଛି। ସକାଳ ଧୂପ ବଢ଼ିବା ପରେ ଠାକୁରଙ୍କ ମଇଲମ କରାଯାଇଥିଲା। ପୂର୍ବ ରାତିରେ ଭୋଗମଣ୍ଡପ ଘରେ ଅଧିବାସ ହୋଇଥିବା ଘୋଡ଼ଗୁଡ଼ିକୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରାଯାଇ ରତ୍ନସିଂହାସନକୁ ନିଆଯାଇଥିଲା। ପୁଷ୍ପାଳକ ସେବକମାନେ ତିନିଠାକୁରଙ୍କୁ ପାଗ ଓ ଘୋଡ଼ଲାଗି କରିଥିଲେ। ମହାପ୍ରଭୁଙ୍କ ଏହି ଘୋଡ଼ରେ ସୂତାବସ୍ତ୍ର, ଖଣ୍ଡୁଆପାଟ, ଭେଲ୍‌ଭେଟ୍ କପଡ଼ାର ବସ୍ତ୍ର, ଟୋପର, ମଫଲର ପ୍ରଭୃତି ଲାଗି କରାଯାଇଥିଲା। ଘୋଡ଼ଲାଗି ସରିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ମଧ୍ୟ ଲାଗି କରାଯାଇଥିଲା। ପରେ ବନ୍ଦାପନା ସରି ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ମାର୍ଗଶୀର ଶୁକ୍ଳ ଷଷ୍ଠୀରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ବିଗ୍ରହମାନେ ଘୋଡ଼ ପରିଧାନ କରିଥା'ନ୍ତି। ସପ୍ତାହର ୭ ଦିନରେ ୭ ରଙ୍ଗର ଘୋଡ଼ବସ୍ତ୍ର ଲାଗି ହୋଇଥା'ନ୍ତି। ରବିବାର ଲାଲ୍, ସୋମବାର କଳାଛିଟା ମିଶା ଶୁକ୍ଳ, ମଙ୍ଗଳବାର ବାରପଟିଆ (୫ ରଙ୍ଗ ମିଶା), ବୁଧବାର ନୀଳ, ଗୁରୁବାର ବସନ୍ତ (ହଳଦିଆ), ଶୁକ୍ରବାର ଶୁକ୍ଳ (ଧଳା) ଓ ଶନିବାର କଳା ରଙ୍ଗର ଘୋଡ଼ଲାଗି ହୋଇଥା'ନ୍ତି।

ଉଲ୍ଲେଖଯୋଗ୍ୟ, ଶ୍ରୀଜଗନ୍ନାଥ ମହାପ୍ରଭୁ ପରମପାବନ ପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ କରିଛନ୍ତି। ଶ୍ରୀମନ୍ଦିରରେ ଭାଇଭଉଣୀଙ୍କ ସହ ଅବସ୍ଥାନ କରି ମାନବୀୟ ଲୀଳା କରୁଛନ୍ତି। ଏହି କ୍ରମରେ ଖରାଦିନେ ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ଚନ୍ଦନ ଯାତ୍ରା କରିଥା'ନ୍ତି। ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ସହ ମିଶି ଜଳକ୍ରୀଡ଼ା କରନ୍ତି। ସେହିପରି ଶୀତଦିନେ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ସାଧାରଣ ମଣିଷଟିଏ ଭଳି ଶୀତବସ୍ତ୍ର ପରିଧାନ କରିଥା'ନ୍ତି। ମାର୍ଗଶିର ମାସରେ ଅଧିକ ଶୀତ ହୋଇଥାଏ। ତେଣୁ ଶୀତରୁ ରକ୍ଷା ପାଇବା ପାଇଁ ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ଶୀତବସ୍ତ୍ର ପରିଧାନ କରିଥା'ନ୍ତି। ଏହାକୁ ଶ୍ରୀମନ୍ଦିର ଭାଷାରେ ଘୋଡ଼ଲାଗି ବୋଲି କୁହାଯାଇଥାଏ।

# ୪୧ ମାଓବାଦୀଙ୍କ ଆତ୍ମସମର୍ପଣ

**ବନ୍ଧୁକ ଛାଡ଼ି ଧରିଲେ ସମ୍ବିଧାନ**

ମାଲକାନଗିରି, ୨୬।୧୧(ସମିସ): ସମ୍ବିଧାନ ଦିବସରେ ମାଓବାଦୀଙ୍କ ହାତରେ ସମ୍ବିଧାନ ବହି ଧରାଇଲା ପୁଲିସ। ମାଲକାନଗିରି-ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲ୍ଲାରେ ଆଜି ୪୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଦକ୍ଷିଣ ବସ୍ତର ସବ୍-ଜୋନାଲ କମିଟିର ୩୯ ଜଣ ମାଓବାଦୀ ରହିଥିବା ବେଳେ ତେଲେଙ୍ଗାନା ରାଜ୍ୟ କମିଟି ଏବଂ ଧମତାରି ଗାରିଆବନ୍ଦ ନୂଆପଡ଼ା ଡିଭିଜନ୍‌ର ମାଓବାଦୀମାନେ ମଧ୍ୟ ରହିଛନ୍ତି। ଏମାନଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ୧କୋଟି ୧୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏଥିରେ ୧୨ ଜଣ ମହିଳା କ୍ୟାଡର୍ ଏବଂ ୨୯ ଜଣ ପୁରୁଷ କ୍ୟାଡର୍‌ଙ୍କୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟସ୍ରୋତକୁ ଫେରିଥିବା ମାଓବାଦୀ କ୍ୟାଡର୍‌ମାନେ ଭାରତୀୟ ସମ୍ବିଧାନରେ ବିଶ୍ୱାସ ପ୍ରକାଶ କରିଛନ୍ତି। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ସମ୍ମାନଜନକ ଏବଂ ସୁରକ୍ଷିତ ଜୀବନଯାପନ କରିବାକୁ ସଂକଳ୍ପ ନେଇଛନ୍ତି।

ପବନରେ ଜହର

# ଦିଲ୍ଲୀକୁ ଟପିଲା ଅନୁଗୋଳ ଏକ୍ୟୁଆଇ

- ଅସ୍ୱାସ୍ଥ୍ୟକର ବାୟୁ ଶ୍ରେଣୀରେ ଅନୁଗୁଳ
- କଟକ-ଭୁବନେଶ୍ୱର ସ୍ଥିତି ଭୟଙ୍କର

ଭୁବନେଶ୍ୱର,୨୬।୧୧(ସମିସ): ସାରା ଦେଶରେ ବର୍ତ୍ତମାନ ଦିଲ୍ଲୀ ବାୟୁ ପ୍ରଦୂଷଣକୁ ନେଇ ଚିନ୍ତାଜନକ ହୋଇଛି। ମାତ୍ର ଓଡ଼ିଶାରେ ମଧ୍ୟ ବାୟୁର ଗୁଣବତ୍ତାମାନ କ୍ରମାଗତ ହ୍ରାସ ପାଇ ଦିଲ୍ଲୀ ପ୍ରଦୂଷଣକୁ ବି ଅତିକ୍ରମ କରିଛି। ଯଦିଓ ରାଜ୍ୟ ଓ ଜାତୀୟସ୍ତରରେ ଓଡ଼ିଶାର ବାୟୁ ପ୍ରଦୂଷଣକୁ ନେଇ ବିଶେଷ ଚର୍ଚ୍ଚା ହେଉ ନାହିଁ; ହେଲେ ଓଡ଼ିଶାର ଅନେକ ସ୍ଥାନରେ ଲୋକେ ପ୍ରଦୂଷଣ ଭୟରେ ଘରୁ ବାହାରିବାକୁ ମଧ୍ୟ ଭୟ କରୁଛନ୍ତି। ବିଶେଷ କରି ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଣା ହେଉଥିବା ଅନୁଗୁଳରେ ସ୍ଥିତି ସବୁଠୁ ଜଟିଳ ହୋଇପଡ଼ିଛି। କାରଣ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ବୁଲେଟିନ୍ ଅନୁଯାୟୀ ବୁଧବାର ଅନୁଗୁଳରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆଇ) ଦେଶର ୩ ନଂ ସ୍ଥାନରେ ରହିଛି। ଦିଲ୍ଲୀରେ ଏକ୍ୟୁଆଇ ୩୨୭ ଥିବା ବେଳେ ଅନୁଗୁଳରେ ଏକ୍ୟୁଆଇ ୩୩୭ ରେକର୍ଡ କରିଛି।

ଶୀତ ଋତୁ ଆରମ୍ଭ ହେଲେ ରାଜ୍ୟର ଏକାଧିକ ସହରରେ ବାୟୁ ପ୍ରଦୂଷଣ ହେବାରେ ଲାଗେ। ଦେଶରେ ସବୁଠାରୁ ପ୍ରଦୂଷିତ ସହର ଭାବେ ଦିଲ୍ଲୀକୁ ଗଣାଯାଉଥିଲେ ମଧ୍ୟ ଓଡ଼ିଶା ଏହି ତାଲିକାରେ ଯୋଡ଼ି ହେବା ପରିବେଶବିତମାନଙ୍କ ପାଇଁ ଚିନ୍ତା ବଢ଼ାଇଛି। କେବଳ ଅନୁଗୁଳ ନୁହେଁ ଦ୍ୱୈତ ସହର କଟକ ଓ ଭୁବନେଶ୍ୱରରେ ମଧ୍ୟ ପ୍ରଦୂଷଣ ବଳୟ ସୃଷ୍ଟି ହୋଇଛି। ବୁଧବାର ଏହି ଦୁଇ ସହରରେ ଏକ୍ୟୁଆଇ ୩୦୮ରେ ପହଞ୍ଚିଛି। ଯାହାକି ଅତି ଅସ୍ୱାସ୍ଥ୍ୟକର ଶ୍ରେଣୀରେ ଆସୁଛି। ପ୍ରଦୂଷଣ ଅସହ୍ୟ ହେବାରୁ ଦେଶର ରାଜଧାନୀ ଦିଲ୍ଲୀରେ ୱାର୍କ ଫ୍ରମ୍ ହୋମ୍ ଚାଲିଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରଦୂଷଣ ସ୍ଥିତି ଉଦବେଗଜନକ ରହିଥିଲେ ମଧ୍ୟ ସଚେତନତା ଅଭାବରୁ ଲୋକମାନେ ନିଶ୍ୱାସ ପ୍ରଶ୍ୱାସରେ ଅସ୍ୱାସ୍ଥ୍ୟକର ବାୟୁ ଗ୍ରହଣ କରୁଛନ୍ତି। ଏହି ପ୍ରଦୂଷିତ ବାୟୁର ସଂସ୍ପର୍ଶରେ ଅଧିକ ସମୟ ଆସିଲେ ଏହା ଶ୍ୱାସକ୍ରିୟା ଜନିତ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି ସିପିସିବି ଚେତାଇ ଦେଇଛି। ଅନୁଗୁଳ ପରେ ଭୁବନେଶ୍ୱର ଓ କଟକର ଏକ୍ୟୁଆଇ ସବୁଠୁ ଅଧିକ ରହୁଛି। ତେଣୁ ରାଜ୍ୟର ଏହି ଦୁଇ ପ୍ରମୁଖ ସହର ମଧ୍ୟ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଯୋଡ଼ି ହୋଇଯାଇଛି। ପ୍ରଦୂଷଣ ବଢ଼ିବା ଯୋଗୁଁ ରାଜଧାନୀରେ ଦିନ ବେଳା କୁହୁଡ଼ି ଭଳି ସ୍ଥିତି ଦେଖିବାକୁ ମିଳୁଛି। ଆକାଶ ଧୂଆଁଳିଆ ରହିବା ସହ ଦୃଶ୍ୟମାନ ଦୂରତା କମିଯାଉଛି।

ଅନ୍ୟପଟେ ଚଳିତ ବର୍ଷ ଅନୁଗୁଳ ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର-୨୦୨୫ ମିଳିଛି। ବାୟୁ ପ୍ରଦୂଷଣ ରୋକିବାରେ ଅନୁଗୁଳ ଦେଶରେ ତୃତୀୟ ଓ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ହେଲେ ବାସ୍ତବ ସ୍ଥିତିରେ ଅନୁଗୁଳ ବାୟୁ ପ୍ରଦୂଷଣ ସାରା ରାଜ୍ୟ ପାଇଁ ଆହ୍ୱାନ ହୋଇଛି। କେଉଁ ମାନଦଣ୍ଡକୁ ଆଧାର କରି ଅନୁଗୁଳକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର୍ ଅନୁସାରେ, ବାୟୁ ମଣ୍ଡଳରେ ଧୂଳିକଣା ବାର୍ଷିକ ପ୍ରତି ୧ ଘନ ମିଟର ବାୟୁରେ ହାରାହାରି ୬୦ ମିଲିଗ୍ରାମ ରହିବା କଥା। କିନ୍ତୁ ଗତ କିଛି ବର୍ଷ ହେଲା ଏହା ହାରାହାରି ୮୫ ମିଲିଗ୍ରାମ ରହୁଛି। ଯାହା ଫଳରେ ପ୍ରଦୂଷଣ ବୃଦ୍ଧି ପାଉଛି।

# ୬ ପ୍ରତିଭାଦୀପ୍ତଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ

- ୨୦୨୩ ବର୍ଷ ପାଇଁ ପ୍ରଣବ ପଟ୍ଟନାୟକ ଓ ବାଦଲ ସିକଦାର
- ୨୦୨୪ ପାଇଁ ମୋହିନୀମୋହନ ପଟ୍ଟନାୟକ, ସୁଧାକର ସାହୁ
- ୨୦୨୫ ବର୍ଷ ପାଇଁ ଘନଶ୍ୟାମ ପଣ୍ଡା ଓ ଭାଗବତ ପ୍ରଧାନ

ଭୁବନେଶ୍ୱର,୨୬।୧୧(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ୨୦୨୩ ବର୍ଷ, ୨୦୨୪ବର୍ଷ ଓ ୨୦୨୫ ବର୍ଷ ପାଇଁ ନୃତ୍ୟ, କଣ୍ଠ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ, ନାଟ୍ୟକଳା ଓ ଲୋକକଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଓ ସଂସ୍କୃତି କ୍ଷେତ୍ରରେ ଥିବା ବିଶେଷ ଅବଦାନକୁ ଆଧାରକରି ଓଡ଼ିଶା ସଂଗୀତ ନାଟକ ଏକାଡେମୀର ମର୍ଯ୍ୟାଦାଜନକ ସର୍ବୋଚ୍ଚ ସମ୍ମାନ "କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ', 'ଏକାଡେମୀ ପୁରସ୍କାର', 'ଉପାୟନ' ଏବଂ 'କବିଚନ୍ଦ୍ର କାଳିଚରଣ ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ୨୦୨୩ ବର୍ଷ ପାଇଁ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ପ୍ରଣବ କିଶୋର ପଟ୍ଟନାୟକ ଓ ମୋଗଲ ତାମସା ବିଶାରଦ ବାଦଲ ସିକଦାରଙ୍କୁ ମିଳିଛି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ। ସେହିପରି ୨୦୨୪ ବର୍ଷ ପାଇଁ ଖ୍ୟାତନାମା ବଂଶୀବାଦକ ମୋହିନୀ ମୋହନ ପଟ୍ଟନାୟକ, ସୁଧାକର ସାହୁ(ଓଡ଼ିଶୀ ନୃତ୍ୟ) ଏବଂ ୨୦୨୫ ବର୍ଷ ପାଇଁ ଓଡ଼ିଶୀ କଣ୍ଠ ସଙ୍ଗୀତ କ୍ଷେତ୍ରରେ ଘନଶ୍ୟାମ ପଣ୍ଡା ଓ ଶବ୍ଦ ନୃତ୍ୟ ନିମନ୍ତେ ଭାଗବତ ପଧାନଙ୍କୁ ପ୍ରଦାନ କରାଯାଇଛି।

ଅନ୍ୟପକ୍ଷରେ୨୦୨୩ ବର୍ଷ ପାଇଁ ସମିତା ରାଣୀ ମହାନ୍ତି, ପ୍ରେମାଞ୍ଜନ ପରିଡ଼ା, ଅନୁଜ କୁମାର ପଟ୍ଟନାୟକଙ୍କୁ ଅଭିନୟ ପାଇଁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ପୁନଶ୍ଚ ନାଟ୍ୟରଚନା, ନିର୍ଦ୍ଦେଶନା, ମଞ୍ଚକଳା, ଶବ୍ଦ, ଆଲୋକ, ଭକ୍ତି ସଙ୍ଗୀତ, ସୁଗମ ସଙ୍ଗୀତ, ସଙ୍ଗିତ ନିର୍ଦ୍ଦେଶକ, ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ ପାଇଁ 'ସୁନନ୍ଦା ପଟ୍ଟନାୟକ ସମ୍ମାନ', ଆନନ୍ଦ ବାଦ୍ୟ, ତବଲା,ମର୍ଦ୍ଦଳ, ଯନ୍ତ୍ରସଙ୍ଗୀତ, ପାଲା ଦାସକାଠିଆ, ଓଡ଼ିଶୀ ନୃତ୍ୟ, କଳାକ୍ଷେତ୍ରରେ ପାଣ୍ଡିତ୍ୟ ନିମନ୍ତେ ୩୦ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଏହାସହ ନୃତ୍ୟ, ସଙ୍ଗୀତ, ନାଟ୍ୟକଳା, ଲୋକକଳା ନିମନ୍ତେ ୭ଜଣଙ୍କୁ 'ଉପାୟନ' ଏବଂ ସଙ୍ଗୀତ, ନୃତ୍ୟ, ନାଟକ, ଲୋକକଳା କ୍ଷେତ୍ରରେ ବିଶିଷ୍ଟ ଅବଦାନ ନିମନ୍ତେ ୯ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ' କବିଚନ୍ଦ୍ର କାଳିଚରଣ ଯୁବପ୍ରତିଭା ସମ୍ମାନ-୨୦୨୩' ପ୍ରଦାନ କରାଯାଇଛି।

ସେହିପରି ୨୦୨୪ ବର୍ଷ ପାଇଁ ୨୯ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ନୃତ୍ୟ, ସଙ୍ଗୀତ, ନାଟ୍ୟକଳା, ଲୋକକଳା



ନିମନ୍ତେ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଉପାୟନ' ଏବଂ ୭ଜଣଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ-୨୦୨୪' ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୫ବର୍ଷ ପାଇଁ କଳାକ୍ଷେତ୍ରରେ ୨୬ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଏକାଡେମୀ ପୁରସ୍କାର' ସହ ୫ଜଣଙ୍କୁ 'ଉପାୟନ' ପ୍ରଦାନ କରାଯାଇଛି। ଏହାସହ ଜଣଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ-୨୦୨୫' ସମ୍ମାନରେ ସମ୍ମାନିତ କରାଯାଇଛି।

ବୁଧବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ସେ ଦୀର୍ଘଦିନ ହେଲା ଅଟକି ରହିଥିବା ସାହିତ୍ୟ ଏକାଡ଼େମୀ ପୁରସ୍କାର ଶୀଘ୍ର ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ,ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ, ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ସମ୍ମାନିତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫ଲକ୍ଷ ଟଙ୍କା, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ସମ୍ମାନରେ ସମ୍ମାନିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୨.୫ଲକ୍ଷ ଟଙ୍କା, ଏକାଡେମୀ ପୁରସ୍କାରରେ ସମ୍ମାନିତ ବ୍ୟକ୍ତିବିଶେଷଙ୍କୁ ୨ଲକ୍ଷ ଟଙ୍କା, ଉପାୟନରେ ସମ୍ମାନିତ ବ୍ୟକ୍ତିଙ୍କ ପାଇଁ ୧ଲକ୍ଷ ଲେଖାଏଁ ଟଙ୍କା ଏବଂ କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୧୩୪ଜଣ ପ୍ରତିଭାଙ୍କୁ ସର୍ବମୋଟ ୨.୫କୋଟିରୁ ଉର୍ଦ୍ଧ୍ୱ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ମୃତ୍ୟୁ ଘଟଣା

# ଅର୍ପିତା ଓ ୨ ମ୍ୟାନେଜରଙ୍କ ନାଁରେ ଏତଲା

କଟକ, ୨୬।୧୧(ସମିସ): ଓଡ଼ିଆ ସଙ୍ଗୀତ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଆକସ୍ମିକ ଓ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ପ୍ରଥମେ ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ଆଜି ମଧୁପାଟଣା ଥାନାରେ ଏତଲା ଦିଆଯାଇଛି। ସିନେ ନିର୍ଦ୍ଦେଶକ ଜିତୁ ରାଉତ ପ୍ରମୁଖ ୩ ସହଯୋଗୀଙ୍କ ଭୂମିକାକୁ ତଦନ୍ତ କରି ସତ ସାମ୍ନାକୁ ଆଣିବାକୁ ଅଭିଯୋଗ କରିଛନ୍ତି। କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ, ହ୍ୟୁମାନ୍‌ଙ୍କ ୨ ମ୍ୟାନେଜର ପ୍ରଶାନ୍ତ ଓ ଦିନେଶଙ୍କ ନାଁ ଏତଲାରେ ଉଲ୍ଲେଖ କରାଯାଇଛି। ପୁଲିସ ଏତଲାକୁ ପଞ୍ଜିକୃତ କରି ତଦନ୍ତ ଆରମ୍ଭ କରିଛି। କଣ୍ଠଶିଳ୍ପୀ ଅର୍ପିତା, ପ୍ରଶାନ୍ତ ଓ ଦୀନେଶଙ୍କୁ ଖୁବଶୀଘ୍ର ଥାନାକୁ ଡକାଯାଇ ଜେରା କରାଯିବ ବୋଲି ପୁଲିସ କହିଛି। ଅନ୍ୟପଟେ ମୃତ୍ୟୁ ସହିତ ଜଡ଼ିତ ସମସ୍ତ ବ୍ୟକ୍ତି, ପରିବାର ସଦସ୍ୟ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଲୋକଙ୍କୁ ପଚରାଉଚରା କରାଯିବ। ହ୍ୟୁମାନ୍‌ଙ୍କ ମୋବାଇଲ୍ ଫୋନ୍ ସମେତ ସମସ୍ତ ଡିଜିଟାଲ୍ ପ୍ରମାଣ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ମୋବାଇଲ୍ ରେକର୍ଡ, ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜଣାପଡ଼ିଛି।

ନଭେମ୍ବର ୧୭ ତାରିଖରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ହ୍ୟୁମାନ୍‌ଙ୍କ ମୃତ୍ୟୁ ଘଟିଥିଲା। ନଭେମ୍ବର ୧୪ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।



ଡାକ୍ତରମାନେ ତାଙ୍କର ମଲ୍ଟିଅର୍ଗାନ୍ ଡିସ୍‌ଫଙ୍କସନ୍ ସିଣ୍ଡ୍ରୋମ୍, କ୍ରୋନିକ୍ ଲିଭର୍ ଫେଲିଓର୍ ଏବଂ ଦ୍ୱିପାକ୍ଷିକ ନିମୋନିଆ ଭଳି ଗୁରୁତର ରୋଗ ଚିହ୍ନଟ କରିଥିଲେ। ଏହାପର ଠାରୁ ହ୍ୟୁମାନ୍‌ଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ହ୍ୟୁମାନ୍‌ଙ୍କ ମା' ଅଭିଯୋଗ ଆଣିଥିଲେ ଯେ, କଣ୍ଠଶିଳ୍ପୀ ଅର୍ପିତା ଏବଂ ମ୍ୟାନେଜର ଦିନେଶ ଓ ପ୍ରଶାନ୍ତ ହିଁ ତାଙ୍କ ପୁଅର ମୃତ୍ୟୁ ପାଇଁ ଦାୟୀ। ଲକ୍ଷାଧିକ ଟଙ୍କା ହଡ଼ପ, ମାନସିକ ନିର୍ଯ୍ୟାତନା, ଠିକ୍ ସମୟରେ ହ୍ୟୁମାନ୍‌ର ଚିକିତ୍ସା ନକରିବା ଭଳି ସଂଗୀନ ଅଭିଯୋଗ ହୋଇଥିଲା। ବିଶେଷକରି କଣ୍ଠଶିଳ୍ପୀ ଅର୍ପିତା ଦୀର୍ଘ ବର୍ଷ ହେବ ହ୍ୟୁମାନ୍‌ଙ୍କ ସହିତ ସମ୍ପର୍କରେ ରହିଥିଲେ। ହ୍ୟୁମାନଙ୍କ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶକ ଜିତୁ ଦାବି କରିଛନ୍ତି। ତାଙ୍କ ସହ ଅନ୍ୟ କଳାକାରମାନେ ମଧ୍ୟ ଥାନାରେ ସମାନ ଅଭିଯୋଗ କରିଥିବା ଜଣାପଡ଼ିଛି। ନିର୍ଦ୍ଦେଶକ ଶ୍ରୀ ରାଉତଙ୍କ କହିବା ଅନୁସାରେ, ହ୍ୟୁମାନ ରୋଜଗାର କରିଥିବା ବିପୁଳ ଟଙ୍କା ହେରଫେର ହୋଇଛି। ମ୍ୟାନେଜର ଓ ଟିମ୍ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରି ହ୍ୟୁମାନ୍‌ଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇଥିବା କହିଛନ୍ତି। ୨ ପରିଚାଳକ ଦିନେଶ ଓ ପ୍ରଶାନ୍ତ ତାଙ୍କୁ ନିର୍ଯାତନା ଦେଉଥିଲେ ଏବଂ ତାଙ୍କ କଳାକାର ଜୀବନକୁ ନଷ୍ଟ କରିଦେବାକୁ ଚେଷ୍ଟା କରୁଥିଲେ। ସେ ଅସୁସ୍ଥ ଥିବା ସତ୍ତ୍ୱେ ଅଧିକ ଟଙ୍କା ପାଇଁ ତାଙ୍କୁ ଷ୍ଟେଜ୍ ସୋ' କରିବାକୁ ବାଧ୍ୟ କରାଯାଉଥିଲା। ତାଙ୍କର ୨ ପରିଚାଳକ ହ୍ୟୁମାନ୍ ସାଗରଙ୍କ ଅଗୋଚରରେ ସମସ୍ତ ଆର୍ଥିକ କାରବାର, ଷ୍ଟୁଡିଓ ରେକର୍ଡିଂ ଓ ମଞ୍ଚ ପ୍ରୋଗ୍ରାମ୍ ରଖୁଥିବା ଥାନାରେ ଅଭିଯୋଗ ହୋଇଛି।

# ଧରଣୀଧର ପାତ୍ର ବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ

ଭୁବନେଶ୍ୱର, ୨୬।୧୧(ସମିସ):ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ) ବା ବୋର୍ଡର ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଧରଣୀଧର ପାତ୍ର ନିଯୁକ୍ତ ହୋଇଛନ୍ତି। ବାଲେଶ୍ୱରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଏଡିଇଓ) ଭାବେସେକାର୍ଯ୍ୟରତଥିବାବେଳେବିଦ୍ୟାଳୟଓଗଣଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁରୂପ ଭାବେ ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେରଙ୍କୁ ଜଗତସିଂହପୁର ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଭାବେ ନିଯୁକ୍ତ କରାଯାଇଥିବା ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବୋର୍ଡର ପରୀକ୍ଷା ନିୟନ୍ତ୍ରକ ପଦ ଦୀର୍ଘ ଦିନ ଧରି ଫାଙ୍କା ପଡ଼ିଥିଲା। ଏଷ୍ଟାବ୍ଲିସମେଣ୍ଟ ଅଫିସର୍ ଏହାର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ପରେ ପରୀକ୍ଷା ନିୟନ୍ତ୍ରକଙ୍କ ଗୌଣ ଭୂମିକା ପଦାକୁ ଆସିବା ସହ ତତ୍କାଳୀନ ସମ୍ପାଦକ ସର୍ବେସର୍ବା ହୋଇଥିବା ଜଣାପଡ଼ିଥିଲା। ଏବେ ଏହି ପଦରେ ନୂତନ ନିଯୁକ୍ତି ଦିଆଯାଇଥିବା ବେଳେ ମାଟ୍ରିକ୍ ପରୀକ୍ଷାର ସୁପରିଚାଳନା କରିବା ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା

# ଆଜିଠୁ ୩ ଦିନିଆ ରିମାଣ୍ଡରେ ୪ ଦଲାଲ

ଭୁବନେଶ୍ୱର, ୨୬।୧୧(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ତଦନ୍ତ ଜାରି ରହିଥିବାବେଳେ ଆସନ୍ତାକାଲି (ଗୁରୁବାର)ଠାରୁ ଆରମ୍ଭ ହେବ ରିମାଣ୍ଡ ପ୍ରକ୍ରିୟା। ପ୍ରଥମ ପର୍ଯ୍ୟାୟରେ ୪ ଦଲାଲ ଲୋକନାଥ ସାହୁ, ତଫିମ ଅହମ୍ମଦ ଖାନ, ବିଶ୍ୱଜିତ ହରିଚନ୍ଦନ ଓ ଏସ୍‌ଏସ୍‌ବି ଯବାନ ବିଶ୍ୱରଞ୍ଜନ ସେନାପତିଙ୍କୁ ରିମାଣ୍ଡରେ ନେଇ ସିବିଆଇ ମାରାଥନ୍ ଜେରା କରିବ। ଏମାନଙ୍କୁ ୪ ଦିନିଆ ରିମାଣ୍ଡରେ ନେବାକୁ ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଆବେଦନ କରାଯାଇଥିବାବେଳେ ୩ ଦିନିଆ ରିମାଣ୍ଡରେ ନେବାକୁ ଅଦାଲତ ଅନୁମତି ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏହି ୪ ଦଲାଲଙ୍କୁ ପଚରାଉଚୁରା କରି କିଛି ତଥ୍ୟ ହାସଲ କରିବାକୁ ସିବିଆଇ ଯୋଜନା କରିଛି। କିପରି ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରୁଥିଲେ, କାହାକୁ ରିପୋର୍ଟିଂ କରୁଥିଲେ ଓ କାହାର ଭାଗ କେତେ ଥିଲା, ସେ ସମ୍ପର୍କରେ ତଥ୍ୟ ଓଗାଳିବ। ଜେରା ସମୟରେ ଅଭିଯୁକ୍ତଙ୍କ ଓକିଲ ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣା ପଡ଼ିଛି। ସେମାନଙ୍କ ତଥ୍ୟ ଆଧାରରେ ଅନ୍ୟ ଦଲାଲଙ୍କୁ ରିମାଣ୍ଡରେ ଆଣି ଜେରା କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଜଣା ପଡ଼ିଛି। ସମସ୍ତ ତଥ୍ୟପ୍ରମାଣ ଯୋଗାଡ଼ କରିବା ପରେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକ୍‌ର ମାଲିକ ସୁରେଶ ନାୟକକୁ ରିମାଣ୍ଡରେ ଅଣିବ। ଏଥିସହ ବସ୍ ଯୋଗାଇଥିବା ଟ୍ରାଭେଲ୍ସ ମ୍ୟାନେଜର୍ ଓ ମାଲିକଙ୍କୁ ଜେରା କରିବାକୁ ମଧ୍ୟ ସିବିଆଇ ଯୋଜନା କରୁଛି।

ଅପରପକ୍ଷରେ ଏହି ୪ ଦଲାଲଙ୍କ ସଂସ୍ପର୍ଶରେ ଥିବା ପରୀକ୍ଷାର୍ଥୀଙ୍କଠାରୁ ଅଧିକ ତଥ୍ୟ ସଂଗ୍ରହ ପାଇଁ ସିବିଆଇ ଅଧିକ ପରୀକ୍ଷାର୍ଥୀଙ୍କୁ ଜେରା କରିବା ପାଇଁ ଯୋଜନା କରିଛି। ଏହିକ୍ରମରେ ୧୫ରୁ ଅଧିକ ପରୀକ୍ଷାର୍ଥୀଙ୍କୁ ହାଜର ହେବାକୁ ସିବିଆଇ ନୋଟିସ କରିଛି।

ଫାଇଲ ତଳେ ଯୋଜନା

# ଅସ୍ତିତ୍ୱ ଖୋଜୁଛି ଓଡ଼ିଶା କୋଷ୍ଟ କେନାଲ

ବାଲେଶ୍ୱର(ଉତ୍ତର), ୨୬।୧୧ (ବିଶ୍ୱମ୍ବର ଦାସ):



- ୧ଶହ କିମିରୁ ଅଧିକ ଦୀର୍ଘ ଏହି କେନାଲ ବିଲାତି ଦଳରେ ଭର୍ତ୍ତି
- ନ'ଅଙ୍କ ଦୁର୍ଭିକ୍ଷ ପରେ ଫୁଡ୍ ଫର୍ ୱର୍କ ଜରିଆରେ ହୋଇଥିଲା ଖନନ
- ଓଡ଼ିଶା-ବଙ୍ଗ ନୌବାଣିଜ୍ୟର ଥିଲା ପ୍ରମୁଖ ଜଳପଥ

ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଏକ ବିସ୍ତୃତ ଅଞ୍ଚଳର ଅର୍ଥନୈତିକ ବିକାଶ ଓ ପରିବେଶ ସନ୍ତୁଳନ ସହ ଓତପ୍ରୋତ ଭାବେ ଜଡ଼ିତ ଓଡ଼ିଶା କୋଷ୍ଟ କେନାଲ ନିଜ ଅସ୍ତିତ୍ୱ ପାଇଁ ଲଢ଼େଇ କରୁଛି। ପାଞ୍ଚ ଦଶନ୍ଧି ଧରି କ୍ରମାଗତ ଅବହେଳା କାରଣରୁ ଏକଦା ଲକ୍ଷଲକ୍ଷ ଲୋକଙ୍କର ଜୀବନରେଖା ସାଜିଥିବା ଏହି କୋଷ୍ଟ କେନାଲ ଆଜି ସଂକୁଚିତ, ଶୁଷ୍କ, ଶ୍ରୀହୀନ ଏବଂ ଲୁପ୍ତପ୍ରାୟ। ଏହାର ଅର୍ଥନୈତିକ ବିକାଶ ଏବଂ ପରିବେଶ ସନ୍ତୁଳନ କ୍ଷମତାକୁ ଆଖି ଆଗରେ ରଖି ଭାରତ ସରକାର ୨୦୦୪ ମସିହାରୁ ଅଦ୍ୟାବଧି ବିଭିନ୍ନ ସମୟରେ ସଂସଦରେ ଏନେଇ ଆଲୋଚନା କରି ଇଷ୍ଟକୋଷ୍ଟ କେନାଲ ସହ ମହାନଦୀ-ବ୍ରାହ୍ମଣୀ ନଦୀର ସଂଯୋଗୀକରଣ ମାଧ୍ୟମରେ ଜାତୀୟ ଜଳପଥ-୫ ଯୋଜନା ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି। ହେଲେ ଏପର୍ଯ୍ୟନ୍ତ ଏହା ଉପରେ କୌଣସି କାର୍ଯ୍ୟ ଆରମ୍ଭ ନହେବା ଆଶ୍ଚର୍ଯ୍ୟଜନକ ଓ ଦୁଃଖଦାୟକ।

ଅତୀତରେ ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ପାଲଟିଥିବା ଏହି କେନାଲ ଏବେ ମୃତପ୍ରାୟ ଅବସ୍ଥାକୁ ଚାଲିଆସିଛି। ଏହି ଐତିହାସିକ କେନାଲର ପୁନରୁଦ୍ଧାର କେବଳ ପ୍ରସ୍ତାବରେ ଅଟକିଛି। ଏହା କେବେ ବାସ୍ତବ ରୂପ ନେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ୧୮୬୭ ମସିହାରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପରେ ଲୋକଙ୍କୁ କାମ ବଦଳରେ ଖାଦ୍ୟ ଯୋଗାଇବା ଯୋଜନା କରି ତତ୍କାଳୀନ ଇଂରେଜ ସରକାର ଏହି କୋଷ୍ଟ କେନାଲ୍ ଖନନ ଆରମ୍ଭ କରିଥିଲେ। ଏହି କେନାଲ ପଶ୍ଚିମବଙ୍ଗର ନାରାୟଣ ନଦୀରୁ ବାହାରି ଓଡ଼ିଶାର ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ମନ୍ତେଇ ନଦୀର ଚାରବାଟିଆ ଯାଏଁ ରହିଛି। ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ଏହା ୧୨୪ କିମି ଓ ପଶ୍ଚିମବଙ୍ଗରେ ୯୦ କିମି ଅଞ୍ଚଳ ଦେଇ ଯାଇଛି। ଓଡ଼ିଶା ଭିତରକୁ ଏହି କୋଷ୍ଟ କେନାଲ୍ ଭୋଗରାଇ ବ୍ଲକ୍ ଅଧୀନ ଅନଳିଆ ପଞ୍ଚାୟତର ନସରାବାଦ ଗାଁ ନିକଟରେ ପ୍ରବେଶ କରିଛି। ପୂର୍ବରୁ ଏହି କୋଷ୍ଟ କେନାଲ୍ ଓଡ଼ିଶା-ପଶ୍ଚିମବଙ୍ଗ ମଧ୍ୟରେ ନୌବାଣିଜ୍ୟ ପରମ୍ପରାର ଏକ ପରିଚିତ ନାମ ଥିଲା। ତତ୍କାଳୀନ ନୌ-ପରିବହନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଟୋଲ୍ ଆଦାୟ କରାଯାଉଥିଲା।

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ୧୮୯୧ ମସିହାରେ ଏହି କୋଷ୍ଟ କେନାଲ୍‌ରେ ୭ ଦିନ ଯାତ୍ରା କରି ଓଡ଼ିଶା ଆସିଥିଲେ। କୋଷ୍ଟ କେନାଲ୍ ଯୋଗୁଁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ପାଖାପାଖି ୨୪ ହଜାର ହେକ୍ଟର ଜମିରୁ ଉଦ୍‌ବୃତ୍ତ ବର୍ଷା ଓ ବନ୍ୟାଜଳ ସୁରୁଖୁରୁରେ ନିଷ୍କାସିତ ହେଉଥିଲା। ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ନଦୀର ବନ୍ୟା ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଏହି କେନାଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିସହ କେନାଲର ଉଭୟ ପାର୍ଶ୍ୱରେ ଥିବା ଜମି ଜଳସେଚିତ ହୋଇପାରୁଥିଲା। ହଜାରହଜାର ଲୋକେ ମାଛ ମାରି ଜୀବିକା ନିର୍ବାହ କରୁଥିଲେ। ତେବେ ଏହି କେନାଲ୍‌ରେ ଏବେ ନୀଳ ଜଳରାଶି ବଦଳରେ କେବଳ ସବୁଜ ଦଳ ଭର୍ତ୍ତି ହୋଇଛି। କେନାଲର ଶଯ୍ୟା ସମ୍ପୂର୍ଣ୍ଣ ପୋତି ହୋଇଗଲାଣି। ଏହାର ପୁନରୁଦ୍ଧାର ପାଇଁ ୨୦୧୯ ମସିହାରେ ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ହୋଇଥିବା ବେଳେ ଏହା ବାସ୍ତବ ରୂପ ନେଇ ପାରିଲାନି।

୨୦୨୫ ଫେବ୍ରୁଆରିରେ କେନ୍ଦ୍ର ଜଳ ପ୍ରାଧିକରଣର ୩ ଜଣିଆ ଟିମ୍ ବାଲେଶ୍ୱର ଜିଲ୍ଲା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଫଳରେ କେନାଲ୍‌ର ପୁନରୁଦ୍ଧାର ପାଇଁ ଆଶା ସଞ୍ଚାର ହୋଇଥିଲା। ମାତ୍ର ୮ ମାସ ହେଲା ଏଥିରେ କୌଣସି ଅଗ୍ରଗତି ହୋଇପାରିନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟରେ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ଏଭଳି ମହତ୍ୱକାଂକ୍ଷୀ ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଇବାକୁ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହୋଇଛି।

ଟ୍ରକ୍ ଧକ୍କାରେ ସ୍କୁଟିଚାଳକ ମୃତ

# ଧକ୍କା ଦେଇ ୫୦୦ ମିଟର ଘୋଷାଡ଼ିନେଲା

ବୀରମହାରାଜପୁର/ତରଭା,୨୬।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସୋନପୁର ମୁଖ୍ୟ ରାସ୍ତା ଭୁଦୋବର ଢ଼ାବା ନିକଟରେ ଏକ ଟ୍ରକ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ବୀରମହାରାଜପୁର ଥାନା ଅନ୍ତର୍ଗତ କୁମୋରକେଳି ଗ୍ରାମର ଶରଦ ମହାପାତ୍ର (୬୫)। ସକାଳ ପ୍ରାୟ ୭ଟାରେ ଶରଦ ତାଙ୍କ ଘର କୁମୋର୍କେଳି ଗାଁରୁ ସୁବର୍ଣ୍ଣପୁର ଅଭିମୁଖେ ତାଙ୍କ ସ୍କୁଟିରେ ଯାଉଥିଲେ। ଏହି ସମୟରେ ସୋନପୁର ପଟୁ ଆସୁଥିବା ଟ୍ରକ୍(ଓଡି ୧୫ ଏ ବି ୪୪୨୬) ଶରଦଙ୍କ ସ୍କୁଟିକୁ ଭୁଦୋବର ବୁଲାନି ରାସ୍ତା ଢ଼ାବା ନିକଟରେ ଧକ୍କା ଦେଇଥିଲା। ସ୍କୁଟି ଚାଳକ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯିବା ସହ ଟ୍ରକ୍ ଚକା ତଳେ ଚାପି ହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ଶରଦଙ୍କ ମୃତ୍ୟୁ ହୋଇଥିଲା। ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

ଉତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବୀରମହାରାଜପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଲୋକମାନେ ଟ୍ରକ୍ ମାଲିକ ଆସି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଫଳରେ ବୀରମହାରାଜପୁରରୁ ସୋନପୁରକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବୀରମହାରାଜପୁର ଥାନା ଅଧିକାରୀଙ୍କ ସମେତ ଏସ୍‌ଡିପିଓ ହେମନ୍ତ ରାଓ, ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ତହସିଲଦାର ସୁଚୀସ୍ମିତା ପାଣିଗ୍ରାହି, ଅତିରିକ୍ତ ତହସିଦାର ସ୍ୱାଗତ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟୋକ୍ତ ଲୋକଙ୍କୁ ବୁଝାଇଥିଲେ। ଗାଡ଼ି ମାଲିକ ପ୍ରଥମେ କ୍ଷତି ପୂରଣ ଦେବାକୁ ମନା କରିଥିଲେ, ପରେ ୫୦ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ଉପସ୍ଥିତ ଅଧିକାରୀଙ୍କ ବୁଝାସୁଝା ପରେ ଲୋକମାନେ ରାସ୍ତା ଅବରୋଧରୁ ଓହରିଥିଲେ। ବୀରମହାରାଜପୁର ଅଗ୍ନିଶମ ବାହିନୀ ପହଞ୍ଚି ଶବକୁ ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ସରଦଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# 'ନୂତନ ଶ୍ରମ କୋଡ୍ ବାତିଲ କର'

**ବଲାଙ୍ଗିର,୨୬ ।୧୧(ସମିସ):** କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ କୋଡ୍‌କୁ ବାତିଲ କରିବା ପାଇଁ ଦାବି କରି ବଲାଙ୍ଗିର ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ କରାଯାଇଛି । ଶ୍ରମିକ ସଂଗଠନ ସହ କୌଣସି ଆଲୋଚନା ନ କରି ସରକାର ଏପରି ନିଷ୍ପତ୍ତି ନେଇଥିବାରୁ ଏହାକୁ ଘୋର ବିରୋଧ କରାଯାଇଛି । ନୂତନ ଶ୍ରମ କୋଡ୍ ଲାଗୁ ହେବା ଦ୍ୱାରା ଅସ୍ଥାୟୀ ଶ୍ରମିକ ନିଯୁକ୍ତି ଅଧିକ ହେବ । ଶ୍ରମିକମାନଙ୍କୁ ମାଲିକମାନେ ଯେତେବେଳେ .ହିଁବେ ଛଟେଇ କରି ପାରିବେ । ଦୈନିକ କାର୍ଯ୍ୟ ଦିବସ ୧୦ରୁ ୧୨ ଘଣ୍ଟା ବୃଦ୍ଧି ହେଲେ ବିଭିନ୍ନ କାରଖାନା, ଖଣିରେ କାମ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ ନିଯୁକ୍ତି ହରାଇବେ । ମହିଳାମାନଙ୍କୁ ରାତିରେ କାର୍ଯ୍ୟ କରିବାକୁ ବାଧ କରିବା ଦ୍ୱାରା ସେମାନଙ୍କ ନିର୍ଯାତନା ବଢିବାର ଯଥେଷ୍ଟ ସମ୍ଭାବନ ରହୁଛି । ସେହିଭଳି ଟ୍ରେଡ ୟୁନିୟନ କ୍ଷମତାକୁ ସଂକୁଚିତ କଲା ପରେ ମାଲିକମାନଙ୍କ ଦ୍ୱାରା ଶ୍ରମିକମାନେ ଅଧିକ ଶୋଷିତ ହେବେ । ବୋନସ ଓ ଛୁଟି ଭଳି ଅତ୍ୟାବଶ୍ୟକ ସୁବିଧା ଉପରେ ଅଙ୍କୁଶ ଲଗାଇବା ପାଇଁ ସ୍ଥିର ହୋଇଛି । ଯାହା କି ବିନା ୟୁନିୟନରେ ଶ୍ରମିକମାନଙ୍କୁ ଡରାଇ ମାଲିକମାନେ କାର୍ଯ୍ୟ ହାସଲ କରିବା ସହ କାର୍ଯ୍ୟରୁ ଛଟେଇ କରିଦେବେ । ଶ୍ରମିକ ଶୋଷଣ ଅଧିକରୁ ଅଧିକ ବଢିବାରେ ଲାଗିବ । ପୂର୍ବ ଶ୍ରମ ଆଇନକୁ ଠିକ୍ ଭାବେ ଲାଗୁ ହୋଇ ପାରୁ ନ ଥିବା ବେଳେ ମାଲିକ ସପକ୍ଷ ଦାବି ନୂଆ ଶ୍ରମ କୋଡ୍ ସମ୍ପୂର୍ଣ୍ଣ ଭାବରେ ବିରୋଧୀ । ଏହି ନୂଆ ଶ୍ରମ କୋଡ୍ ତୁରନ୍ତ ବାତିଲ କରିବା ଦାବିରେ ଏଆଇଟିୟୁସି ଜିଲ୍ଲା ସଭାପତି ତିର୍ଥ ପଧାନଙ୍କ ନେତୃତ୍ୱରେ କୋଶଲ କଳାମଣ୍ଡପ ପଡିଆଠାରୁ ଶ୍ରମିକମାନଙ୍କ ଏକ ଶୋଭାଯାତ୍ର ବାହାରି ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭରେ ଜିଲ୍ଲା ସହସଂପାଦକ ସାଏବୁ ନନ୍ଦ, ନିର୍ମାଣ ଶ୍ରମିକ ସଂଘରୁ ଜଗବନ୍ଧୁ ବେହେରା, ଟିକେଶ୍ୱରୀ ସାହୁ, ପୁରୁଷୋତ୍ତମ କର୍ମୀ, ନିରାକାର ପଧାନ, ଗ୍ରାମ ପଞ୍ଚାୟତ ଶ୍ରମିକ ସଂଘ ପକ୍ଷରୁ ବିଦୁର କୁମ୍ଭାର, ନିଖିଳ ଓଡିଶା ଆଶା କର୍ମୀ ସଂଘରୁ ସଂଜୁ ବାଗ, ଜାହ୍ନବି ବାରିକ, ହରିପ୍ରିୟା କୁମ୍ଭାର, ମୋନାଲିସା ଦିପ, ସାବିତ୍ରି ରଣା, ବୈଦେଇ ଦଣ୍ଡସେନା, ମୀନା ବାଗ, ଗୌରୀ ଛାତ୍ରିଆ, ଆନନ୍ଦିନୀ ବାରିକ, ଦେବକି ପ୍ରଧାନ, ମନ୍ଦାକିନି ବାରିକ, ସତ୍ୟଭାମା ବାଗ, ମମିତା ନାଏକ, ପୂର୍ଣ୍ଣିମା ସାହୁ, ପଦ୍ମିନୀ ଭୋଇ, ଝରଣା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।




## ଗଣଶିକ୍ଷା ବିଭାଗର ବଦଳି ଖେଳ

# ଗଲେ ୨୨; ଆସିଲେ ୩

## ସ୍ୱାସ୍ଥ୍ୟଗତ ଗ୍ରାଉଣ୍ଡରେ ପ୍ରାଥମିକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶ

**ବଲାଙ୍ଗିର,୨୬ ।୧୧(ସମିସ)**

ବଲାଙ୍ଗିର ଜିଲ୍ଲାରେ ସବୁବେଳେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥାଏ । ଅନେକ ସମୟରେ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭାବ ଏକ ବଡ ସମସ୍ୟା ସାଜିଥାଏ । ତେବେ ରାଜ୍ୟ ସରକାର ଏତେ ପରମାଣର ନିଯୁକ୍ତି ଦେଲେ ମଧ କାହିଁକି ଜିଲ୍ଲାରେ ଶିକ୍ଷକ ସମସ୍ୟା ଏବେ ବି ସମାଧାନ ହୋଇନାହିଁ ତାହା ସବୁଠାରୁ ବଡ ପ୍ରଶ୍ନ । ଏଠି ପ୍ରଶ୍ନ ଉଠୁଛି ବଲାଙ୍ଗିର ଜିଲ୍ଲାରେ ବହୁ ସଂଖ୍ୟାରେ ନିଯୁକ୍ତି ପାଉଥିବା ବାହାର ଜିଲ୍ଲାର ଶିକ୍ଷକ ଶିକ୍ଷୟିତ୍ରୀ ସ୍ଥାୟୀ ଭାବେ ରହୁଛନ୍ତି ତ? ନା ସେମାନେ କିଛି ବର୍ଷ କାମ କରିବା ପରେ ନିଜ ଜିଲ୍ଲା ତଥା ପାଖ ଜିଲ୍ଲାକୁ ବଦଳି ମାଗି ଯାଉଛନ୍ତି ତାହା ଆଲୋଚନାର ବିଷୟ । ତେବେ କିଛି ଦିନ ଭିତରେ ବାହାରିଥିବା ଏକ ବଦଳି ତାଲିକା ଦେଖିଲେ ଜିଲ୍ଲାରେ କାହିଁକି ଏହି ସମସ୍ୟା ସାମଧାନ ହେଉନାହିଁ ତାହା ସହଜରେ ଅନୁମାନ କରାଯାଇପାରେ । ଏହି ବଦଳି ତାଲିକାରେ ଜିଲ୍ଲାର ୨୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଙ୍କ ଇଚ୍ଛା ମୁତାବକ ବଦଳି କରାଯାଇଛି; କିନ୍ତୁ ତାଙ୍କ ବଦଳରେ କେବଳ ୩ ଜଣ ହିଁ ଜିଲ୍ଲାକୁ ବଦଳି ହୋଇଆସିଛନ୍ତି । ତେବେ ବାକି ୧୯ଟି ସ୍କୁଲରୁ ବଦଳି ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦବୀ କିଏ ପୂରଣ କରିବ ତାକୁ ନେଇ ପ୍ରଶ୍ନ ।

- **କେମିତି ସୁଧୁରିବ ପ୍ରାଥମିକ ବ୍ୟବସ୍ଥା**
- **କେମିତି ଭରଣା ହେବ ୧୯ ପଦବୀ**

ପ୍ରତିବର୍ଷ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜର, ଶିଶୁ କିମ୍ବା ସ୍ୱାମୀ/ସ୍ତ୍ରୀଙ୍କ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜିଲ୍ଲା ବାହାରକୁ ବଦଳି ହୋଇଯିବା ପାଇଁ ଆବେଦନ କରିଥାନ୍ତି । ରାଜ୍ୟସ୍ତରୀୟ ବଦଳି କମିଟି ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ବଦଳି ନିର୍ଦ୍ଦେଶ ଦେଇଥାନ୍ତି । ଏହିକ୍ରମରେ ୨୦୨୫ ମସିହା ପାଇଁ ରାଜ୍ୟର ୩୬୩ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ହୋଇଛି । ରାଜ୍ୟ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶାଳୟ ଚିଠି ନଂ ୨୧୭୭୦, ତାରିଖ ୨୪.୧୧.୨୦୨୫ ଅନୁସାରେ ବଲାଙ୍ଗିର ଜିଲ୍ଲାର ୨୨ ଜଣ ଶିକ୍ଷକ ଶିକ୍ଷୟିତ୍ରଙ୍କୁ ଜିଲ୍ଲା ବାହାରକୁ ବଦଳି ହୋଇଛି । ଏହି ନିର୍ଦ୍ଦେଶ ଅନୁସାରେ ରବି ନାରାୟଣ ସୁବୁଦ୍ଧିଙ୍କୁ ଖୋର୍ଦ୍ଧା, ଶୁଭସ୍ମିତା ଦେଓଙ୍କୁ ନୟାଗଡ, ଅଜିତ ସାହୁଙ୍କୁ ସୋନପୁର, କୃଷ୍ଣପ୍ରିୟା ନାୟକଙ୍କୁ ଖୋର୍ଦ୍ଧା, ଯୋଗେନ୍ଦ୍ର ଭୁଏଙ୍କୁ ବରଗଡ, ଦେବେନ୍ଦ୍ର ଦାସଙ୍କୁ ବାଲେଶ୍ୱର, ତୃପ୍ତିଲିସା ପ୍ରିୟଦର୍ଶିନୀଙ୍କୁ ଖୋର୍ଦ୍ଧା, କମଳକାନ୍ତ ପଣ୍ଡାଙ୍କୁ ଭଦ୍ରକ, ରିନା ପଧାନଙ୍କୁ ବରଗଡ, ଦୀପିକା ମିଶ୍ରଙ୍କୁ ଖୋର୍ଦ୍ଧା, ରୋଜାଲିନ ଦେବୀଙ୍କୁ ନୟାଗଡ, ପ୍ରବୀନ ପଟେଲଙ୍କୁ ସୁନ୍ଦରଗଡ, ପ୍ରତାପ ପାତ୍ରଙ୍କୁ ବାଲେଶ୍ୱର, ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କୁ ନୟାଗଡ, ଅନୀତା ଓରାମଙ୍କୁ ସୁନ୍ଦରଗଡ, ତିଲୋତ୍ତମା ନାୟକଙ୍କୁ ଭଦ୍ରକ, ବିନାୟକ ମହାପାତ୍ରଙ୍କୁ ଖୋର୍ଦ୍ଧା, ଲିପ୍ସାମୟୀ ସାହୁଙ୍କୁ ସମ୍ବଲପୁର, ଦୀଲିପ ବିଶ୍ୱାଲଙ୍କୁ ପୁରୀ, ଲୁନାରାନୀ ପରିଡାଙ୍କୁ ପୁରୀ, ନିଲୀମା ମେହେରଙ୍କୁ ବୌଦ୍ଧ ଓ ଜସ୍ମିନ ମାଝିଙ୍କୁ ସମ୍ବଲପୁର ବଦଳି କରାଯାଇଛି । ଜିଲ୍ଲାରେ ବର୍ତ୍ତମାନ କାର୍ଯରତ ୨୨ ଜଣଙ୍କୁ ବଦଳି କରାଯାଇଥିବା ବେଳେ ଏହି ତାଲିକାରେ ବଲାଙ୍ଗିର ଜିଲ୍ଲାକୁ ମାତ୍ର ୩ ଜଣଙ୍କ ବଦଳି କରାଯାଇଛି । ସେମାନେ ହେଲେ ଭୁବନେଶ୍ୱର ଦାସ, ଦେବରାଜ ଭୋଇ, ବିରେଶ ପ୍ରସାଦ ନାଏକ । ତେବେ ଏଠି ପ୍ରଶ୍ନ ଉଠୁଛି ୨୨ ଜଣଙ୍କ ବଦଳରେ ଯଦି ୩ ଜଣ ଜିଲ୍ଲାକୁ ବଦଳି ହୋଇଆସିଲେ ତେବେ ନିହାତି ଭାବେ ୧୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପଦବୀ ଜିଲ୍ଲାରେ ଖାଲିପଡିଲା ।

ଏହିଭଳି ଭାବେ ଯଦି ପ୍ରତିବର୍ଷ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଏତେ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଜିଲ୍ଲା ବାହାରକୁ ବଦଳି ହୋଇଯିବେ ନିହାତି ଭାବେ ଏହା ଜିଲ୍ଲା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ପ୍ରଭାବ ପକାଇବ ବୋଲି ଶିକ୍ଷାବିତମାନେ କହିଛନ୍ତି । ସମସ୍ୟା ଯୋଗୁ ବଦଳି କରାଯିବା ଠିକ କଥା; କିନ୍ତୁ ଯେତେ ପରିମାଣରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଦଳି ହେଉଛି ସେହି ଅନୁସାରେ ପୁଣି ଜିଲ୍ଲାକୁ ସେତେ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଦଳି କରିବାକୁ ଶିକ୍ଷାବିତମାନେ ଦାବି କରିଛନ୍ତି । ଏଥିପ୍ରତି ଉଭୟ ଜିଲ୍ଲା ଶିକ୍ଷା ବିଭାଗ ଓ ରାଜ୍ୟ ଗଣଶିକ୍ଷା ବିଭାଗ ଯତ୍ନବାନ ରହିବା କଥା ବୋଲି ମତ ପ୍ରକାଶ କରିଛନ୍ତି ।

# ପ୍ରକୃତି, ପରିବେଶ ସୁରକ୍ଷା ପାଇଁ ଯୁବପିଢ଼ିକୁ ଆହ୍ୱାନ



**ଦେଓଗାଁ,୨୬ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୁଧବାର ସମ୍ବିଧାନ ଦିବସ ପାଳନ କରାଯାଇଛି । ଏହାସହ ୟୁଥ ଫର୍ ନେଚର ଏଣ୍ଡ ଏନଭାରମେଣ୍ଟାଲ ପ୍ରୋଟେକ୍ସନ ସେମିନାର ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ଆନୁକୂଲ୍ୟରେ ତଥା ଏଫଇଏସର ବ୍ଲକ ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଅଧ୍ୟାପକ କାମେଶ୍ୱର ମେହେର ଯୋଗଦେଇ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏଥିସହ ଜଙ୍ଗଲ ନଷ୍ଟ, ରାସାୟନିକ ସାର ଓ କୀଟନାଶକ ଔଷଧର ବହୁଳ ବ୍ୟବହାର, କଳକାରଖାନା ଆଦିର ପ୍ରଭାବରେ ପ୍ରକୃତି ନଷ୍ଟ ହେବାରେ ଲାଗିଛି । ମାଟି, ପାଣି, ପବନ ପ୍ରଦୂଷିତ ହେଉଛି । ଏଣୁ ଏଗୁଡିକୁ ସୁରକ୍ଷା ଦେବା ପାଇଁ ଯୁବ ଗୋଷ୍ଠୀ ଆଗେଇ ଆସିବା ନିତାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସମ୍ବିଧାନ ଉପରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ମାନୀତ ଅତିଥି ଭାବେ ଲୋକ ଉନ୍ନତି ସଂଗଠନର ବ୍ଲକ ସଂଯୋଜକ ରୂପାଧର ପୁଟା ଯୋଗଦେଇ ପାରମ୍ପାରିକ କୃଷି, ଖାଦ୍ୟ, ବିହନର ଉପାଦେୟତା ଉପରେ ବକ୍ତବ୍ୟ ଦେଇଥିଲେ । ମାଷ୍ଟରଟ୍ରେନର ପାଣିଗ୍ରାହୀ ପ୍ରକୃତି ଓ ପରିବେଶକୁ ସୁରକ୍ଷା ଦେବାରେ ଯୁବଗୋଷ୍ଠିର ଭୂମିକା ଉପରେ ଆଲୋଚନା କରିଥିଲେ । ଏହାସହ ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ଓ ଜୈବିକ ସାର ପ୍ରସ୍ତୁତି, ବ୍ୟବହାର କୌଶଳକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ଖୁସୀରାମ ସାହୁ, ପରିଚାଳନା କମିଟି ସଭାପତି ସଭାପତି ଈଶ୍ୱର ପଧାନ, ଶଶିଭୂଷଣ ସାହୁ, ଡିଇଓ ଦିନେଶ ପ୍ରଧାନ, ଅଧ୍ୟାପିକା ଅଶ୍ୱିନୀ ନନ୍ଦ, ଇତିଶ୍ରୀ ମାଝୀ, ପିଇଟି ସ୍ନିଗ୍ଧା ସିଂ ଦେଓ ଓ ଅଣଶିକ୍ଷକ କର୍ମଚାରୀ ରବିଚନ୍ଦ୍ର ଷାଣ୍ଢ ପ୍ରମୁଖ ସହଯୋଗ କରିଥିଲେ ।

**ତୁଷୁରା:** ବଲାଙ୍ଗିର ଜିଲ୍ଲା ତୁଷୁରା ତୋଷାଳୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇଏସ୍) ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳନ କରାଯାଇଛି । ଏହାସହ ୟୁଥ୍ ଫର୍ ନେଚର୍ ଆଣ୍ଡ ଏନଭାରମେଣ୍ଟାଲ୍ ପ୍ରୋଟେକ୍ସନ୍ ଉପରେ ସେମିନାର ଅନୁଷ୍ଠିତ ହୋଇଯାଇଛି । ମାଷ୍ଟର ଟ୍ରେନର ଭାଗବତ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ତୁଷୁରା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ମହାନ୍ତି, ସମ୍ମାନୀତ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପିକା ସନ୍ଧ୍ୟାରାଣୀ ମିଶ୍ର ଓ ତୁଷୁରା ଏଫଆରଏ ସେଲ ସଂଯୋଜକ ମାନସ ରଞ୍ଜନ ପଧାନ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଯୁବ ପିଢ଼ି ଆଗେଇ ଆସିବାକୁ ଅତିଥିଗଣ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ମଣ୍ଟୁ କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ଧାରଣା




**ଦେଓଗାଁ,୨୬ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଚନ୍ଦ୍ରପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ୨୪ ତାରିଖରୁ କଳାବ୍ୟାଜ୍ ପରିଧାନ କରି ସେମାନେ କାର୍ଯ୍ୟ କରୁଛନ୍ତି । ବୁଧବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ରାଜ୍ୟ ସରକାର ଏଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୮ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବିଧାନସଭା ସମ୍ମୁଖରେ ବିଶାଳ ସମାବେଶରେ ଯୋଗଦେବେ ବୋଲି ଚେତାବନୀ ଦେଇଛନ୍ତି । ଓଏଭି କର୍ମଚାରୀଙ୍କୁ ସରକାରୀ ମାନ୍ୟତା, ଛାତ୍ରୀଛାତ୍ରଙ୍କୁ ଏନଏମଏମଏସ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି, ଜେଇଇ ଓ ନିଟ ପରୀକ୍ଷାରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ, ୟୁନିଫର୍ମ କ୍ୟାଡର ମାନ୍ୟତା, ଶାରୀରିକ ଶିକ୍ଷା, ସଙ୍ଗୀତ ଏବଂ କମ୍ପ୍ୟୁଟର ଶିକ୍ଷକଙ୍କୁ ସମାନ କାମକୁ ସମାନ ଦରମା ପାଇଁ ୪୬୦୦ଗ୍ରେଡ ପେ, ପ୍ରତ୍ୟେକ ବିଦ୍ୟାଳୟରେ ବିଜ୍ଞାନ, ବାଣିଜ୍ୟ, କଳା ବିଭାଗ ଖୋଲିବା ସହ ଓଡିଆ, ହିନ୍ଦୀ, ସଂସ୍କୃତ ବିଷୟ ପାଇଁ ପିଜିଟି ପଦବୀ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

## ଶବ ହୋଇ ଫେରିଲା ରୋଜଗାରିଆ ପୁଅ



**ବଲାଙ୍ଗିର,୨୬ ।୧୧(ସମିସ):** ବାହାଘର ପରେ ପରିବାର ଚଳାଇବା ପାଇଁ ଘରୁ ଗୋଡ କାଢିଥିଲେ । ସଦର ଥାନା କୁଶମେଲ ଅଞ୍ଚଳରୁ ସୁଦୂର ଆନ୍ଧ୍ରପ୍ରଦେଶର ଗୁଣ୍ଟୁରକୁ ଜଣେ ସର୍ଦ୍ଦାର ଜରିଆରେ କାମ କରିବାକୁ ଯାଇଥିଲେ । କିଛି ମାସ କରିବା ପରେ ସେଠାରେ ଟ୍ରକ ଧକ୍କାରେ ଶେଷରେ ତାଙ୍କ ଜୀବନ ଯାଇଛି । ମୃତ୍ୟୁ ପରେ

### ଗୁଣ୍ଟୁରରେ କାମକୁ ଯାଉଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁ

### ଅସହାୟ ହୋଇଗଲେ ବିଧବା ମା', ସ୍ତ୍ରୀ

କେହି ପାଖ ମାଡିଲେନି । ସର୍ଦ୍ଦାର କି କାମ କରୁଥିବା କମ୍ପାନୀ ମଧ୍ୟ କିଛି ସହଯୋଗ କଲାନି । ଶେଷରେ ଖବର ପାଇ ଗାଁ ଲୋକେ ଚାନ୍ଦା କରି ଆମ୍ବୁଲାନ୍ସରେ ଗାଁକୁ ଶବ ଆଣି ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି ।

ବଲାଙ୍ଗିର ସଦର ଥାନା କୁଶମେଲ ବ୍ରାହ୍ମଣୀପାଲି ଗାଁର ସଚିନ ଛତ୍ରିଆ (୨୭) । ଗତ ୧୦ ମାସ ତଳେ ସେ ବିବାହ କରିଥିଲେ । ବିବାହ ପରେ ପରିବାର ଚଳାଇବା ସଚିନଙ୍କ ପାଇଁ ବଡ ଚ୍ୟାଲେଞ୍ଜ ସାଜିଥିଲା । ଶେଷରେ ସେ ଘର ଚଳାଇବା ପାଇଁ ଗୁଣ୍ଟୁରକୁ କାମ କରିବାକୁ ଯାଇଥିଲେ । ପ୍ରାୟ ୬ ମାସ ରହି ସେଠାରେ କାମ କରି ଘରକୁ ଟଙ୍କା ପଠାଉଥିଲେ । ତାଙ୍କ ଟଙ୍କାରେ ବିଧବା ମା' ଓ ନବ ବିବାହିତା ସ୍ତ୍ରୀ ଚଳୁଥିଲେ । ଗତ ଶନିବାର ସେ କାମ କରିବାକୁ ଯାଉଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଘର ଲୋକ ଖବର ପାଇବା ପରେ ତାଙ୍କ ଶବ ଆଣିବା ପାଇଁ ମଧ୍ୟ ଅସମର୍ଥ ଥିବାରୁ ଗାଁ ଲୋକଙ୍କୁ କହିଥିଲେ । ସେଠାରେ ତାଙ୍କ କମ୍ପାନୀ କିମ୍ବା ସଂପୃକ୍ତ ସର୍ଦ୍ଦାରଙ୍କ ପକ୍ଷରୁ କୌଣସି ସହାୟତା ମିଳି ନ ଥିଲା । ଏହା ଫଳରେ ଗାଁ ଲୋକେ ବାଧ ହୋଇ ଚାନ୍ଦା କରି ତାଙ୍କ ଶବ ଆମ୍ବୁଲାନ୍ସରେ ଆଣିଥିଲେ । ଗାଁରେ ଶବ ପହଞ୍ଚିଲା ପରେ ଦୁଃଖଦ ପରିବେଶ ସୃଷ୍ଟି ହୋଇଥିଲା । ତେବେ ରୋଜଗାରିଆ ପୁଅକୁ ହରାଇ ବିଧବା ମା' ଓ ବିଧବା ସ୍ତ୍ରୀ ଅସହାୟ ହୋଇପଡିଛି । କେମିତି ଚୁଲି ଜଳିବ ତାହା ଏବେ ବଡ ପ୍ରଶ୍ନ ହୋଇରହିଛି ।

# ସମ୍ବିଧାନ ଦିବସ ପାଳିତ



**ମୁରିବାହାଲ, ୨୬ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଛି । ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ମହାନନ୍ଦ ଅଧ୍ୟକ୍ଷତା କରିଥିଲେ । ହୃଦାନନ୍ଦ ପୁହାଣ, ରାଧେଶ୍ୟାମ ତ୍ରିପାଠୀ, ବିକ୍ରମ ତାଣ୍ଡି, ଭବାନୀ ପୋଢ଼, ସୁପ୍ରିୟା ନାଗ ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ମୁରିବାହାଲ ବ୍ଲକ ଟେନ୍ତୁଲିଖୁଣ୍ଟି ପଞ୍ଚାୟତ ଗୁଞ୍ଜିତରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଥିଲା । ସଫଳା ମିଶ୍ର, ଜୟମାଳିନୀ ପଟ୍ଟନାୟକ, ପ୍ରିୟଦର୍ଶିନୀ ସ୍ୱାଇଁ, ନୀଳମଣି ଦୀପ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜିଠୁ ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତା




**ବଲାଙ୍ଗିର,୨୬ ।୧୧(ସମିସ):** ବଲାଙ୍ଗିରରେ ଗୁରୁବାରଠାରୁ ୬୯ ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ, ଫେନ୍ସିଂ ଓ ଥାଙ୍ଗଟା ପ୍ରତିଯୋଗିତା ଆରମ୍ଭ ହେବ । ଏନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୮୯୭ ପ୍ରତିଯୋଗୀ ଭାଗ ନେବେ । ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଓ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ଏହି ସୂଚନା ଦେଇଛନ୍ତି । ୩୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଏଥିରେ ୫୩୬ ଫୁଟବଲ ଖେଳାଳି, ୭୪ ଜଣ ଫେନ୍ସି ଓ ଥାଙ୍ଗଟାରେ ୩୭ ଜଣ ଭାଗ ନେବେ । ୨୫୦ ଜଣ ଟେକ୍ନିକାଲ କର୍ମଚାରୀ ଯୋଗ ଦେବେ । ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଯୋଗଦେବେ । ଗୁରୁବାର ଅପରାହ୍ନ ୩ଟାରେ ଗାନ୍ଧୀ ଷ୍ଟାଡିୟମରେ ଏହା ଉଦ୍‌ଘାଟିତ ହେବ । ୨୯ ତାରିଖ ସନ୍ଧ୍ୟା ୫ଟାରେ ଟାଉନ ବାଳିକା ବିଦ୍ୟାଳୟରେ ଫେନ୍ସି ଓ ଥାଙ୍ଗଟା ପ୍ରତିଯୋଗିତାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୩୦ ତାରିଖରେ ଗାନ୍ଧୀ ଷ୍ଟାଡିୟମରେ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ କରାଯିବ । ଫୁଟବଲ ପ୍ରତିଯୋଗିତା ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମ, ରାଜେନ୍ଦ୍ର ନାରାୟଣ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ପଡିଆ, ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ, ମିଶନ ପଡିଆ, ସଦେଇପାଲି ସାଇଟ୍ ପଡିଆ, ଖୁଜେନପାଲି ପଡିଆରେ ଅନୁଷ୍ଠିତ ହେବ । ଏଥିପାଇଁ ସମସ୍ତ ପ୍ରତିଯୋଗୀ ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ ଖାଇବା, ରହିବା, ଯାତାୟାତ କରିବା, ସୁରକ୍ଷାର ସମସ୍ତ ବ୍ୟବସ୍ଥା କରାଯାଇଥିବା ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠୀଙ୍କ ସହ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ହ୍ୟୁମାନଙ୍କ ମାଁଙ୍କୁ ସମବେଦନା ଜଣାଇଲେ ଟୁକୁନି



**ଟିଟିଲାଗଡ଼,୨୬ ।୧୧(ସମିସ):** କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଅକାଳ ବିୟୋଗକୁ ନେଇ ସାରା ଓଡ଼ିଶାର କଳାକାର ମହଲରେ ଦୁଃଖ ପ୍ରକାଶ ପାଇଛି । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ହ୍ୟୁମାନଙ୍କ ଟିଟିଲାଗଡ଼ସ୍ଥିତ ବାସଭବନ ଯାଇ ତାଙ୍କ ମାଁଙ୍କୁ ସାକ୍ଷାତ ସହ ସମବେଦନା ଜଣାଇଛନ୍ତି । ହ୍ୟୁମାନଙ୍କୁ ସେ ଅନେକ ଥର ସାକ୍ଷାତ କରିଛନ୍ତି । ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ତେବେ ଅଳ୍ପ ବୟସରେ ତାଙ୍କ ପରଲୋକ ତାଙ୍କୁ ଗଭୀର ଆଘାତ ଦେଇଥିବା ଶ୍ରୀମତୀ ସାହୁ କହିଛନ୍ତି । ହ୍ୟୁମାନଙ୍କ ମାଁ ଶେଫାଳିଙ୍କୁ ଟୁକୁନି ସମବେଦନା ଜଣାଇଥିଲେ । ଏହି ସମୟରେ ଟୁକୁନିଙ୍କ ସହ ପୌର ଉପାଧକ୍ଷା ପୁଷ୍ପା ମଞ୍ଜରୀ ଜାଲ, ବରିଷ୍ଠ ବିଜେଡି ନେତା ଅରୁଣ ମିଶ୍ର, କାଉନସିଲର ମାନସ ସାହୁ, ସଚିକାନ୍ତ ବାରିକ, ବାପି ଗୁମାନ ସିଂ, ବିଶାଳ ନାୟକ, ଦୀପକ ବେହେରା, ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପଟାମରା କ୍ରିକେଟ ଟିମ୍‌ର ପାଞ୍ଚ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଟୁର୍ଚାକାନିକୁ ହରାଇ ଝରିଆଲ୍ ଚାମ୍ପିଅନ



**ମୁରିବାହାଲ,୨୬ ।୧୧(ସମିସ)**

ବଲାଙ୍ଗିର ଜିଲ୍ଲା ହଳଦୀ ପଞ୍ଚାୟତ ପଟାମରା କ୍ରିକେଟ ଟିମ୍ ପକ୍ଷରୁ ହେଉଥିବା ପାଞ୍ଚ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ୧୬ଟି ଟିମ୍‌କୁ ନେଇ ହୋଇଥିବା ଏହି କ୍ରିକେଟ ଖେଳରେ ଫାଇନାଲକୁ ଝରିଆଲ ଟିମ୍ ଓ ଟୁର୍ଚାକାନି ଟିମ୍ ପହଞ୍ଚିଥିଲେ । ୧୦ ଓଭରର ଫାଇନାଲ ଖେଳରେ ଟୁର୍ଚାକାନି ଟିମ୍ ଅଲ୍‌ଆଉଟ୍ ହୋଇ ମାତ୍ର ୫୭ ରନ୍ କରିପାରିଥିଲା । ଝରିଆଲ ଦଳ ମାତ୍ର ତିନି ଓଭରରେ ୫୮ ରନ୍ କରି ବିଜୟ ହାସଲ କରିଥିଲେ । ପଟାମରା ଖେଳପଡିଆରେ ହୋଇଥିବା ଏହି ପାଞ୍ଚ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ମୁରିବାହାଲ ବ୍ଲକର ନବୀନ ତାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗରେଇ ପଞ୍ଚାୟତର ଗ୍ରାମସାଥୀ ଜଗତ ବେହେରା ଓ ପଟମାରା ଗ୍ରାମର ଲଳିତ ଗହିର ମଞ୍ଚାସୀନ ଥିଲେ । ଫାଇନାଲ ଖେଳରେ ମ୍ୟାନ ଅଫ ଦି ମ୍ୟାଚ୍ ଝରିଆଲର ବିବେକ କୁମାର ପାଇଥିବା ବେଳେ ମ୍ୟାନ ଅଫ ଦି ସିରିଜ୍ ଟୁର୍ଚାକାନିର ଖେଳାଳି ଭିକାରୀ ଶିକା ହାସଲ କରିଥିଲେ । ତରୁଣ ଛତ୍ରିଆ, ବଶୁ ଛତ୍ରିଆ, ଦିଗାମ ଛତ୍ରିଆ, ଅଶୋକ ଭୋଇ, ଅଜୟ ଛତ୍ରିଆ, ଲୋଚନ ହଂସ, ଝଶକେତନ ବଛା ତଥା ସମସ୍ତ ଟିମ୍ ମେମ୍ବରଙ୍କ ନେତୃତ୍ୱରେ ପଟାମରା ଖେଳ ପଡିଆରେ ଖେଳ ଉଦ୍‌ଯାପିତ ହୋଇଥିଲା ।

# ବିକଶିତ ଯାତ୍ରା ଉପଲକ୍ଷେ ବିକଶିତ ଭାରତର ଚିତ୍ର କାର୍ଯ୍ୟକ୍ରମ



**ଦେଓଗାଁ,୨୬ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୁଧବାର ସ୍ଥାନୀୟ ଲୋକ ଉନ୍ନତି ସଂଗଠନ ପକ୍ଷରୁ ବିକଶିତ ଯାତ୍ରା ଉପଲକ୍ଷେ ବିକଶିତ ଭାପତର ଚିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇଶ୍ୱର ପଧାନ ସଭାପତିତ୍ୱ କରିଥିଲେ । ଆଜିଠୁ ୨୦୪୭ ମସିହା ପର୍ଯ୍ୟନ୍ତ ସ୍ୱାଧୀନତାର ଶହେବର୍ଷ ପର୍ତ୍ତି ଉପଲକ୍ଷେ ବିକଶିତ ଭାରତର ଚିତ୍ର କେମିତି ରହିବ, ଯୁବକମାନଙ୍କ ଉନ୍ନତି, ମହିଳାମାନଙ୍କ ଉନ୍ନତି, କୃଷକମାନଙ୍କ ଉନ୍ନତି ଓ ଗରିବ ଶ୍ରେଣୀର ଲୋକଙ୍କ ଉନ୍ନତି କେମିତି ରହିବ, ଗ୍ରାମଗୁଡିକରେ ଆର୍ଥିକ, ଭୌଗୋଳିକ, ସାମାଜିକ ସ୍ଥିତି କେମିତି ରହିବ ସେ ଉପରେ ଛାତ୍ରୀମାନେ ଚିତ୍ର ଓ କାହାଣୀ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ଶିକ୍ଷାବିତ କାମେଶ୍ୱର ମେହେର, ଅଧ୍ୟାପିକା ଅଶ୍ୱିନୀ ନନ୍ଦ, ଅଧ୍ୟାପକ ଶଶିଭୂଷଣ ସାହୁ, ଦିନେଶ ପଧାନ, ରବିଚନ୍ଦ୍ର ଷାଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ । ସଂଗଠନର ସୁଶୀଳ ନନ୍ଦ ଶରତ ସୁନା, ବିଦ୍ୟାଧର ଜାଲ ପ୍ରମୁଖ ସହଯୋଗ କରିଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# କାଣ୍ଡେଲ ଅଞ୍ଚଳରେ ବାର୍‌ହା ଉପଦ୍ରବ



**କେସିଙ୍ଗା, ୨୬ ।୧୧(ସମିସ)** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କାଣ୍ଡେଲ ଅଞ୍ଚଳରେ ବାର୍‌ହା ଉପଦ୍ରବ ଦେଖିବାକୁ ମିଳିଛି। ଚାଷ ଆରମ୍ଭରୁ ବିଲରେ ପଶି ଚାଷ ଖରାପ କଲେ ଶେଷରେ ଖଳାରେ ଶୁଖୁଥିବା ଧାନକୁ ବି ଛାଡିଲେ ନାହିଁ। ପ୍ରାପ୍ତସୂଚନା ଅନୁଯାୟୀ କାଣ୍ଡେଲ ଅଞ୍ଚଳରେ ବାର୍‌ହା ଗତ କିଛି ମାସ ଧରି ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି। ଏଯାଏଁ ଚାଷୀଙ୍କୁ ପ୍ରଥମ ସହାୟତା ମିଳିନ ଥିବା ବେଳେ, ଏବେ ଅମଳ ଧାନକୁ ମଧ୍ୟ ଦଳି ଦେଇଛନ୍ତି ବାର୍‌ହା ପଲ। ଗତ ସୋମବାର ମଧ୍ୟରାତ୍ରିରେ ଚାଷୀ ଟିକେରାମ ବାଗ ନିଜ ଘର ଠାରୁ ପ୍ରାୟ ୧ କିମି ଦୂରରେ ଥିବା ନିଜ ୩ ଏକର ଜମିରେ ଧାନ ଚାଷ ଅମଳ କରି ନିଜ ଖଳାରେ ଶୁଖାଇ ଥିଲେ ହଠାତ୍ ବାରହା ପଲ ପଶି ଖଳାରେ ଶୁଖା ଯାଇଥିବା ଧାନକୁ ଖାଇବା ସହିତ ଚାରିଆଡ଼େ ଫିଙ୍ଗା ଫୋପଡ଼ା କରିଥିଲେ। ବରାହର ଉପସ୍ଥିତି ପାଇଁ ରାତିରେ ଟିକେରାମଙ୍କ ନିଦ ଭାଙ୍ଗିବାରୁ ସେ ହଠାତ୍ ଉଠିପଡ଼ିଥିଲେ। କିନ୍ତୁ ହାତରେ କେବଳ ଟର୍ଚ୍ଚଲାଇଟ୍ ଖଣ୍ଡେ ଥିବା ବେଳେ ଏକୁଟିଆ ସାହାସ ଜୁଟାଇ ନପାରି ବାରହା ଘଉଡାଇବାକୁ ଅସମର୍ଥ ହୋଇଥିଲେ। ନିଜ ସମ୍ପର୍କିୟଙ୍କୁ ଫୋନ୍ କରି ଡାକିଥିଲେ ସୁଦ୍ଧା ବାରହା ଭୟରେ କେହି ପାଖକୁ ଯାଇନଥିଲେ। ସକାଳ ହେବାରୁ ଟିକେରାମ ଏନେଇ ଗଣମାଧ୍ୟମକୁ ଜଣାଇବା ସହିତ ବନବିଭାଗର କର୍ମଚାରୀଙ୍କୁ ଚାଷୀ ଜଣକ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ।ଫଳରେ ଏବେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।ଏବେ କାଣ୍ଡେଲ ଅଞ୍ଚଳରେ ବାରମ୍ବାର ଜଙ୍ଗଲି ବାର୍‌ହା ଚାଷୀଙ୍କ ଧାନ ଚାଷ, ମକା ଚାଷ ନଷ୍ଟ କରୁଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ ଏବଂ ଅନଲାଇନ ପୋର୍ଟାଲରେ ପଞ୍ଜୀକରଣ କଲେ ମଧ୍ୟ ସହାୟତା ଯୋଗାଇ ଦିଆଯାଉ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଚାଷୀଙ୍କ ସହାୟତା ଯୋଗାଇ ଦିଆଯାଉ ବୋଲି ଅଞ୍ଚଳରେ ଦାବି ହୋଇଛି।

# ମହାଲକ୍ଷ୍ମୀ ପୂଜା ମଣ୍ଡପ ଲୋକାର୍ପଣ



**ସିନାପାଲି, ୨୬ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଲିଟିଗୁଡା ପଞ୍ଚାୟତସ୍ଥିତ କୋକପଦର ଗ୍ରାମରେ ନବ ନିର୍ମିତ ମହାଲକ୍ଷ୍ମୀ ପୂଜା ମଣ୍ଡପର ଲୋକାର୍ପଣ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି ଓ ସମ୍ମାନିତ ଅତିଥି ଭାବେ ବିଜେଡି ସାଂସଦ ପ୍ରାର୍ଥି ଲମ୍ବୋଦର ନିଆଲ ଓ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଶିବପ୍ରସାଦ ମୁଣ୍ଡ ପୂର୍ବତନ ଜିଲ୍ଲା ପରିଷଦ ପ୍ରିୟ ରଞ୍ଜନ ମେହେର, ଅମିତ ଜୈନ, ସୁବ୍ରତ ଠାକୁର, ଆଇନଜୀବୀ ହେମନ୍ତ ମାଝୀ, ଶରତ ଚନ୍ଦ୍ର ଚିନାଗୁନ, ସିନାପାଲି ବ୍ଲକ ଯୁବ ଯାଦବ ସମାଜ ସଭାପତି ସୁରେଶ ବାଗ, ଉଦନ୍ତୀ ମଣ୍ଡଳ ସଭାପତି ପୁସ୍ତମ ମଶ୍ରା, ସମାଜ ସେବୀ ନିରଞ୍ଜନ ଘିଭେଲା, ଆତ୍ମାରାମ ନାଗ, ରତ୍ନାକର ମାଝୀ, ରିଖିରାମ ବାଗ, ଛତିଶ ଚନ୍ଦ୍ର ଯୋଶୀ, ସ୍ଥାନୀୟ ସରପଞ୍ଚ ରସ୍ମିତା ଚିନାଗୁନ ନାଏବ ସରପଞ୍ଚ ଲଳିତ ମାଝୀ, ଦୁର୍ଯ୍ୟୋଧନ କଟା, କେଶବ ବାଗ, ବୈଦ୍ୟନାଥ ଚିନାଗୁନ ସମେତ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ।

## ଭୌଗୋଳିକ ଭୂଖଣ୍ଡ ଯୋଡ଼ିବାର ପ୍ରାକୃତିକ ବ୍ୟବସ୍ଥା ହିଁ ଡଙ୍ଗରଗଡ଼ ମହୋତ୍ସବ

# ପଦ୍ମଶ୍ରୀ ପଟ୍ଟାଏତ ସାହୁଙ୍କୁ ଡଙ୍ଗରପୁରୁଷ ସମ୍ମାନ

**ଭବାନୀପାଟଣା, ୨୬ ।୧୧(ସମିସ)**

ମଣିଷ ମଧ୍ୟରେ ଥିବା ସୂକ୍ଷ୍ମ ଭାରସାମ୍ୟଟି ହେଲା ପ୍ରାକୃତିକ ପରିବେଶ। ଜଳ, ଜମି, ଜଳବାୟୁ ପାହାଡ଼ ପର୍ବତ, କୀଟ ପତଙ୍ଗ ବୃକ୍ଷରାଜୀ ସହ ପାରମ୍ପରିକ କଳା, ସଂସ୍କୃତି ଓ ସଂହତିର ନିବିଡତା ଭିତରେ ପର୍ଯ୍ୟଟନର ଅନ୍ତଃସ୍ୱର ଡଙ୍ଗରଗଡ଼ ମହୋତ୍ସବ। ଯାହା ଦେଶରେ ପର୍ଯ୍ୟଟନ ଆନ୍ଦୋଳନକୁ ନୂତନ ଦିଶା ଦେଖାଇଛି। ଅଞ୍ଚଳର ପ୍ରତିଟି ଜନସାଧାରଣ ସ୍ୱତଃ ପ୍ରବୃତ୍ତ ଭାବେ ଆଗକୁ ଆସି ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ଏକ ପ୍ରାକୃତିକ ବ୍ୟବସ୍ଥାରେ ଅଣ୍ଟାଭିଡ଼ିବା ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ। ଡଙ୍ଗରଗଡ଼ ଅନ୍ତର୍ଗତ ବ୍ରାହ୍ମଣୀ ପର୍ବତମାଳାର ବିଭିନ୍ନ ଆଧ୍ୟାତ୍ମିକ ବୈଶିଷ୍ଟ୍ୟ ଓ ପାଞ୍ଚଗୋଟି ଅତୀବ ଆକର୍ଷଣୀୟ ଜଳପ୍ରପାତର ସୁରକ୍ଷା, ଉନ୍ନୟନ ତଥା ପ୍ରଚାର ପ୍ରସାର ସହିତ ସେଗୁଡିକୁ ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବାକୁ ନିରନ୍ତର ସଂଘର୍ଷ ଆଜି ସଫଳ ରୂପ ନେଇଛି। ଏଠାକାର ମହୋତ୍ସବ ଏକ ବୃହତ୍ତ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଆଗାମୀ ଦିନରେ ଏହି ମହୋତ୍ସବ ଜାତୀୟ ମାନ୍ୟତା ପାଇବାର ସମସ୍ତ ମାନଦଣ୍ଡ ପରିପୂରଣ କରୁଛି। ତେବେ ବନବିଭାଗ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଦ୍ୱାରା କିଛି କିଛି ପଦକ୍ଷେପ ଆରମ୍ଭ ହୋଇଥିବାବେଳେ ପ୍ରଶାସନ ଦ୍ୱାରା ସଡ଼କପଥ ସଂଯୋଗ ହିଁ ଏହାର ବିକାଶ ଦିଗରେ ସହାୟକ ହେବ ବୋଲି ଆଜି ଭବାନୀପାଟଣା ସଦର ବ୍ଲକ କଳମଠାରେ ଆୟୋଜିତ ପଞ୍ଚମ ଡଙ୍ଗରଗଡ଼ ମହୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଡଙ୍ଗରଗଡ଼ ସୁରକ୍ଷା ପରିଷଦ ଟ୍ରଷ୍ଟ ଓ କଳମ ଅଞ୍ଚଳବାସୀଙ୍କ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପଟାଏତ ସାହୁ ଯୋଗ ଦେଇଥିବା ବେଳେ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ତଥା ପ୍ରତିଭା ଅନୁଷ୍ଠାନର ଅଧ୍ୟକ୍ଷ ଧାନାନନ୍ଦ ପଣ୍ଡା ଯୋଗ ଦେଇଥିବାବେଳେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଚିଣ୍ଟୁ ପ୍ରସାଦ ନାଏକ, ବିଶିଷ୍ଟ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ଠଣ ସୁନ୍ଦର ଧରୁଆ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଲାଞ୍ଜିଗଡ଼ ପ୍ରେସ କ୍ଲବର ଉପଦେଷ୍ଟା କୈଳାସ ସାହୁ, କର୍ଲାପଡ଼ା ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ, କଳମ ସରପଞ୍ଚ ଭୁବନେଶ୍ୱର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସୁଶୀଲ କୁମାର ବାଗ ସଭା ପରିଚାଳନା ଓ ମହେନ୍ଦ୍ର ବାଗ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ପଟ୍ଟାଏତ ସାହୁଙ୍କୁ ଡଙ୍ଗରପୁରୁଷ ସମ୍ମାନ-୨୦୨୫ ଦିଆଯାଇଥିବା ବେଳେ ସାମ୍ବାଦିକ ସୁଶୀଲ କୁମାର ବାଗ, ସମାଜସେବୀ ପ୍ରଶାନ୍ତ ପ୍ରଧାନ, ଶିକ୍ଷାବିତ ଭୋଦେବ ନାଏକ, ଶେଷଦେବ ପାଢ଼ୀ, ପୂର୍ବ ସେନା କର୍ମଚାରୀ ଉମାକାନ୍ତ ଜାନୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରତିଭା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମହୋତ୍ସବ କମିଟିର କୀର୍ତ୍ତନ ମାଝୀ, ଭବାନୀ ବାଗ, ଶଶୀଦେବ ମାଝୀଙ୍କ ସହିତ ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳବାସୀ ଏହି ମହୋତ୍ସବ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁସଂଖ୍ୟାରେ କଳା, ସଂସ୍କୃତି ଓ ପର୍ଯ୍ୟଟନ ପ୍ରେମୀ ଜନସାଧାରଣ ସାମିଲ ହୋଇଥିଲେ।





# ସିଂଘାରି ଘାଟିରେ ଫସିଲା କଣ୍ଟେନର

**କଲମପୁର, ୨୬ ।୧୧(ସମିସ):** କଲମପୁର ପଟରୁ ଏକ କଣ୍ଟେନର ସିଂଘାରି ଘାଟି ରାସ୍ତା ଦେଇ ଥୁଆମୂଳ ରାମପୁର ଆଡ଼କୁ ଯାଉଥିଲା। ସିଂଘାରି ଘାଟିର ଏନବେଣ୍ଡ ବୁଲାଣି ଚଢ଼ିବାକୁ ଉଦ୍ୟମ କରୁଥିବା ବେଳେ ଚାଳକ ଗାଡି କାଟି ପାରିଲା ନାହିଁ ଫଳରେ ସେଠାରେ ଗାଡ଼ି ଅଟକି ରହିଲା।ଫଳରେ କଲମପୁର-ଥୁଆମୂଳ ରାମପୁର ଯାତାୟାତ ଠପ ହୋଇ ପଡ଼ିଥିଲା। ଏନେଇ ଲୋକେ ଥୁଆମୂଳରାମପୁର ଓ କଲମପୁର ପୁଲିସକୁ ସୂଚନା ଦେଇଥିଲେ।ବହୁ ବିଳମ୍ବରେ ଥୁଆମୂଳରାମପୁର ଥାନାର କିଛି ପୁଲିସ ଆସି ପହଞ୍ଚି ଥିଲେ। ବିଡ଼ମ୍ବନା ଯେ ପୁଲିସ ଲୋକଙ୍କୁ ସହାୟତା କରିବା ବଦଳରେ ଦର୍ଶକ ସାଜିଥିଲେ। ଲୋକଙ୍କ ସହାୟତାରେ କଣ୍ଟେନର ବୁଲାଣି କାଟି କଲମପୁର ଅଭିମୁଖେ ଲେଉଟି ଆସିଥିଲା। ଏହି ଘଟଣା ପ୍ରଶାସନର ପାରଦର୍ଶିତା ଉପରେ ବିଭିନ୍ନ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହି ରାସ୍ତା ଖୋଲାଯିବାର ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ହେଲାଣି କେବେ ଭାରିଯାନ ଏହି ରାସ୍ତା ଦେଇ ଯାତାୟାତ କରୁନାହିଁ। କାରଣ ଏହି ରାସ୍ତା ଅଣଓସାରିଆ ସହିତ ବିପଦପୂର୍ଣ୍ଣ ବୁଲାଣି ଯୋଗୁଁ ଭାରିଯାନ ଚଳାଚଳରେ ବାଧକ ସାଜିଛି। ଯାତ୍ରୀବାହୀ ବସ୍ ଆଜି ପର୍ଯ୍ୟନ୍ତ ଏହି ରାସ୍ତାରେ ଚାଲିନାହିଁ, ତଥାପି କିଛି ହାଇୱା ଚାଳକ ଜୀବନକୁ ବାଜି ଲଗାଇ ବିଭିନ୍ନ ସାମଗ୍ରୀ ନେବା ଆଣିବା କରୁଛନ୍ତି।ପ୍ରଶ୍ନ ହେଉଛି ଏନେଇ ସମ୍ପୃକ୍ତ ବିଭାଗ ମୂଳରୁ ଆଜିଯାଏଁ ସୂଚନା ଫଳକ ଲଗାଇବାକୁ ଭୁଲି ଯାଇଛନ୍ତି। କେତେ ଦୁର୍ଘଟଣା ଘଟିଲେ ସମ୍ପୃକ୍ତ ବିଭାଗ ଚେତିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ପୁଲିସ ଠାରୁ ମିଳି ପାରୁନାହିଁ, ଦୁଇ ଦୁଇଟି ଥାନା ଲଂଘି ସମ୍ପୃକ୍ତ କଣ୍ଟେନର ଅନାୟାସରେ ଚାଲି ଗଲା, ଏହା ଠାରୁ କାର୍ଯ୍ୟ ଦକ୍ଷତା କଣ ହୋଇ ପାରେ ବୋଲି ପ୍ରଶ୍ନ ଉଠିଛି।



## ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଆବାସିକ ତାଲିମ୍ ଶିବିର ଉଦ୍‌ଯାପିତ

# ମାଟ୍ରିକରେ ଅଧିକ ଏ-୧ ଗ୍ରେଡ୍ ହାସଲ ଲକ୍ଷ୍ୟ

**ଭବାନୀପାଟଣା, ୨୬ ।୧୧ (ସମିସ):** ମାଟ୍ରିକ ପରୀକ୍ଷାରେ ଅଧିକ ସଂଖ୍ୟକ ଏ-୧ ଗ୍ରେଡ ପାଇବାପାଇଁ ପରିକଳ୍ପିତ କଳାହାଣ୍ଡି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପ୍ରକାଶ-୨୦୨୫-୨୬' ଅଧୀନରେ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଆବାସିକ ତାଲିମ୍ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କୃତିତ୍ୱ ହାସଲ କରିବା ପାଇଁ ପ୍ରେରଣା ଯୋଗାଇଥିଲେ।କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି କହିଥିଲେ, ଅଧିକ ସଂଖ୍ୟକ ଏ-ଗ୍ରେଡ ପାଇବା ପାଇଁ ଛାତ୍ରଛାତ୍ରୀଙ୍କ ସମେତ ପ୍ରଧାନଶିକ୍ଷକ ଏବଂ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଜିଲ୍ଲାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରକାଶ-୨୦୨୫ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ନର୍ଲା ବରିଷ୍ଠ ବିଇଓ ତପିମଣି ଜାନି, ଭବାନୀପାଟଣା ବିଇଓ ଆଚାରି ଶବର ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ତାଲିମ ଶିବିରରେ ଜିଲ୍ଲାର ୧୩ଟି ବ୍ଲକର ୧୨୩ ଜଣ ମେଧାବୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ୩୫ ଜଣ ଜିଲ୍ଲାସ୍ତରୀୟ ବିଷୟଗତ ସାଧନକର୍ମୀଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଦିନ ସକାଳେ ଯୋଗ ଶିକ୍ଷା, ବିଷୟଗତ ଶିକ୍ଷା, ବିଜ୍ଞାନ କୁହୁକ, ବିଜ୍ଞାନ କୁଇଜ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚାରିଦିନ ଧରି ଆୟୋଜିତ କାର୍ଯ୍ୟକ୍ରମ ଗତ ୨୨ ତାରିଖରୁ ୨୫ ତାରିଖ ଯାଏଁ ଅନୁଷ୍ଠିତ ହୋଇଥିଲା। ସେହିପରି ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଭବାନୀପାଟଣା ବିଇଓ ଆଚାରି ଶବର, ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର, ମାଣିକେଶ୍ୱରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବବିତା ପାଣିଗ୍ରାହୀ, ଉପ ବିଭାଗ ଅଧିକାରୀ ଟଙ୍କଧର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ସମସ୍ତ ସାଧନକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତା ଜିତେନ୍ଦ୍ର କୁମାର ମୁଣ୍ଡ, ଉଚ୍ଚ ମାଧ୍ୟମିକ ଶିକ୍ଷା ସଂଯୋଜକ ବୀରେନ୍ଦ୍ରେ ଆଚାର୍ଯ୍ୟ, ପଞ୍ଚସଖା ଶିକ୍ଷାସେତୁ ଜିଲ୍ଲା ସଂଯୋଜକ ପ୍ରଶାନ୍ତ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।




## ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ

# ଅଧିକାର ପାଇଁ ସମସ୍ତେ ସଚେତନ ରହିବା ଜରୁରୀ










### ଲାଞ୍ଜିଗଡ଼

**ଲାଞ୍ଜିଗଡ଼, ୨୬ ।୧୧(ସମିସ)**

ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଠାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ପୂର୍ଣ୍ଣାଙ୍ଗ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ସମ୍ବିଧାନର ଗାଥା ଓ ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନ



ଲାଞ୍ଜିଗଡ଼ ବ୍ଲକ ଶାଖାର କାର୍ଯ୍ୟକାରୀ ସଭାପତି ହରିହର କୁମାରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ରକ୍ରମରେ ବହୁସଂଖ୍ୟକ ଆମ୍ବେଦକର ପ୍ରେମୀ ଉପସ୍ଥିତ ଥିଲେ। ସେହିପରି ପାଣିମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ଭାରତୀୟ ଗଣତନ୍ତ୍ରର ମହାଗ୍ରନ୍ଥ ସମ୍ବିଧାନ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ଲାଞ୍ଜିଗଡ଼ ରୋଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ମମତା ଶବର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଡମ୍ବରୁଧର ସେନାପତିଙ୍କ ସହିତ ୱାର୍ଡ ସଭ୍ୟ, ସଭ୍ୟା ଓ ଜନସାଧାରଣ ଉପସ୍ଥିତ ଥିଲେ।

### ଧର୍ମଗଡ଼ କୋର୍ଟ

**ଧର୍ମଗଡ଼, ୨୬ ।୧୧(ସମିସ):** ତାଲୁକ ଆଇନ ସେବା ସମିତି ଧର୍ମଗଡ଼ ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ, ବରିଷ୍ଠ ଦେୱାନୀ ବିଚାରପତି ପି. ସୀତାଲକ୍ଷ୍ମୀ, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପ୍ରଜ୍ଞା ପରମିତା ସ୍ୱାଇ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠି, ସରକାରୀ ଓକିଲ ଧିରେନ୍ଦ୍ରନାଥ ପାତ୍ର, ଧର୍ମଗଡ଼ ଆଇନଜୀବୀ ସଙ୍ଘର ସଭାପତି ବସନ୍ତ କୁମାର ଠାକୁର, ବରିଷ୍ଠ ଓକିଲ ସୁବାସ ପାଣିଗ୍ରାହୀ, ଚିନ୍ତାମଣି ପାତ୍ର, ପ୍ରସନ୍ନ କୁମାର ଅଗସ୍ତି, ମିହିର ରଞ୍ଜନ ପଟ୍ଟଯୋଶୀ, ହରିଶ ଚନ୍ଦ୍ର ବାଗ, ରିଟେନର କମଳିନୀ ରଥ, ବରିଷ୍ଠ ଓକିଲ ତଥା ସଦସ୍ୟା ତାଲୁକ ଆଇନ ସେବା ସମିତି ସଂଯୁକ୍ତା ପଣ୍ଡା ମଞ୍ଚାସିନ ଥିଲେ। ଏହି ଅବସରରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସମ୍ବିଧାନ ଦିବସର ମହତ୍ୱ ଓ ସମ୍ବିଧାନ ସମସ୍ତଙ୍କୁ ବାକ୍ ସ୍ୱାଧୀନତା ଏବଂ ମୌଳିକ ଅଧିକାର ଦେବା ସହ ମାନବାଧିକାର, ମାନବୀୟ ମୂଲ୍ୟବୋଧ ଓ ମର୍ଯ୍ୟାଦା ପ୍ରଦାନ କରିଛି ବୋଲି ବକ୍ତବ୍ୟ ରଖିଥିଲେ।

### ଆମ୍ବେଦକର ଫୁଲେ ସଚେତନ ସଂଗଠନ

**କୋକସରା, ୨୬ ।୧୧(ସମିସ):** କୋକସରା ବ୍ଲକ ଆମପାଣି ଧାନମଣ୍ଡି ଠାରେ ବିର୍ସା ଆମ୍ବେଦକର ଫୁଲେ ସଚେତନ ସଂଗଠନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଛି। ସଂଘର ରାଜ୍ୟ ସମ୍ପାଦକ ଦିସାନ୍ତ ବେଶ୍ରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ବୁଦ୍ଧିଜୀବି, ସଚେତନ ନାଗରିକ, କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।ଏହିକ୍ରମରେ ମୂଳନିବାସୀ ବହୁଜନ ମିଳିତ ମହାସଂଘ ପକ୍ଷରୁ ସମ୍ବିଧାନ ସଚେତନ ରଥ ଆମପାଣି ଠାରେ ପହଞ୍ଚିଥିଲା। ବୁଢ଼ାରଜା ହାଇସ୍କୁଲ ଏବଂ ଏସଏସଡି ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀ ରଥକୁ ଭବ୍ୟ ସ୍ୱାଗତ ଜଣାଇଥିଲେ।ରଥ ଗ୍ରାମ ପରିକ୍ରମା କରି ଆମପାଣି ଧାନ ମଣ୍ଡି ସ୍ଥିତ ସଭାସ୍ଥଳକୁ ପହଞ୍ଚିଥିଲା। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଏମବିଏମଏମର ରାଜ୍ୟ କାର୍ଯ୍ୟକାରୀ ସଭାପତି ଯତୀନ୍ଦ୍ର କର, ସମ୍ମାନିତ ଅତିଥି ଆଇନଯିବୀ ଦିଗାମ୍ବର ଦୁରିଆ, କିଶୋର ପଟେଲ, ପ୍ରିନ୍ସିପାଲ ଜୟ ପାଲ, ଶିକ୍ଷାବିତ୍ ସତ୍ୟବାନ୍ ପାଣଗ୍ରାହୀ, ରମଣୀ ଦୁରିଆ, ଏସ ସୁଜାତା, ସ୍ନେହଲତା ଦୁର୍ଗା, ବୈଦେହି ବେଣୁପାଣି, ଅଭିଜିତ କର, ପଙ୍କଜ ବାଗ ପ୍ରମୁଖ ମଞ୍ଚାସିନ ରହିଥିଲେ। ବକ୍ତା ମାନେ ସମ୍ବିଧାନ ନିର୍ମାଣ ଏବଂ ସମ୍ବିଧାନର କାର୍ଯ୍ୟକାରିତା ଉପରେ ନିଜ ନିଜର ମନ୍ତବ୍ୟ ପ୍ରଦାନ କରି ନିଜ ହକ୍ ଅଧିକାର ପାଇଁ ସମସ୍ତେ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବତନ ସରପଞ୍ଚ ଟିକିଚନ୍ଦ୍ର ଧ.ମାଝି, ସ୍ଥାନୀୟ ସରପଞ୍ଚ ରୁକ୍ମଣୀ ବାଣୁଆ, ୱାର୍ଡ଼ ସଭ୍ୟ ନୃପରାଜ୍ ନାଏକ, ହରି ରାଉତ, କେଶବ ବେଣୁପାଣି, ଦୟାନିଧି ନାଏକ, ଗଜିନ୍ଦ୍ର ନାଗ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### କେସିଙ୍ଗା ଅଦାଲତ

**କେସିଙ୍ଗା,୨୬ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଦାଲତ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି।କେସିଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷା ତାଲୁକ ଆଇନ ସେବା ସମିତି ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାରତର ସମ୍ବିଧାନ ଉପରେ ଆଲୋଚନା କରାଯିବା ସହିତ ସମ୍ବିଧାନ ପ୍ରସ୍ଥାବନାକୁ ପାଠ କରାଯାଇଥିଲା।ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ବରିଷ୍ଠ ଆଇନଜୀବୀ ବୈକୁଣ୍ଠ ମହଲା, ରଞ୍ଜିତ କୁମାର ଷଡଙ୍ଗୀଙ୍କ ସମେତ ଅନେକ ଆଇନଜୀବୀ, ପାରାଲିଗାଲ ସ୍ୱେଚ୍ଛାସେବୀ ଓ ଅଦାଲତ କର୍ମଚାରୀ ଉପସ୍ଥିତ ଥିଲେ।

### ଆର୍ତ୍ତତ୍ରାଣ ହାଇସ୍କୁଲ

**ଖଡ଼ିଆଳ, ୨୬ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ପିଏମଶ୍ରୀ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ସମ୍ବିଧାନ ଗୋଟିଏ ଦେଶ ଏବଂ ରାଷ୍ଟ୍ର ପାଇଁ ବିଧି ବ୍ୟବସ୍ଥାର ଏକ ମାପ ଦଣ୍ଡ ବୋଲି ମତବ୍ୟକ୍ତ କରିଥିଲେ। ଏହି ଶୁଭ ଦିନରେ ଭାରତ ସ୍ୱାଧିନତା ପରେ ସମ୍ବିଧାନ ପ୍ରଣୟନ କରାଯାଇଥିବା ବେଳେ ଆବଶ୍ୟକ ନୀତି ନିୟମ ପ୍ରଣୟନ ହୋଇଥିଲା। ଏହି ସମ୍ବିଧାନକୁ ଆଧାର କରି ଭାରତ ଏକ ଗଣତନ୍ତ୍ର ରାଷ୍ଟ୍ର ରୂପେ ନିଜ ଲକ୍ଷ ପଥରେ ଅଗ୍ରସର ହୋଇଅଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏଥିରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା, ନିଳୀମା ରାଣୀ ସାଗର, ଗୌରାଙ୍ଗ କୁମାର ସାହୁ, ସାଗର ବାଗ, ହେମଶଗର ଶବର, ପୁନମ୍ ମାଝୀ, ଗଜେନ୍ଦ୍ର ହରିଜନ, ସରସ୍ୱତୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

### ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ

**ଭବାନୀପାଟଣା, ୨୬ ।୧୧(ସମିସ):** ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଦ୍ୱାରା ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷ ପ୍ରସଙ୍ଗ 'ଆମ ସମ୍ବିଧାନ, ଆମ ସ୍ୱାଭିମାନ' ଶିର୍ଷକକୁ ନେଇ ରଙ୍ଗୋଲି ଓ ତର୍କ ପ୍ରତିଯୋଗିତା ହୋଇଥିଲା। ସମ୍ବିଧାନ ଦିବସ ପାଳନ ଅବସରରେ ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଅଧ୍ୟକ୍ଷତା କରିଥିବା ବେଳେ ଜିଓ କେନ୍ଦ୍ରୀୟ ପରିଚାଳକ କଳାହାଣ୍ଡି ଧିରେନ୍ଦ୍ର ମୋହନ ପାତ୍ର ମୁଖ୍ୟ ଅତିଥି ଓ ଅଧ୍ୟାପକ ଶୁଶାନ୍ତ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ଫାଲଗୁନୀ ପ୍ରଧାନୀ, ପୁରୀତ ରଣା, ମିକୁମିଙ୍କ ନିଆଲ, ମନ୍ଦାକିନି ପ୍ରଧାନ ଆଦି ସହଯୋଗ କରିଥିଲେ। ଅଧ୍ୟକ୍ଷ ସମସ୍ତଙ୍କୁ ସମ୍ବିଧାନ ପ୍ରସ୍ତାବନା ଶପଥପାଠ କରାଇଥିଲେ। କୃତୀ ଛାତ୍ରଛାତ୍ରୀ ଧନୁର୍ଯ୍ୟୟ ମାଝୀ, ତୁଳସା ଗଉଡ ଓ ବିଜୟ କୁମାର ଗହୀରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପସ୍ଥିତ ସମସ୍ତ ୧୫୬ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବିଧାନ, ଭାରତୀୟତା ଓ ନାଗରିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସମ୍ବିଧାନ ଦିବସ ପାଳନ ଅବସରରେ ସଚେତନ କରାଯାଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ

ପ୍ରଗତି ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ। ତେଣୁ ପୁରୁଷ, ମହିଳା ନିର୍ବିଶେଷରେ ଏହା ସମସ୍ତଙ୍କୁ ଦିଆଯିବା ଉଚିତ।

-ଶ୍ରୀ ନାରାୟଣ ଗୁରୁ

## ପ୍ରତିଶ୍ରୁତି – ପ୍ରତାରଣା

ଧାନ ସଂଗ୍ରହକୁ ନେଇ ଚାଷୀ, ମିଲର ଓ ସରକାରଙ୍କ ମଧ୍ୟରେ ଚାଲିଥିବା ଟଣାଓଟରାରୁ ପରିଲକ୍ଷିତ ଅବ୍ୟବସ୍ଥା ବାରି ହୋଇପଡୁଛି। ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିବା ଚାଷୀଙ୍କ ସଂଖ୍ୟା ୧୯ ଲକ୍ଷକୁ ବୃଦ୍ଧି ପାଇଛି। ସେହି ଅନୁପାତରେ ସରକାର ମଧ୍ୟ ଧାନ ସଂଗ୍ରହ ଲକ୍ଷ୍ୟ ବଢ଼ାଇଛନ୍ତି। କିନ୍ତୁ ଅସଲରେ ଧାନର ସୁରକ୍ଷିତ ଭଣ୍ଡାରଣର ଅଭାବ ପରିସ୍ଥିତିକୁ ଜଟିଳ କରିଛି। ସରକାର ଏହି ଦାୟିତ୍ୱ ମିଲରଙ୍କୁ ଦେଇ ନିଶ୍ଚିନ୍ତ ହୋଇ ପଡ଼ିଥିବା ବେଳେ ସେମାନେ ଏବେ ହାତ ଟେକି ଦେଇଛନ୍ତି। ଡିସେମ୍ବର ୨୫ ରୁ ଖରିଫ ବିପଣନ ଋତୁ ଆରମ୍ଭ ହେବ ବୋଲି ସରକାରୀ ସ୍ତରରେ ଘୋଷଣା କରାଯାଇଥିବା ବେଳେ ସମ୍ବଲପୁର ଓ ବରଗଡ଼ ଚାଷୀଙ୍କ ଚାପର ବଶବର୍ତ୍ତୀ ହୋଇ ସେଠାରେ ଆସନ୍ତା ୨୮ ରୁ ଧାନ ସଂଗ୍ରହ ହେଉଥିବାର ସୂଚନା ମିଳିଛି। ଅଥଚ ମିଲର ସଂଘ ଧାନ ସଂଗ୍ରହ ପ୍ରକ୍ରିୟାରୁ ଦୂରେଇ ରହିବ ବୋଲି ସ୍ପଷ୍ଟ କରିଦେଇଛି। ସେମାନଙ୍କ ଦାବି ମଧ୍ୟ ଅଯୌକ୍ତିକ ନୁହେଁ।

ଏବେ ମୁଖ୍ୟ ସମସ୍ୟା ହେଉଛି ଭାରତ ଖାଦ୍ୟ ନିଗମ ରାଜ୍ୟରୁ ଚାଉଳ ଉଠାଇ ନଥିବାରୁ ମିଲରଙ୍କୁ ବଳକା ଚାଉଳ ବୋଝ ହୋଇପଡ଼ିଛି। ଏହି ସମସ୍ୟା ଆଜିର ନୁହେଁ। କେନ୍ଦ୍ରର ଅସହଯୋଗ ଯୋଗୁଁ ପୂର୍ବ ସରକାର ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ସରକାରଙ୍କୁ କଠୋର ସମାଲୋଚନା କରୁଥିବା ତତ୍କାଳୀନ ବିରୋଧୀ ଦଳ ଏବେ କ୍ଷମତାରେ। ଏବେ ତ ଡବଲ ଇଞ୍ଜିନ ସରକାର। ଅସୁବିଧା କେଉଁଠି? କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଖାଦ୍ୟ ନିଗମର ସେଭଳି ସକ୍ରିୟତା ଅନୁଭୂତ ହେଉନଥିବାରୁ ସମସ୍ୟା ଯେଉଁଠି ଥିଲା ସେହିଠି ଅଟକି ରହିଛି। ପରିସ୍ଥିତି ଏପରି ହୋଇଛି ଯେ ଏପର୍ଯ୍ୟନ୍ତ ଗତ ଖରିଫ ଋତୁରେ ସଂଗୃହୀତ ଧାନର ମିଲିଂ ସରିନି। ଅଥଚ ରବି ଋତୁ ଧାନ ଆସି ମିଲରେ ଗଦା ହୋଇପଡ଼ିଛି। ଧାନ ମିଲିଂ ହୋଇଗଲେ ଚାଉଳ ଅଧିକ ଦିନ ମହଜୁଦ କରିବା ସମ୍ଭବ ନୁହେଁ। ନଷ୍ଟ ହୋଇଯିବାର ସ୍ଥିତିକୁ ଦୃଷ୍ଟିରେ ରଖି ମିଲର ଉଦ୍ଦେଶ୍ୟମୂଳକ ଭାବେ ଏଦିଗରେ ବିଳମ୍ବିତ ପ୍ରକ୍ରିୟାକୁ ଆଦରି ନେଇଛନ୍ତି। ତେବେ ଏବର ସମସ୍ୟା ହେଲା, ମିଲର କେଉଁଠି କେତେ ବା ଧାନ ଭଣ୍ଡାରଣ କରି ରଖିବ? ଅନ୍ୟପକ୍ଷରେ ଗଚ୍ଛିତ ଧାନର ରକ୍ଷଣାବେକ୍ଷଣ ପାଇଁ ସରକାର କ୍ୱିଣ୍ଟାଲ ପିଛା ୭.୨୦ ଟଙ୍କା ଦେବାର ପ୍ରାବଧାନ ଥିଲେ ମଧ୍ୟ ଗତ ଦୁଇବର୍ଷ ଧରି ସେମାନଙ୍କୁ ଏବାବଦ ଅର୍ଥ ମିଳିନି। ସେହିଭଳି କଷ୍ଟମ ମିଲିଂ ଦର ବୃଦ୍ଧି ପ୍ରତିଶ୍ରୁତି ଋତୁ ପରେ ଋତୁ ଅତିକ୍ରମ କରୁଥିଲେ ମଧ୍ୟ ତାହା ମିଳୁ ନାହିଁ। ଚାଷୀଙ୍କ ପକ୍ଷରୁ ଧାନ ସଂଗ୍ରହ ବେଳେ କଟନୀ ଛଟନୀ ଅଭିଯୋଗ କିଛି ନୂଆ ନୁହେଁ। ସରକାର ଓ ମିଲରଙ୍କ ଏହି ସଲାସୁତୁରାକୁ ଓଲଟାଇ ଦେଇଛନ୍ତି ସମବାୟ ମନ୍ତ୍ରୀ। ବିଚିତ୍ର କଥା, କଟନୀ ଛଟନୀ କରି କ'ଣ ଚାଷୀ ନିଜ ଗୋଡ଼ରେ କୁରାଢ଼ୀ ଚୋଟ ମାରୁଛି?

ଏହି ବିବାଦର ମୂଳ ମଞ୍ଜି ହେଉଛି ଖାଦ୍ୟ ନିଗମର ଅସହଯୋଗିତା। କେନ୍ଦ୍ର ସରକାରଙ୍କ ବିନା ଇଙ୍ଗିତରେ କ'ଣ ଏହା ଚାଲିଛି? କେନ୍ଦ୍ର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଚାଉଳ ଉଠୁନି। ଖାଦ୍ୟ ନିଗମକୁ ଉଦ୍ଦେଶ୍ୟମୂଳକ ଭାବେ ଦୁର୍ବଳ କରି ସଂପୂର୍ଣ୍ଣ ରୂପେ ବାଦ କରିଦେବାର ଉପକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟାହତ ହୋଇଥିବା କୃଷି ବିଲରୁ ସ୍ପଷ୍ଟ ଯେ ସଂଗ୍ରହ ଓ ବିପଣନ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଇଥା'ନ୍ତା। ତାହା ହିଁ ଆଗକୁ ହେବ। ●

## ଟ୍ରମ୍ପଙ୍କ ପ୍ରଭାବ ହ୍ରାସ

ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଙ୍କ ମଧ୍ୟରେ ମତ ବିନିମୟ, ପାରସ୍ପରିକ ବୁଝାମଣା ଓ ଆର୍ଥିକ ସହଯୋଗିତାର ସର୍ବବୃହତ୍ ମଞ୍ଚ ଜି – ୨୦ । ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଶିଖର ସମ୍ମିଳନୀକୁ ପରବର୍ତ୍ତୀ ଅଧ୍ୟକ୍ଷ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାସନ୍ଦ ଓ ଅନୁପସ୍ଥିତି ସେପରି ପ୍ରଭାବିତ କରିପାରିନାହିଁ। ସମ୍ମିଳନୀରେ ଯୋଗଦେଇଥିବା ବିଶ୍ୱ ପ୍ରମୁଖ ନେତୃତ୍ୱଙ୍କ ଟ୍ରମ୍ପଙ୍କ ପ୍ରତି ମନୋଭାବରେ ପରିଲକ୍ଷିତ ବିଦ୍ୱେଷ ବାରି ହୋଇପଡ଼ିଥିଲା। ସତେଯେମିତି କିଛି ଘଟିନି। ପ୍ରତିକ୍ରିୟାଶୂନ୍ୟ ପରିବେଶରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କ ଅଧ୍ୟକ୍ଷତାରେ ନିର୍ବାଧା ଓ ନିର୍ବିଘ୍ନରେ ସମ୍ମିଳନୀ ଉଦ୍‌ଘାଟନ ଓ ଉଦ୍‌ଯାପନ ହୋଇଥିଲା। ଏପରିକି ଜାରି ହୋଇଥିବା ଘୋଷଣାନାମାକୁ ନିରଙ୍କୁଶ ସମର୍ଥନ ମିଳିଥିଲା।

ସମ୍ମିଳନୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଜି – ୨୦ ର ପରବର୍ତ୍ତୀ ଅଧ୍ୟକ୍ଷ ଆମେରିକାକୁ ଅନୁଷ୍ଠାନିକ ଗାବେଲ୍ ପ୍ରଦାନ କରାଯାଇନାହିଁ। ଅନୁପସ୍ଥିତ ରାଷ୍ଟ୍ରପତି ଟ୍ରମ୍ପ ସମ୍ମିଳନୀର ଗୁରୁତ୍ୱ ଦୃଷ୍ଟିରୁ ଜଣେ ପ୍ରତିନିଧିସ୍ତରୀୟ ନେତାଙ୍କୁ ଯୋଗଦେବା ପାଇଁ ପଠାଇବାର ସର୍ବନିମ୍ନ ସୌଜନ୍ୟ ମଧ୍ୟ ରକ୍ଷା କରି ନାହାନ୍ତି। ତେଣୁ ଆମେରିକା ଦୂତାବାସର ଜଣେ କନିଷ୍ଠ ଅଧିକାରୀଙ୍କୁ ଗାବେଲ୍ ହସ୍ତାନ୍ତର କରିବାକୁ ରୋକଠୋକ ମନା କରିଦେଇଥିଲେ ରାମାଫୋସା। ଦକ୍ଷିଣ ଆଫ୍ରିକା ବୈଦେଶିକ ମନ୍ତ୍ରୀ ଏକ ସ୍ପଷ୍ଟୀକରଣରେ କହିଛନ୍ତି ଯେ ଗାବେଲ ହସ୍ତାନ୍ତର ପାଇଁ ଆଉ ଔପଚାରିକ କାର୍ଯ୍ୟକ୍ରମ ହେବ ନାହିଁ। ଆମେରିକା ଚାହିଁଲେ ବିଦେଶ ମନ୍ତ୍ରାଳୟରୁ ଗାବେଲ ସହ ଜି-୨୦ କାଗଜପତ୍ର ନେଇପାରିବ। ଏଭଳି ଏକ ସର୍ବବୃହତ ଆନ୍ତର୍ଜାତିକ ଫୋରମରେ ଔପଚାରିକ ଦାୟିତ୍ୱ ହସ୍ତାନ୍ତରକୁ ନେଇ ଯାହା ଘଟିଗଲା ତାହାର ଔଚିତ୍ୟ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇପାରେ। ହ୍ୱାଇଟ ହାଉସ ଉପସଚିବ ଆନ୍ନା କେଲି କହିଛନ୍ତି ଯେ ଜି-୨୦ ଗାବେଲ୍ ହସ୍ତାନ୍ତର ନକରି ଦକ୍ଷିଣ ଆଫ୍ରିକା ଭୁଲ କରିଛି। ଏଥିରୁ ସ୍ପଷ୍ଟ ଯେ ଆମେରିକା ଏହି ଘଟଣାରେ କ୍ଷୁବ୍ଧ। କିଏ ଭୁଲ, କିଏ ଠିକ୍ ତାହା ତ ଭିନ୍ନ କଥା। ତେବେ ଟ୍ରମ୍ପଙ୍କୁ ନେଇ ଅସନ୍ତୁଷ୍ଟ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ପ୍ରତିକ୍ରିୟା ଉପସ୍ଥିତ ନେତୃବର୍ଗଙ୍କ ମଧ୍ୟରେ ନୂଆ ଚମକ ସୃଷ୍ଟି କରିଥିଲା। ଆମେରିକାକୁ ବାଦ ଦେଇ ଅବଶିଷ୍ଟ ବିଶ୍ୱ ସଂପର୍କରେ ଚିନ୍ତା କରିବାର ସମୟ ଏବେ ଉପସ୍ଥିତ। ବିଶ୍ୱ ଅର୍ଥନୀତି ଏବେ କଡ଼ ଲେଉଟାଉ ଥିବାବେଳେ ଆମର ଦୃଷ୍ଟିଭଙ୍ଗୀ ବଦଳିବା ଉଚିତ ବୋଲି ତାଙ୍କର ଅନମନୀୟ ଉଚ୍ଚାରଣ ପ୍ରତି ବହୁ ରାଷ୍ଟ୍ରନେତାଙ୍କ ସମର୍ଥନ ଥିବା ଭଳି ମନେ ହୋଇଥିଲା। ସମ୍ମିଳନୀ ପ୍ରେକ୍ଷାପଟରେ ଭାରତ, ଅଷ୍ଟ୍ରେଲିଆ ଓ କାନାଡ଼ା ମଧ୍ୟରେ ବୈଷୟିକ ସହଯୋଗର କ୍ଷେତ୍ର ପ୍ରସ୍ତୁତି ଏବଂ ଭାରତ–କାନାଡ଼ା ମଧ୍ୟରେ ୭୦ ବିଲିୟନ ଡଲାର ବାଣିଜ୍ୟର ଭିତ୍ତିଭୂମି ପ୍ରତିଷ୍ଠା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ୟୁକ୍ରେନ ଓ ରୁଷ ମଧ୍ୟରେ ସନ୍ଧି ପାଇଁ ଟ୍ରମ୍ପ ଯେଉଁ ୨୮ ସୂତ୍ରୀ ଶାନ୍ତି ପ୍ରସ୍ତାବ ରଖିଛନ୍ତି ତାହାକୁ ନେଇ ମଧ୍ୟ ୟୁରୋପରେ ବିବାଦ ମୁଣ୍ଡ ଟେକିଛି। ପରୋକ୍ଷରେ ଏହା ୟୁକ୍ରେନର ଆତ୍ମସମର୍ପଣ। ଟ୍ରମ୍ପଙ୍କ ପକ୍ଷରୁ ଏଥିନେଇ ପଡୁଥିବା ଚାପ ବିରୋଧରେ ନିର୍ଦ୍ଧାରିତ ସମୟସୀମା ଶେଷ ହୋଇ ଆସୁଥିବା ବେଳେ ଟ୍ରମ୍ପ ବିରୋଧୀ ପ୍ରତିକ୍ରିୟା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ●

# ସଂରକ୍ଷିତ ଜୈବମଣ୍ଡଳ: ପ୍ରକୃତି ସଂରକ୍ଷଣର ଅଭିନବ ପରିକଳ୍ପନା

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ସଂରକ୍ଷିତ ଜୈବମଣ୍ଡଳ ହେଉଛି ସାମାଜିକ ଓ ପରିବେଶଗତ ବ୍ୟବସ୍ଥା ମଧ୍ୟରେ ପାରସ୍ପରିକ ପ୍ରକ୍ରିୟାର ଏକ ପରିସଂସ୍ଥା, ଯେଉଁଥିରେ ଜୈବମଣ୍ଡଳ ଓ ପ୍ରାକୃତିକ ସମ୍ପଦର ଯଥୋଚିତ ପରିଚାଳନା ପାଇଁ ସ୍ଥାନୀୟ ସମ୍ପ୍ରଦାୟର ଅଂଶଗ୍ରହଣର ବ୍ୟବସ୍ଥା ରହିଛି। ଏହା ତିନୋଟି ଜୋନ୍ ବା ଅଞ୍ଚଳକୁ ନେଇ ଗଠିତ। ଯଥା କୋର୍, ବଫର ଓ ଟ୍ରାଞ୍ଜିସନ୍। କୋର୍ ଅଞ୍ଚଳ (କେନ୍ଦ୍ରାଞ୍ଚଳ) ବନ୍ୟ ପ୍ରାଣୀ ଓ ଜୈବବିବିଧତା, ଭୂଦୃଶ୍ୟ ଓ ପରିସଂସ୍ଥାର ସଂରକ୍ଷଣ ପାଇଁ କଡ଼ାକଡ଼ି ଭାବରେ ସୁରକ୍ଷିତ, ଗବେଷଣା କାର୍ଯ୍ୟକଳାପ ବ୍ୟତୀତ କୌଣସି ମାନବ ହସ୍ତକ୍ଷେପକୁ ଅନୁମତି ଦିଆଯାଏ ନାହିଁ। କୋର୍ ଅଞ୍ଚଳର ଚତୁଃପାର୍ଶ୍ୱ କିମ୍ବା ସଂଲଗ୍ନ ଅଞ୍ଚଳ ହେଉଛି ପେରିଫେରି ବା ବାହ୍ୟାଞ୍ଚଳ ଜୈବବିବିଧତା ସଂରକ୍ଷଣ, ସୁଦୃଢ଼ ପରିବେଶ ଅନୁକୂଳ ସୁସଙ୍ଗତ କାର୍ଯ୍ୟକଳାପ, ବୈଜ୍ଞାନିକ ଗବେଷଣା, ତଦାରଖ, ତାଲିମ ଓ ଶିକ୍ଷା ପାଇଁ ବ୍ୟବହୃତ ହୁଏ। ପେରିଫେରିର ବାହ୍ୟ ଅଞ୍ଚଳକୁ ଟ୍ରାଞ୍ଜିସନ୍ ବା ଉପବାହ୍ୟାଞ୍ଚଳ କୁହାଯାଏ, ଯେଉଁଠାରେ ସ୍ଥାନୀୟ ସମ୍ପ୍ରଦାୟ ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ସାମାଜିକ-ସାଂସ୍କୃତିକ ଓ ପରିବେଶ ଅନୁକୂଳ କାର୍ଯ୍ୟକ୍ରମ କରିପାରିବେ, ଯାହା ସେମାନଙ୍କ ସ୍ଥାୟୀ ଆର୍ଥିକ ଓ ସାମାଜିକ ଜୀବନ ଅତିବାହିତ କରିବାକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ। କିନ୍ତୁ ବାଣିଜ୍ୟିକ ଉଦ୍ଦେଶ୍ୟ ସାଧନ ପାଇଁ ନୁହେଁ। ଏଠାରେ ପାରମ୍ପରିକ ପ୍ରାକୃତିକ ସମ୍ପଦ-ଭିତ୍ତିକ ଆର୍ଥିକ କାର୍ଯ୍ୟକଳାପ ଓ କୁଟୀର ଶିଳ୍ପର ପରିସର ଯଥେଷ୍ଟ ରହିଛି। ପେରିଫେରି ଓ ଟ୍ରାଞ୍ଜିସନ୍ କ୍ଷେତ୍ର ଉଭୟରେ ପ୍ରତିବନ୍ଧିତ ପର୍ଯ୍ୟଟନକୁ ଅନୁମତି ଦିଆଯାଇପାରେ। ସଂରକ୍ଷିତ ଜୈବମଣ୍ଡଳର ମୂଳ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକୁ ଟ୍ରାଞ୍ଜିସନ୍ ଜୋନ୍‌ରେ ସେମାନଙ୍କର ଜୀବିକା ଅର୍ଜନ କରିବାକୁ ସକ୍ଷମ କରିବା ପାଇଁ ସୁଯୋଗ ସୃଷ୍ଟି କରିବା, ଯାହା ଦ୍ୱାରା ସେମାନଙ୍କୁ ବନ୍ୟପ୍ରାଣୀଙ୍କ ସହିତ ନିଜ ଜୀବନକୁ ବିପଦରେ ପକାଇ କୋର୍ ଅଞ୍ଚଳରେ ପ୍ରବେଶ କରିବାକୁ ପଡ଼ିବ ନାହିଁ। ଏହି ଜୋନରେ ବିକଳ୍ପ ଜୀବିକା, ପରିବେଶ-ବିକାଶ କାର୍ଯ୍ୟକଳାପ ଏବଂ ସ୍ଥାୟୀ ସମ୍ବଳ ପରିଚାଳନାକୁ ପ୍ରୋତ୍ସାହିତ କରି ଏହି ଯୋଜନା ମୁଖ୍ୟ ବନ୍ୟପ୍ରାଣୀ ଘନ କୋର ଜୋନ ଉପରେ ମାନବୀୟ ଚାପ ହ୍ରାସ କରିବାରେ ସାହାଯ୍ୟ କରେ।

ବନ୍ୟଜୀବ ସଂରକ୍ଷଣ ଓ ପରିସଂସ୍ଥୀୟ ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରକୃତିର ସୁରକ୍ଷା ଅତ୍ୟନ୍ତ ଜରୁରୀ। ଜାତୀୟ ବନ୍ୟଜୀବ ଉଦ୍ୟାନ, ବନ୍ୟଜୀବ ଅଭୟାରଣ୍ୟ ଓ ଜୈବମଣ୍ଡଳ ସଂରକ୍ଷଣ ଭଳି ସଂରକ୍ଷିତ କ୍ଷେତ୍ରଗୁଡ଼ିକୁ ସେମାନଙ୍କର ପ୍ରାକୃତିକ ପରିସଂସ୍ଥାରେ ଜୈବବିବିଧତାକୁ ସୁରକ୍ଷା ଦେବା ପାଇଁ ସାରା ବିଶ୍ୱରେ ସୃଷ୍ଟି କରାଯାଇଛି। ତଥାପି, ଅନେକ ସମୟରେ ଏହି ଯୋଜନାଗୁଡ଼ିକର ପରିସର ଅସ୍ପଷ୍ଟ। ଏହି ତିନୋଟି ବନ୍ୟଜୀବ ସଂରକ୍ଷଣ ଯୋଜନାର ମୂଳ ଲକ୍ଷ୍ୟ ହେଉଛି ବନ୍ୟଜୀବ ଓ ପ୍ରକୃତି ସଂରକ୍ଷଣ କରିବା। ତେବେ ପ୍ରତ୍ୟେକଟିର ନୀତି, ନିୟମ ଓ କାର୍ଯ୍ୟକଳାପରେ ଭିନ୍ନତା ରହିଛି। ଜାତୀୟ ଉଦ୍ୟାନରେ କଠୋର ନିୟମ ରହିଥିବା ବେଳେ ଅଭୟାରଣ୍ୟରେ ଏହି ନିୟମ କୋହଳ। ଯଥା ପାରମ୍ପରିକ କୃଷି, ଜୈବିକ କୃଷି, ବନ୍ୟଜାତ କାଠ, ପତ୍ର, ପୁଷ୍ପ, ଫଳ, ମୂଳ, ମହୁ ଇତ୍ୟାଦି ସଂଗ୍ରହ କରିବା ସମେତ ସୀମିତ ମାନବ କାର୍ଯ୍ୟକଳାପକୁ ଅନୁମତି ଦିଆଯାଏ। ସଂରକ୍ଷିତ ଜୈବମଣ୍ଡଳରେ ଆଉ ପାଦେ ଆଗକୁ ଯାଇ ସ୍ଥାନୀୟ ସମ୍ପ୍ରଦାୟଙ୍କ ଅଂଶଗ୍ରହଣ ମାଧ୍ୟମରେ ପ୍ରକୃତି ସଂରକ୍ଷଣ ସହିତ ସ୍ଥାୟୀ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ଦେବା।

ସେପ୍ଟେମ୍ବର ୨୦୨୫ ସୁଦ୍ଧା ବିଶ୍ୱର ସମସ୍ତ ଅଞ୍ଚଳରେ ଅବସ୍ଥିତ ୧୪୨ଟି ଦେଶରେ (୨୫ ଟି ଆନ୍ତଃସୀମା ସ୍ଥାନ ସହିତ) ୭୮୪ ଟି ସଂରକ୍ଷିତ ଜୈବମଣ୍ଡଳ ନେଟୱାର୍କରେ ଅନ୍ତର୍ଭୁକ୍ତ ଅଛି। ଭାରତରେ ମୋଟ ୧୮ ଟି ଏଭଳି ଅଞ୍ଚଳ ରହିଛି। ନୀଳଗିରି ସଂରକ୍ଷିତ ଜୈବମଣ୍ଡଳ(ନୀଳଗିରିର ନୀଳ ପର୍ବତମାଳା- ତାମିଲନାଡୁ, କର୍ଣ୍ଣାଟକ ଓ କେରଳରେ ବିସ୍ତାରିତ) ହେଉଛି ଭାରତର ପ୍ରଥମ ସଂରକ୍ଷିତ ଜୈବମଣ୍ଡଳ, ଯାହା ୧୯୮୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଅନ୍ୟ ସଂରକ୍ଷିତ ଜୈବମଣ୍ଡଳଗୁଡ଼ିକ ହେଉଛି ନନ୍ଦା ଦେବୀ(ଉତ୍ତରାଖଣ୍ଡ, ୧୯୮୮ ମସିହାରେ ପ୍ରତିଷ୍ଠିତ), ନୋକ୍ରେକ (ମେଘାଳୟ, ୧୯୮୮ରେ ପ୍ରତିଷ୍ଠିତ), ମନ୍ନାର ଉପସାଗର (ତାମିଲନାଡୁ, ୧୯୮୯ ରେ ପ୍ରତିଷ୍ଠିତ), ସୁନ୍ଦରବନ (ପଶ୍ଚିମବଙ୍ଗ, ୧୯୮୯ ରେ ପ୍ରତିଷ୍ଠିତ), ମାନସ (ଆସାମ, ୧୯୮୯ ରେ ପ୍ରତିଷ୍ଠିତ), ଗ୍ରେଟ ନିକୋବର (ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ୧୯୮୯ରେ ପ୍ରତିଷ୍ଠିତ), ଶିମିଳିପାଳ (ଓଡ଼ିଶା, ୧୯୯୪ ରେ ପ୍ରତିଷ୍ଠିତ), ଡିବ୍ରୁ ସାଇଖୋୱା (ଆସାମ, ୧୯୯୭ରେ ପ୍ରତିଷ୍ଠିତ), ଦିହାଙ୍ଗ-ଦିବାଙ୍ଗ (ଅରୁଣାଞ୍ଚଳ ପ୍ରଦେଶ, ୧୯୯୮ରେ ପ୍ରତିଷ୍ଠିତ), ପଚମାଢ଼ି (ମଧ୍ୟପ୍ରଦେଶ, ୧୯୯୯ରେ ପ୍ରତିଷ୍ଠିତ), ଖଙ୍ଗଚେଣ୍ଡଜୋଙ୍ଗା (ସିକିମ, ୨୦୦୦ରେ ପ୍ରତିଷ୍ଠିତ), ଅଗସ୍ତ୍ୟମାଳା (କେରଳ ଓ ତାମିଲନାଡୁ, ୨୦୦୧ରେ ପ୍ରତିଷ୍ଠିତ), ଆଚନକମାର-ଅମରକଣ୍ଟକ (ମଧ୍ୟପ୍ରଦେଶ ଓ ଛତିଶଗଡ଼, ୨୦୦୫ରେ ପ୍ରତିଷ୍ଠିତ), ଗ୍ରେଟ୍ ରନ ଅଫ୍ କଚ୍ଛ (ଗୁଜରାଟ, ୨୦୦୮ ର ପ୍ରତିଷ୍ଠିତ), କୋଲ୍ଡ ଡେଜର୍ଟ (ହିମାଚଳ ପ୍ରଦେଶ, ୨୦୦୯ରେ ପ୍ରତିଷ୍ଠିତ), ଶେଷାଚଲମ (ଆନ୍ଧ୍ରପ୍ରଦେଶ, ୨୦୧୦ରେ ପ୍ରତିଷ୍ଠିତ) ଏବଂ ପାନ୍ନା (ମଧ୍ୟପ୍ରଦେଶ, ୨୦୧୧ରେ ପ୍ରତିଷ୍ଠିତ)। ଏହି ସଂରକ୍ଷିତ ଜୈବମଣ୍ଡଳଗୁଡ଼ିକ ପର୍ବତ ଓ ଜଙ୍ଗଲଠାରୁ ଉପକୂଳ ଓ ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ବିବିଧ ଭୂଦୃଶ୍ୟରେ ବିସ୍ତାରିତ, ଯାହା ଭାରତର ପରିବେଶଗତ ସମୃଦ୍ଧି ଓ ସ୍ଥାନୀୟ ସମ୍ପ୍ରଦାୟକୁ ସମର୍ଥନ କରିବା ସହିତ ଜୈବ ବିବିଧତା ସଂରକ୍ଷଣ ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶନ କରେ।

ସାରା ବିଶ୍ୱରେ ୨୬ କୋଟିରୁ ଅଧିକ ଲୋକ ଜୈବମଣ୍ଡଳ ସଂରକ୍ଷିତ ଅଞ୍ଚଳରେ ବାସ କରନ୍ତି। ମୋଟାମୋଟି ଭାବରେ ଏହି ସ୍ଥାନଗୁଡ଼ିକ ୭ ନିୟୁତ ବର୍ଗ କିଲୋମିଟରରୁ ଅଧିକ ଅଞ୍ଚଳକୁ ସୁରକ୍ଷା ଦିଏ, ଯାହା ଅଷ୍ଟ୍ରେଲିଆର ଆକାର ସହିତ ପ୍ରାୟ ସମାନ। ଭାରତର ୧୮ ଟି ସଂରକ୍ଷିତ ଜୈବମଣ୍ଡଳ ଅଞ୍ଚଳ ପ୍ରାୟ ୯୧, ୪୨୫ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ, ଯେଉଁଥିରୁ ୧୩ ଟି ୟୁନେସ୍କୋର ୱାର୍ଲ୍ଡ ନେଟୱାର୍କ ଅଫ୍ ବାୟୋସ୍ଫିୟର ରିଜର୍ଭ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଭାରତରେ ଅନେକ ଜାତୀୟ ଯୋଜନା ସଂରକ୍ଷିତ ଜୈବମଣ୍ଡଳ ଉଦ୍ଦେଶ୍ୟ ସହିତ ସମନ୍ୱୟରେ କାର୍ଯ୍ୟ କରେ, ଯାହା ଆବାସସ୍ଥାନ ସଂରକ୍ଷଣ, ସ୍ଥାୟୀ ସମ୍ବଳ ବ୍ୟବହାର ଓ ସାମୁଦାୟିକ ବିକାଶରେ ସାମୂହିକ ଭାବରେ ଯୋଗଦାନ ଦିଏ। ଏଥିମଧ୍ୟରୁ କିଛି ହେଉଛି ପ୍ରୋଜେକ୍ଟ ଟାଇଗର ବା ବ୍ୟାଘ୍ର ପ୍ରକଳ୍ପ, ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ବା ହସ୍ତୀ ପ୍ରକଳ୍ପ। ୨୦୨୨ ମସିହାରେ ସର୍ବଶେଷ ଅଖିଳ ଭାରତୀୟ ବ୍ୟାଘ୍ର ଆକଳନ ଅନୁଯାୟୀ, ଭାରତରେ ୩, ୬୮୨ ରୁ ଅଧିକ ବାଘ ଅଛନ୍ତି, ଯାହା ବିଶ୍ୱର ୭୫%। ଦେଶରେ ସବୁଠାରୁ ଅଧିକ ସଂଖ୍ୟକ ୨୭, ୩୧୨ ବନ୍ୟ ଏସୀୟ ହାତୀ ଅଛନ୍ତି। ଏହା ବିଶ୍ୱର ବନ୍ୟ ଏସୀୟ ହାତୀ ଜନସଂଖ୍ୟାର ପ୍ରାୟ ୫୫%।

ମୁଖ୍ୟ କଥା ହେଉଛି, ଭାରତ ଏହି ମହାନ ପ୍ରାଣୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ୧୯୭୩ ମସିହାରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଟାଇଗର, ୧୯୯୨ ମସିହାରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ହେଉଛି ଏହି ମହାନ ବନ୍ୟପ୍ରାଣୀଙ୍କ ପ୍ରାକୃତିକ ବାସସ୍ଥାନରେ ଦୀର୍ଘକାଳୀନ ବଞ୍ଚିବା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ ପଦକ୍ଷେପ। ଅନ୍ୟ ଯୋଜନାଗୁଡ଼ିକ ହେଉଛି ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ ଯୋଜନା, ଜାତୀୟ ଜୈବ ବିବିଧତା କାର୍ଯ୍ୟ ଯୋଜନା, ପରିବେଶ-ସମ୍ବେଦନଶୀଳ କ୍ଷେତ୍ର ଏବଂ ବନ୍ୟଜୀବ କରିଡର, ସବୁଜ ଭାରତ ମିଶନ ଇତ୍ୟାଦି। ଜୁଲାଇ ୨୦୨୪ରେ, ୟୁନେସ୍କୋ ଦକ୍ଷିଣ ଆମେରିକାରୁ ୟୁରୋପ ଏବଂ ଏସିଆ ପର୍ଯ୍ୟନ୍ତ ୧୧ଟି ଦେଶରେ ଆଉ ୧୧ ଟି ନୂତନ ସଂରକ୍ଷିତ ଜୈବମଣ୍ଡଳକୁ ନାମିତ କରିଥିଲା। ୧୯୮୬ ରୁ ୨୦୧୧ ମଧ୍ୟରେ ଭାରତରେ ୧୮ଟି ସଂରକ୍ଷିତ ଜୈବମଣ୍ଡଳ ଅଧିସୂଚିତ କରାଯାଇଥିଲା। କିନ୍ତୁ ୨୦୧୧ ପରେ ଆଉ ଗୋଟିଏ ବି ଅଞ୍ଚଳ ତାଲିକାରେ ଯୋଡ଼ା ଯାଇନାହିଁ। ସଂରକ୍ଷିତ ଜୈବମଣ୍ଡଳ ଜାତୀୟ ସରକାରମାନଙ୍କ ଦ୍ୱାରା ମନୋନୀତ ହୋଇଥାଏ ଏବଂ ସେଗୁଡ଼ିକ ଯେଉଁ ରାଜ୍ୟମାନଙ୍କରେ ଅବସ୍ଥିତ ସେହି ରାଜ୍ୟଗୁଡ଼ିକର ସାର୍ବଭୌମ ଅଧିକାର ଅଧୀନରେ ରହିଥାଏ।

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳରେ ଜୁନ୍ ୧୯୯୪ରେ ଭାରତର ଅଷ୍ଟମ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରାଯାଇଥିଲା। ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ସ୍ୱତନ୍ତ୍ର କମିଟି ମହେନ୍ଦ୍ରଗିରିରେ ଆଉ ଏକ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରିବାକୁ ସୁପାରିସ କରିସାରିଛି। ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାର ଭାରତ ସରକାରଙ୍କୁ ଏକ ଆନୁଷ୍ଠାନିକ ପ୍ରସ୍ତାବ ପଠାଇବାକୁ ପଡ଼ିବ। ଯଦି ମହେନ୍ଦ୍ରଗିରି ପର୍ବତମାଳାକୁ ସଂରକ୍ଷିତ ଜୈବମଣ୍ଡଳ ଟ୍ୟାଗ୍ ମିଳେ ତେବେ ଏହା ରାଜ୍ୟରେ ଦ୍ୱିତୀୟ ହେବ। ୧୯୭୨ ମସିହାରେ ୟୁନେସ୍କୋ 'ବିଶ୍ୱ ଐତିହ୍ୟ ସ୍ଥଳ' ନାମକ ଆଉ ଏକ ଯୋଜନା ଆରମ୍ଭ କରିଥିଲା, ଯେଉଁଥିରେ ପ୍ରାକୃତିକ ଐତିହ୍ୟ ସ୍ଥଳ ଅନ୍ତର୍ଭୁକ୍ତ ଥାଏ। ମହେନ୍ଦ୍ରଗିରି ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟତା ହାସଲ କରିଛି। କେବଳ ଆନ୍ତରିକ ଉଦ୍ୟମ, ସୁପାରିସ ଓ ତାଲିକାରେ ସାମିଲ୍ ଘୋଷଣା ବାକି ରହିଛି। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

# ସୃଜନଶୀଳ ବିନାଶ: ଅର୍ଥନୀତି, ଦର୍ଶନ ଓ ବିଜ୍ଞାନ

ପ୍ରଫେସର ଗୌରୀଶଙ୍କର ତ୍ରିପାଠୀ

୨୦୨୫ ମସିହାର ଅର୍ଥନୈତିକ ବିଜ୍ଞାନ ନୋବେଲ ପୁରସ୍କାର ଗତ ଅକ୍ଟୋବର ମାସରେ ଘୋଷଣା କରାଯାଇଛି। ପୁରସ୍କାର ବିଷୟବସ୍ତୁ ଅର୍ଥନୈତିକ ପ୍ରଗତିର ଦୁଇଟି ଅବଧିକୁ ଦୃଷ୍ଟିପାତ କରିଛି। ଏହି ଦୁଇଟି ଅବଧି ହେଲା, ପୂର୍ବ-ଶିଳ୍ପ-ବିପ୍ଳବ ସମୟରେ ଅର୍ଥନୀତିର ଏକ ସ୍ଥିର ଅବଧି ଏବଂ ପରବର୍ତ୍ତୀ ସମୟରେ ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ମାଧ୍ୟମରେ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି। ଏହି ଦୃଷ୍ଟିପାତରେ ଏକ ଆକର୍ଷଣୀୟ ଧାରଣା ହେଲା, 'ସୃଜନଶୀଳ ବିନାଶ'(କ୍ରିଏଟିଭ ଡେଷ୍ଟ୍ରକସନ)। ଏହା ଏକ ପ୍ରକ୍ରିୟା, ଯେଉଁଠାରେ ପୁରୁଣା ପ୍ରଣାଳୀ ଓ ପ୍ରଯୁକ୍ତିବିଦ୍ୟାକୁ ଭାଙ୍ଗି ନୂତନ, ଦକ୍ଷ ଓ ପରିବର୍ତ୍ତନକାରୀ ପ୍ରଣାଳୀ ପାଇଁ ସ୍ଥାନ ଦିଆଯାଇଛି। ଅର୍ଥନୀତି ବ୍ୟତୀତ ମୁଁ ବିଶ୍ୱାସ କରେ ଏହାର ଏକ ଦାର୍ଶନିକ ଅର୍ଥ ଏବଂ ଏକ ବୈଜ୍ଞାନିକ ଦିଗ ମଧ୍ୟ ରହିଛି। ଆସନ୍ତୁ ପ୍ରଥମେ ଦାର୍ଶନିକ ଦିଗ ଉପରେ ଧ୍ୟାନ ଦେବା।

ଭଗବଦ୍ ଗୀତା କୁହେ: 'ଯାହା ସୃଷ୍ଟି ହୁଏ ତାହା ନଷ୍ଟ ମଧ୍ୟ ହୁଏ। ଏହାର ବିପରୀତ ମଧ୍ୟ ନିଶ୍ଚିତ। ଅର୍ଥାତ 'ଯାହା ବିନାଶ ହୁଏ ତାହା ସୃଷ୍ଟି ମଧ୍ୟ ହୁଏ।' ଏହା ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ପରିପ୍ରେକ୍ଷୀରେ କୁହାଯାଇଛି। ଏହି ଧାରଣାଗୁଡ଼ିକ ସୃଷ୍ଟି, ବିନାଶ ଓ ପୁନଃ ସୃଷ୍ଟିକୁ ଇଙ୍ଗିତ କରେ। ଏହି ପ୍ରକ୍ରିୟା ଅନ୍ତହୀନ ବା ପୁନଃପୁନଃ ହେଉଥାଏ। ଏହା ଏହି ସତ୍ୟକୁ ମଧ୍ୟ ଇଙ୍ଗିତ କରେ ଯେ ଏହି ଜଗତରେ ସବୁକିଛି କ୍ଷଣସ୍ଥାୟୀ। ବ୍ୟାକରଣରେ ଏହି ଧାରଣା, ଯାହାକି ଦୁଇଟି ବିପରୀତ ଅର୍ଥ ଶବ୍ଦ ଥିବା ଏକ ବାକ୍ୟାଂଶ, ଅକ୍ସିମୋରନ୍ ଭାବରେ ଜଣାଯାଏ। ସହଜ ଭାବରେ, ଅକ୍ସି ଅର୍ଥ ତୀକ୍ଷ୍ଣ କିମ୍ବା ବୁଦ୍ଧିମାନ ଏବଂ ମୋରନ୍ ମୂର୍ଖତାକୁ ବୁଝାଏ। ମୂର୍ଖ ବୁଦ୍ଧିମାନ ଅଥବା ବୁଦ୍ଧିମାନ ମୂର୍ଖ।

ସୃଷ୍ଟି ସକାରାତ୍ମକତାକୁ ବୁଝାଏ ଏବଂ ବିନାଶ ନକାରାତ୍ମକତାକୁ ବୁଝାଏ। ଉଭୟ ଭିନ୍ନ ଭିନ୍ନ ସନ୍ଦର୍ଭରେ ଅର୍ଥପୂର୍ଣ୍ଣ। ସହାବସ୍ଥାନ ଅର୍ଥାତ ବିପରୀତର ମିଶ୍ରଣ ମଧ୍ୟ ଏକ ଭିନ୍ନ ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ। ଅତୀତର ବିକାଶ ପୁରୁଣା ହୋଇପାରେ। କିନ୍ତୁ ଏହା ମଧ୍ୟ ସମୟର ଚାହିଦା ଅନୁସାରେ ସୃଷ୍ଟି ହୋଇଥିଲା ଏବଂ ବର୍ତ୍ତମାନର ଆଧୁନିକ ବିକାଶ ପରି ସେମାନଙ୍କର ଉଦ୍ଦେଶ୍ୟ ପୂରଣ କରିଥିଲା। ଶିକ୍ଷା ମଧ୍ୟ ସୃଜନଶୀଳ ବିନାଶର ଏକ ମାଧ୍ୟମ। ଏହା ଅଜ୍ଞତାକୁ ନାଶ କରେ ଏବଂ ଜ୍ଞାନ ସୃଷ୍ଟି କରେ। ଚରିତ୍ର ଆମ ଭିତରେ ଥିବା ଦୁର୍ବଳତାକୁ ନଷ୍ଟ କରେ। ହୃଦୟ ଓ ମନରେ ପବିତ୍ରତା ସୃଷ୍ଟି କରେ। ଶିକ୍ଷା ଓ ଚରିତ୍ରର ସମ୍ମିଳିତ ପ୍ରକ୍ରିୟା ବିଶୃଙ୍ଖଳା ଏବଂ ଅପୂର୍ଣ୍ଣତାକୁ ହ୍ରାସ କରି ଜୀବନରେ ଶୃଙ୍ଖଳା ଓ ସିଦ୍ଧତା ସ୍ଥାପିତ କରନ୍ତି, ଯଦିଓ ସେମାନଙ୍କର ସମ୍ପୂର୍ଣ୍ଣ ବିନାଶ ସମ୍ଭବ ନୁହେଁ। ଆମେ ମଣିଷ ଏବଂ ଆମ ଭିତରେ ସବୁବେଳେ ଊଣାଅଧିକେ ମାନବୀୟ ଦୁର୍ବଳତା ରହିବ।

ବିଜ୍ଞାନରେ ମଧ୍ୟ, ଉଭୟ ସୃଷ୍ଟି ଓ ବିନାଶ ପ୍ରକ୍ରିୟା ସନ୍ତୁଳନ ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ। ଆଜିକାଲି ଆମେ ପ୍ରାୟତଃ ଅର୍ଦ୍ଧପରିବାହୀ ପଦାର୍ଥ ଏବଂ ଏହାର ବ୍ୟବହାରିକ ପ୍ରୟୋଗ ବିଷୟକୁ ଗୁରୁତ୍ୱ ଦେଉଛୁ। ଏହାର ସ୍ୱଦେଶୀ ବିକାଶ ଆମର ଅର୍ଥନୀତିକୁ ଏକ ବଡ଼ ପରିମାଣରେ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି। କାରଣ ଆମର ଦୈନନ୍ଦିନ ଉପକରଣଗୁଡ଼ିକ ଏହି ସାମଗ୍ରୀ ଏବଂ ସେମାନଙ୍କର ବିଭିନ୍ନ ସଂସ୍କରଣ ଉପରେ ନିର୍ଭର କରେ। ସରଳ ଭାବେ ଏକ ଅର୍ଦ୍ଧପରିବାହୀ ପଦାର୍ଥ ଦୁଇଟି ଶକ୍ତି-ବ୍ୟାଣ୍ଡ ମାଧ୍ୟମରେ ବୁଝାଯାଏ। ଏହି ଦୁଇଟି ଶକ୍ତି-ବ୍ୟାଣ୍ଡ ଏକ ଶକ୍ତି-ବ୍ୟବଧାନ ଦ୍ୱାରା ପୃଥକ ହୋଇଥାଏ। ତଳ ବ୍ୟାଣ୍ଡଟି ସ୍ୱାଧୀନତା ବିହୀନ ଇଲେକ୍ଟ୍ରନଗୁଡ଼ିକ ଦ୍ୱାରା ଭରି ହୋଇଥାଏ ଏବଂ ଉପର ବ୍ୟାଣ୍ଡଟି ପୁରା ଖାଲି। ଏହି ଅବସ୍ଥାରେ ଏହା ଏକ କୁପରିବାହୀ ପଦାର୍ଥ ସଦୃଶ କାମ କରେ।

ଯଦି ଏହି ଚିତ୍ରରେ ଆମେ ସୃଷ୍ଟି ଓ ବିନାଶର ପ୍ରକ୍ରିୟାଗୁଡ଼ିକୁ ଉପଯୋଗ କରୁ, ତେବେ ଏଗୁଡ଼ିକ ଅର୍ଦ୍ଧପରିବାହୀ ହୁଅନ୍ତି। ଏହି ପ୍ରକ୍ରିୟାଗୁଡ଼ିକ ବିଭିନ୍ନ ଉପାୟରେ ପ୍ରଚଳିତ ହୁଏ। ଯଥା ତାପ, ଆଲୋକ ଏବଂ ମଇଳା କିମ୍ବା ଅଶୁଦ୍ଧ ପ୍ରଭାବ।

ଯଦି ଆମେ ଏକ ଅର୍ଦ୍ଧପରିବାହୀକୁ ଗରମ କରୁ, ତେବେ ନିମ୍ନ ବ୍ୟାଣ୍ଡରେ ଥିବା ଇଲେକ୍ଟ୍ରୋନ୍ ନଷ୍ଟ ହୋଇ ଉପର ବ୍ୟାଣ୍ଡରେ ସୃଷ୍ଟି ହୁଏ। ଏହା ଏକ ସୃଜନଶୀଳ ବିନାଶ ପ୍ରକ୍ରିୟା। ତଳ ବ୍ୟାଣ୍ଡର ଏହାର ବିନାଶ ହେଲା, ଉପର ବ୍ୟାଣ୍ଡରେ ଏହାର ସୃଷ୍ଟି ହେଲା। ଯେତେବେଳେ ନିମ୍ନ ବ୍ୟାଣ୍ଡରେ ଏକ ଇଲେକ୍ଟ୍ରୋନ୍ ନଷ୍ଟ ହୋଇଯାଏ, ସେତେବେଳେ ସୃଷ୍ଟି ହେଉଥିବା ଖାଲି ଅବସ୍ଥାକୁ ଏକ ଗର୍ତ୍ତ-କଣିକା କୁହାଯାଏ। ତେଣୁ ଆମର ଦୁଇଟି ସୃଷ୍ଟି ହେଲା - ଉପର ବ୍ୟାଣ୍ଡରେ ଏକ ଇଲେକ୍ଟ୍ରୋନ୍ ଏବଂ ତଳ ବ୍ୟାଣ୍ଡରେ ଏକ ଗର୍ତ୍ତ-କଣିକା। ଉଭୟ ବର୍ତ୍ତମାନ ମୁକ୍ତ ଓ ବିଦ୍ୟୁତ୍ ପରିବହନ କରନ୍ତି। କାରଣ ଏଗୁଡ଼ିକ ବୈଦ୍ୟୁତିକ ଚାର୍ଜ ଥିବା କଣିକା। କିଛି ନିର୍ଦ୍ଦିଷ୍ଟ ଗୁଣରେ ବିପରୀତ ହେବା ସତ୍ତ୍ୱେ ପରିବହନ ପ୍ରକ୍ରିୟାରେ ଇଲେକଟ୍ରନ୍ସ ଏବଂ ଗର୍ତ୍ତ-କଣିକାଗୁଡ଼ିକ ମିଳିତ ଭାବେ ଚାର୍ଜ ପରିବହନ କରନ୍ତି। ଏହା ଏକ ସୃଷ୍ଟି-ସୃଷ୍ଟି ପ୍ରକ୍ରିୟା।

ଯେତେବେଳେ ଏକ ସନ୍ତାନ ଜନ୍ମ ହୁଏ ଜଣେ ମା' ମଧ୍ୟ ଜନ୍ମ ନିଅନ୍ତି ଏବଂ ପ୍ରେମର ପ୍ରବାହ ପ୍ରଚୁର, ପବିତ୍ର ଓ ଦିବ୍ୟ ହୋଇଯାଏ। ଜୀବନ ଫୁଲ ପରି ଫୁଟି ଚାରିଆଡ଼େ ଖୁସି ବିସ୍ତାର କରେ। ଜୀବନ କ୍ଷେତ୍ରରେ ଏହା ଏକ ସୃଷ୍ଟି-ସୃଷ୍ଟି ପ୍ରକ୍ରିୟା। ଯେମିତି ସୃଜନଶୀଳ ବିନାଶ ହୁଏ ଏକ ବିନାଶକାରୀ ସୃଷ୍ଟି ମଧ୍ୟ ହୋଇପାରେ! ଏହା ସୂଚାଇ ଦିଏ ଯେ ନୂତନ ବିକାଶ ଅଜାଣତରେ ମୂଲ୍ୟବୋଧ, ପରିବେଶ କିମ୍ବା ସାମାଜିକ ସଂହତିକୁ ନଷ୍ଟ କରିପାରେ। ତେଣୁ ସୃଷ୍ଟି ଓ ବିନାଶର ଦ୍ୱନ୍ଦ୍ୱ ଏକଦିଗୀୟ ନୁହେଁ; ଏହା ବିଚକ୍ଷଣତା ଓ ସନ୍ତୁଳନ ଦାବି କରେ। ●

(ପ୍ରାକ୍ତନ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

# ପ୍ରଗତିବାଦୀ ଚେତନାର ଭଗୀରଥ: ଭଗବତୀ ଚରଣ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

କାର୍ଲମାର୍କ୍ସଙ୍କ ସାମ୍ୟବାଦୀ ଚିନ୍ତନ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଅନ୍ତରକୁ ମନ୍‌ଥିତ କରିଦେବାର ମୂଳ କାରଣ ହେଉଛି, ସାମାଜିକ ପରିବର୍ତ୍ତନ ସକାଶେ ତାଙ୍କ ପ୍ରାଣ-ପ୍ରତିଜ୍ଞା। ଆମ ଚତୁଃପାର୍ଶ୍ୱର ବାତାବରଣରେ ପରିବ୍ୟାପ୍ତ ଅସାମଞ୍ଜସ୍ୟ ତାଙ୍କ ଅନ୍ତର୍ଚେତନାକୁ କି ତୀବ୍ର ଭାବରେ ଆଲୋଡ଼ିତ କରି ନ ଦେଇଛି! ଠିକ ଏହି ସମୟରେ ତାଙ୍କ ଆତ୍ମାରେ ଅମାପ ଶକ୍ତି ଭରି ଦେବା ପାଇଁ ଏକ ସୂକ୍ଷ୍ମ ଆଲୋକରେଖାରେ ପରିଣତ ହୋଇ ଆସିଛନ୍ତି କାର୍ଲମାର୍କ୍ସ। ସମଗ୍ର ପୃଥିବୀ ପ୍ରଦକ୍ଷିଣ କରୁଥିଲେ ସେ। ଯେଉଁଠି ଦେଖୁଥିଲେ ସାମାଜିକ ପରିବେଶ ମଧ୍ୟରେ ଅସନ୍ତୁଷ୍ଟ ଓ ଅଣନିଃଶ୍ୱାସୀ କୌଣସି ତରୁଣକୁ ତା' ଭିତରେ ନୂତନ ସ୍ୱପ୍ନ ଓ ସଂକଳ୍ପର ସତେଜ ଶକ୍ତି ରୂପରେ ସେ ପ୍ରବେଶ କରଯାଇଛନ୍ତି ଅନାୟାସରେ। ସେଥିପାଇଁ ସମଗ୍ର ପୃଥିବୀରେ ପ୍ରଜ୍ୱଳିତ ହୋଇ ଉଠିଛି ବିପ୍ଳବର ବହ୍ନି। ଓଡ଼ିଶା ମାଟିରେ ନବ ନବ ସ୍ୱପ୍ନରେ ସର୍ବଦା ଆନ୍ଦୋଳିତ ହେଉଥିବା ଭଗବତୀ ଚରଣ ପାଣିଗ୍ରାହୀଙ୍କୁ ସେହି କ୍ରାନ୍ତିକାରୀ କଳାଶକ୍ତି କିପରି ଅବା ଆଛନ୍ନ କରି ନଥା'ନ୍ତା!

ମାର୍କ୍ସୀୟ ଚେତନା ସହିତ ଭଗବତୀଙ୍କ ଭାଗ୍ୟ-ବନ୍ଧନ ସମଗ୍ର ଓଡ଼ିଶାର ରାଜନୈତିକ ଓ ସାହିତ୍ୟିକ ଜଗତରେ ସୃଷ୍ଟି କରିଦେଲା ଅଭିନ୍ନ ଅଭିଯାତ୍ରା। ତାହା ଥିଲା ଧନିକ ଓ ଦରିଦ୍ର ଶ୍ରେଣୀ ମଧ୍ୟରେ ସମସ୍ତ ପ୍ରକାରର ଭେଦଭାବକୁ ମୂଳୋତ୍ପାଟିତ କରିଦେବାର ତୀକ୍ଷ୍ଣ ଅସ୍ତ୍ର। ଭଗବତୀ ଚରଣ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା 'ନବଯୁଗ ସାହିତ୍ୟ ସଂସଦ'। ପ୍ରକାଶିତ ହେଲା 'ଆଧୁନିକ'ପତ୍ରିକା। ୧୯୩୫ ମସିହାର ଏହି ପରିଯୋଜନା ପ୍ରମାଣିତ କରିଦେଲା ଯେ ସାହିତ୍ୟ ହିଁ ହେବ ନବଯୁଗର ଆଧୁନିକ ବାର୍ତ୍ତାବହ। ଭଗବତୀ ଚରଣ ପାଣିଗ୍ରାହୀଙ୍କ ବକ୍ତବ୍ୟରେ, ତାଙ୍କ ରଚିତ ସମ୍ପାଦକୀୟ ଆଉ ବିବିଧ ଗଦ୍ୟସୃଷ୍ଟି ମଧ୍ୟରେ ଏହା ଯେତେବେଳେ ହେଲା ପ୍ରକାଶିତ, ସେତେବେଳେ ସୃଜନଶୀଳ ପ୍ରତିଭାମାନଙ୍କୁ ତାହା ଅବିରତ ଭାବରେ ଦେଇଚାଲିଲା ଉତ୍ତପ୍ତ ସ୍ପର୍ଶ। ସେ ଏକ ପ୍ରବନ୍ଧରେ ଲେଖିଛନ୍ତି 'ଯେଉଁ ଜାତିରପ୍ରାଣ ବୈଚିତ୍ର୍ୟ ଲାଗି, ପରିବର୍ତ୍ତନ ଲାଗିଯେତିକି ଚଞ୍ଚଳ ହୋଇ ଉଠିଛି, ସେ ଜାତିର ସାହିତ୍ୟ ସେତିକି ଉନ୍ନତ ହୋଇଅଛି।'

ଭଗବତୀ ଚରଣଙ୍କ ସାହିତ୍ୟ-କୃତି ବିପୁଳ ହୋଇ ନପାରେ। ମାତ୍ର ତା'ର ଆବେଦନରେ କମ୍ପିତ ହୋଇ ଉଠିଛି ଶତ ସହସ୍ର ହୃଦୟ। ତାଙ୍କ ରଚିତ 'ଶିକାର' ଗଳ୍ପ କାହାରଅବା ନିଦ ହଜାଇ ଦେଇନାହିଁ! ଆଜି ବି ଯିଏ ତାହା ପାଠ କରିବେ ତାଙ୍କର ରାତ୍ରି ପରିଣତ ହୋଇଯିବ ମଧ୍ୟାହ୍ନ ବେଳାରେ। ଶୋଷିତ ସମ୍ପ୍ରଦାୟର ସରଳ ଆଦିବାସୀ ଯୁବକ ଅତ୍ୟାଚାରୀ ଗୋବିନ୍ଦ ସର୍ଦ୍ଦାରକୁ ବାଧ୍ୟ ହୋଇ କରିଛି ହତ୍ୟା। ଭାବିଛି ମନେ ମନେ ତାକୁ ପ୍ରଦତ୍ତ ହେବ ପୁରସ୍କାର। ମାତ୍ର ପ୍ରଚଳିତ ଆଇନ ବ୍ୟବସ୍ଥାରେ ତା'କୁ ଶୁଣାଇ ଦିଆଯାଇଛି ନିଷ୍ଠୁର ଫାଶୀ ଦଣ୍ଡାଦେଶ। ଯେଉଁ ଭଗବତୀ ଚରଣ ଥିଲେ ସାମ୍ୟବାଦୀ ଚେତନାର ସଂବାହକ ତାଙ୍କ ରଚିତ 'ଶିକାର' ସଦୃଶ ଗଳ୍ପ ଯେ ତାଙ୍କ ଜୀବନାଦର୍ଶ ଓ ସାହିତ୍ୟାଦର୍ଶଠାରୁ ହୋଇପାରେ ଭିନ୍ନ ଏହା କଳ୍ପନାତୀତ। 'ଦା ଓ ହାତୁଡ଼ି', 'ଜଙ୍ଗଲୀ', 'ଝଡ଼', 'ମିଶ୍ରଙ୍କ କୋପ', 'ବଞ୍ଚିତା', 'ଜୀବନର ସମାଧି', 'ଆରମ୍ଭ ଓ ଶେଷ' ଆଦି ଆଉ କେତୋଟି ଭିନ୍ନ ଭିନ୍ନ ଭାବଧାରାର ଗଳ୍ପ-ପ୍ରଣେତା ଭଗବତୀ।

କୌଣସି ମତବାଦ କେବେ ଚିରନ୍ତନ ହୋଇପାରେନା। ମାତ୍ର ସେହି ଆଦର୍ଶର ଭିତ୍ତି ଉପରେ ପ୍ରତିଷ୍ଠିତ ସାହିତ୍ୟ ରହିପାରେ ଚିର ଅମ୍ଳାନ, ତା'ର ମାନବିକ ଆବେଦନ ସକାଶେ। ଆଜିର ପରିପ୍ରେକ୍ଷୀରେ 'ଶିକାର' ଗଳ୍ପଟିକୁ ଭିନ୍ନ ଦୃଷ୍ଟିରେ କ'ଣ ଗ୍ରହଣ କରିପାରିବାର ନୈତିକ ସାହସ ଆମର ନାହିଁ? ଗଳ୍ପରେ ବର୍ଣ୍ଣିତ ସରଳ ଘିନୁଆ ଆମରି ଭିତରେ ବିଦ୍ୟମାନ। ଅପରପକ୍ଷରେ ଗୋବିନ୍ଦ ସର୍ଦ୍ଦାର ମଧ୍ୟ ଭିନ୍ନ ଭିନ୍ନ ଛଦ୍ମବେଶରେ ଆମ ମଧ୍ୟରେ ଅନୁପସ୍ଥିତ ବୋଲି କ'ଣ କହିହେବ ସତକୁ ସତ? ଆମେ କ'ଣ କେବେ କାହା ପ୍ରତି ଅନ୍ୟାୟ କରିନୁ? ଜ୍ଞାତସାରରେ ପୁଣି ଅଜ୍ଞାତସାରରେ ମଧ୍ୟ? ତେବେ ଗଳ୍ପଟିକୁ ଏବେ ଏକ ପ୍ରତୀକ ଭାବରେ ଗ୍ରହଣ କରାଯାଉ। ଆମ ମଧ୍ୟସ୍ଥିତ ଜଟିଳ, କୁଟିଳ, କର୍କଶ ଗୋବିନ୍ଦ ସର୍ଦ୍ଦାରକୁ ପରାହତ କରିବା ପାଇଁ ଘିନୁଆକୁ ହିଁ ଆମନ୍ତ୍ରଣ କରାଯାଉ। ଏହା ହେବ ନବ୍ୟ-ସାମ୍ୟବାଦର ସଂକେତ। ଏହି କାହାଣୀକୁ ଭିତ୍ତିକରି ୧୯୭୬ ମସିହାରେ ବିଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ମୃଣାଳ ସେନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଛି ହିନ୍ଦୀ ଚଳଚ୍ଚିତ୍ର 'ମୃଗୟା'। ମିଥୁନ ଚକ୍ରବର୍ତ୍ତୀ ମୁଖ୍ୟ ଭୂମିକାରେ ଅଭିନୟ କରି ଅଗଣିତ ଦର୍ଶକ ହୃଦୟକୁ ସ୍ତବ୍ଧ କରିଦେଇଛନ୍ତି। ଭଗବତୀ ପାଣିଗ୍ରାହୀଙ୍କ ଗଳ୍ପ ରଚନା, ହିନ୍ଦୀରେ ଏହାର କଥାଚିତ୍ର ରୂପାୟନ ଓଡ଼ିଆ ଲେଖକ ଓ ପାଠକଙ୍କ ପାଇଁ ସଂରକ୍ଷିତ କରି ରଖିଛି ବହୁ ତାତ୍ପର୍ଯ୍ୟପୂର୍ଣ୍ଣ ବାର୍ତ୍ତା। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସାଉଦି ଆରବରେ କଳିଙ୍ଗାନ୍ କେଏସ୍‌ଏର ଅଷ୍ଟମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୬।୧୧(ସମିସ): ସାଉଦି ଆରବର ଦମାମ୍ ସହରରେ ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ କଳିଙ୍ଗାନ କେଏସ୍‌ଏର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬୫୦ରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ପରିବାର ଯୋଗଦେଇ ଓଡ଼ିଆ ସଂସ୍କୃତି, କଳା ଏବଂ ପରମ୍ପରାକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ଡ. ଦେବ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଓଡ଼ିଆ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ଓଡ଼ିଆ ଅସ୍ମିତା ତଥା ଓଡ଼ିଆ ଜାତିର ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ ଓ ଅନିନ୍ଦିତା ଦାସ ଓଡ଼ିଆ ସଙ୍ଗୀତ ପରିବେଷଣ କରିଥିଲେ। ହାସ୍ୟ କଳାକାର ମିଷ୍ଟର ଗୁଲୁଆଙ୍କ ଚମତ୍କାର ବ୍ୟଙ୍ଗ ପ୍ରଦର୍ଶନ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। କାର୍ଯ୍ୟକ୍ରମରେ

**ଓଡ଼ିଆ ସଂସ୍କୃତି, କଳା ଏବଂ ପରମ୍ପରାକୁ ପାଳନ କଲେ ପ୍ରବାସୀ ଓଡ଼ିଆ**

ଯୁବ ଓଡ଼ିଆ ପ୍ରତିଭା ଆଦିତ୍ୟ ମହାନ୍ତି ଏବଂ ଓଡ଼ିଶୀ ନୃତ୍ୟ ଶିଳ୍ପୀ ସାଗରିକା ମହାନ୍ତି ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଶାଶ୍ୱତ ଓ ସାଗରିକାଙ୍କ ଦ୍ୱାରା ପରିବେଷିତ "ରଥ ପଥ ଯାତ୍ରା ଜଗନ୍ନାଥ' ଅଭିନୟ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ଏହି ଅବସରରେ କଳିଙ୍ଗାନର ଅଫିସିଆଲ୍ ୱେବ୍‌ସାଇଟ୍ www.kalingans.org ଏବଂ ବାର୍ଷିକ ପତ୍ରିକା 'ନାରୀ ଶକ୍ତି' ସଂସ୍କରଣକୁ ଅତିଥିମାନେ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କଳିଙ୍ଗାନ୍‌ର କୋର୍ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ। ସମାରୋହରେ ସରାଫତ୍ ଶେଖ୍, ସନ୍ତୋଷ ଦାସ, ବିଶ୍ୱରଞ୍ଜନ ସାହୁ, ରଞ୍ଜନ ରଥ, ଶୋଭନ ମହାନ୍ତି, ସୂର୍ଯ୍ୟକାନ୍ତ ଦାସ, ଦିଗମ୍ବର ମହାଖୁଦ, ଇମତୀୟାଜ୍ ଅଲ୍ଲୀ, ଅଗଷ୍ଟିନ୍ ଧୀର, ବସନ୍ତ ସାହୁ, ଜ୍ୟୋତିର୍ମୟ ଦାସ, ପ୍ରୀତମ୍ ମହାନ୍ତି ପ୍ରମୁଖ ସାମିଲ୍ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ ଆୟୋଜନ...

ମୁଖ୍ୟକାର୍ଯ୍ୟ ନିର୍ବାହୀ ରଘୁରାମ ଆୟର ଓ ଗୁଜରାଟ କ୍ରୀଡ଼ାମନ୍ତ୍ରୀ ହର୍ଷ ସାଙ୍ଘବୀ ଯୋଗ ଦେଇଥିଲେ।

ପୂର୍ବରୁ ଭାରତ ୨୦୧୦ରେ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା ଓ ଏଥିରେ ଭାରତୀୟ କ୍ରୀଡ଼ାବିତ ୩୮ ସ୍ୱର୍ଣ୍ଣ ସହ ମୋଟ୍ ୧୦୧ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ଦୀର୍ଘ ୨୦ ବର୍ଷ ପରେ ଭାରତରେ କୌଣସି ମଲ୍ଟି ସ୍ପୋର୍ଟ୍ସ ଇଭେଣ୍ଟ ଆୟୋଜନ ହେବ। ଭାରତ ମଧ୍ୟ ପୂର୍ବରୁ ୧୯୫୧ ଓ ୧୯୮୨ ଏସୀୟ କ୍ରୀଡ଼ା ସଫଳତାର ସହ ଆୟୋଜନ କରିଥିଲା। ସେହିପରି ୨୦୦୩ରେ ହାଇଦରାବାଦରେ ଆଫ୍ରୋ ଏସୀୟ କ୍ରୀଡ଼ା ଆୟୋଜନ ହୋଇଥିଲା।

ଏଥିସହ ୨୦୩୬ ଅଲିମ୍ପିକ୍ସ ଗେମ୍ସ ଆୟୋଜନ ନେଇ ଭାରତର ଦାବି ଆହୁରି ଦୃଢ଼ ହେବ ବୋଲି ମନେ କରାଯାଉଛି। ଭାରତ ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ କରିବାକୁ ପସ୍ତୁତି ଜାରି ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲ୍‌କିଲ୍ଲାରେ ଏହାର ଘୋଷଣା କରିସାରିଛନ୍ତି। ଗତବର୍ଷ ନଭେମ୍ବରରେ ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଆନୁଷ୍ଠାନିକ ଭାବେ ଦାବି ଉପସ୍ଥାପନ କରିଥିଲା।

### ଓଡ଼ିଆ ସମେତ...

୨୬ରେ ଭାରତର ସମ୍ବିଧାନ ତିଆରି ହେବା ସହ ପ୍ରସ୍ତୁତ ହୋଇଥିଲା। ଏହି ଦିନ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ଅଧ୍ୟକ୍ଷ ଓମ ବିର୍ଲା, କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖଡଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଦୁଇ ସଂସଦର ସାଂସଦମାନେ ସାମିଲ ରହିଥିଲେ। ଡଃ ଭୀମରାଓ ରାମଜୀ ଆମ୍ବେଦକର ସମ୍ବିଧାନର ମୁଖ୍ୟ ନିର୍ମାତାଙ୍କ ମଧ୍ୟରେ ଅନ୍ୟତମ ବୋଲି ରାଷ୍ଟ୍ରପତି କହିଥିଲେ।

### ଆଜିଠାରୁ ଶୀତ...

ମୁର୍ମୁ ଅଭିଭାଷଣ ରଖିବେ। ଏହା ଓଡ଼ିଶା ବିଧାନସଭାରେ କୌଣସି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଏହା ପ୍ରଥମ ଓ ଐତିହାସିକ ହେବ ବୋଲି କୁହାଯାଉଛି। ଏଥିପାଇଁ ସରକାର ମଧ୍ୟ ଆବଶ୍ୟକୀୟ ପ୍ରସ୍ତୁତି କରିଛନ୍ତି। ଅନ୍ୟପକ୍ଷରେ ପୂରା ଅଧିବେଶନରେ ସରକାରଙ୍କୁ ନାକେଦମ୍ କରିବାକୁ ବିରୋଧୀ ରଣନୀତି ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, ଚାଷୀଙ୍କ ସମସ୍ୟା, ଧାନକିଣା ସମସ୍ୟା, ନିଯୁକ୍ତି କେଲେଙ୍କାରୀ, ଲଘୁ ଖଣିଜ ସମ୍ପଦ ଚୋରୀ, ବିଜୁଳି ସମସ୍ୟା, ଦରଦାମ ବୃଦ୍ଧି, ଦାଦନ ସମସ୍ୟାକୁ ନେଇ ସରକାରଙ୍କୁ ଷଣ୍ଢୁଆସୀ ଆକ୍ରମଣ କରିବାକୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ରଣନୀତି ପ୍ରସ୍ତୁତି କରିଛନ୍ତି। ପ୍ରତିଟି ଘଟଣାରେ ସରକାରଙ୍କୁ ଜବାବ୍ ମଗାଯିବ। ସରକାର ଯଦି ଉତ୍ତର ନଦେଇ ପଳାୟନପନ୍ଥୀ ଭୂମିକା ଗ୍ରହଣ କରନ୍ତି, ଏହାର ତୀବ୍ର ବିରୋଧ କରାଯିବ ବୋଲି ବିଜେଡ଼ି ଓ କଂଗ୍ରେସ ବିଧାୟକମାନେ ଘୋଷଣା କରିଛନ୍ତି। ଅପରପକ୍ଷେ ସଂସଦୀୟ ବ୍ୟାପର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବିରୋଧୀଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ପ୍ରତ୍ୟେକ ଗଠନମୂଳକ ଆଲୋଚନାକୁ ସରକାର ସ୍ୱାଗତ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଅତିରିକ୍ତ ବଜେଟ ଆଗତ କରିବେ। ଅତିରିକ୍ତ ବଜେଟ ଉପରେ ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ। ୭ ତାରିଖ ଛୁଟି ଥିବାବେଳେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ। ଡିସେମ୍ବର ୩୧ ତାରିଖ ଯାଏଁ ମୋଟ ୨୯ ଦିନ ଗୃହ ଚାଲିବା ନେଇ ସ୍ଥିରୀକୃତ ହୋଇଛି। ଅପରପକ୍ଷେ ବିଧାନସଭାର ଶୀତ ଅଧିବେଶନ ପୂର୍ବରୁ ବୁଧବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବାଚସ୍ପତି ସୁରମା ପାଢୀ ଶୀତ ଅଧିବେଶନ କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି।

### ଅପରାହ୍ଣରେ ରାଷ୍ଟ୍ରପତିଙ୍କ...

ପହଞ୍ଚିବେ। ରାଷ୍ଟ୍ରପତି ବିଧାନସଭା ଗୃହକୁ ପ୍ରବେଶ ମାତ୍ରକେ ଓଡ଼ିଶା ପୁଲିସ ପକ୍ଷରୁ ଜାତୀୟ ସଙ୍ଗୀତ ବ୍ୟାଣ୍ଡ ପରିବେଷଣ କରାଯିବ। ବାଚସ୍ପତି ସୁରମା ପାଢ଼ୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଅଭିଭାଷଣ ରଖିବେ। ପରେ ରାଷ୍ଟ୍ରପତି ବିଧାନସଭାରେ ନିଜର ଅଭିଭାଷଣ ରଖିବେ ବୋଲି ଜଣାଯାଇଛି।

ଅଭିଭାଷଣ ସରିବା ପରେ ବିଧାନସଭା ପରିସରରେ ଏକ ଫଟୋ ସେସନ୍ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏପରିକି, ରାଷ୍ଟ୍ରପତି ଏକଦା ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଥିବା ବେଳେ ବିଧାନସଭାରେ ୧୧ ନମ୍ବର ରୁମରେ ବସୁଥିବା ବେଳେ ସେହି ରୁମ୍ ପରିଦର୍ଶନରେ ଯାଇ ନିଜର ସ୍ମୃତି ସାଉଣ୍ଟିବେ। ଅପରାହ୍ଣ ସାଢ଼େ ୪ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ସେ ବିଧାନସଭାରେ ରହିବେ ବୋଲି ଜଣାପଡ଼ିଛି। ପରେ ପରେ ଉକ୍ତଦିନ ରାଷ୍ଟ୍ରପତି ରାଜଭବନଠାରେ ରାଜ୍ୟପାଳଙ୍କ ପକ୍ଷରୁ ଆୟୋଜିତ ରାତ୍ରଭୋଜନ କାର୍ଯ୍ୟକ୍ରମରେ ଯୋଗଦେବେ। ପରଦିନ ୨୮ ତାରିଖ ସକାଳ ୯ଟା ୩୫ରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଲକ୍ଷ୍ନୌ ବିମାନବନ୍ଦର ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି।

### ପ୍ରତି ଟଙ୍କାର...

ଆର୍ଥିକ ବର୍ଷରୁ ସମାନ ବିସ୍ତୃତ ଖର୍ଚ୍ଚ ବର୍ଗୀକରଣ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଶିକ୍ଷା, ସ୍ୱାସ୍ଥ୍ୟ, ପୁଞ୍ଜି ପ୍ରକଳ୍ପ ଏବଂ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ଖର୍ଚ୍ଚର ସିଧାସଳଖ ତୁଳନା ସମ୍ଭବ ହୋଇପାରିବ। ପୁନଶ୍ଚ ଏହା ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକୁ ଯଥେଷ୍ଟ ଲାଭ ଦେଇପାରିବ ଓ ଆର୍ଥିକ ଭାବରେ ପଛୁଆ ରାଜ୍ୟଗୁଡ଼ିକୁ ଅଧିକ କେନ୍ଦ୍ରୀୟ ସହାୟତା ମିଳିବାରେ ସହଯୋଗ କରିବ ।

ଅନ୍ୟପକ୍ଷରେ ଏଣିକି ସମସ୍ତ ରାଜ୍ୟ ପ୍ରତି ମାସର ୧୦ ତାରିଖ ସୁଦ୍ଧା ମାସିକ ସିଭିଲ୍ ଆକାଉଣ୍ଟ ଏବଂ ସେପ୍ଟେମ୍ବର ୩୦ ସୁଦ୍ଧା ଡିଜିଟାଲ୍ ସ୍ୱାକ୍ଷର ସହିତ ବାର୍ଷିକ ଫାଇନାନ୍ସ ଆକାଉଣ୍ଟ ଏବଂ ଆପୋରାଇଜେସନ୍ ଆକାଉଣ୍ଟଗୁଡ଼ିକୁ ସମ୍ପୃକ୍ତ ପୋର୍ଟାଲ (ପବ୍ଲିକ୍ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍)ରେ ଅପଲୋଡ୍ କରିବେ। ବର୍ତ୍ତମାନ ହାର୍ଡ କପି ଦାଖଲ କରିବାର ଦଶନ୍ଧି ପୁରୁଣା ବ୍ୟବସ୍ଥା ବନ୍ଦ କରାଯାଉଛି। ଏଥିରେ ବିଳମ୍ବ ପାଇଁ ରାଜ୍ୟଗୁଡିକର ପାଣ୍ଠି ବିଳମ୍ବ ପାଇଁ ରାଜ୍ୟର ସମନ୍ୱିତ ପାଣ୍ଠିରୁ ପ୍ରତି ମାସରେ ୫୦ ଲକ୍ଷ ପର୍ଯ୍ୟନ୍ତ କାଟିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। କିଛି ରାଜ୍ୟକୁ ଏଥିପାଇଁ ପୂର୍ବରୁ ଦଣ୍ଡିତ କରାଯାଇଛି।

ସେହିପରି ସିଏଜି ଅଧିକାରୀମାନେ କହିଛନ୍ତି ଯେ ଏହି ଦୁଇଟି ସଂସ୍କାର ମିଳିତ ଭାବରେ ଦେଶର ସାର୍ବଜନୀନ ଆର୍ଥିକ ପରିଚାଳନାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଆଗାମୀ ଦୁଇଟି ଆର୍ଥିକ ବର୍ଷ ମଧ୍ୟରେ ଦେଶର ସାର୍ବଜନୀନ ଆର୍ଥିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁଗମ କରିବ। ୨୦୨୮-୨୯ ସୁଦ୍ଧା ସମସ୍ତ ରାଜ୍ୟର ମୋଟ ଖର୍ଚ୍ଚ ତଥ୍ୟର ୯୮% ତୁଳନାତ୍ମକ ବିଶ୍ଳେଷଣ କରାଯିବ। ଏହା ରାଜ୍ୟଗୁଡ଼ିକ ମଧ୍ୟରେ ଆର୍ଥିକ ଏବଂ ସାମାଜିକ ବିକାଶର ବ୍ୟବଧାନକୁ ଦ୍ରୁତ ଭାବରେ ପୂରଣ କରିବାରେ ସାହାଯ୍ୟ କରିବ। ସମ୍ପ୍ରତି ରାଜ୍ୟଗୁଡ଼ିକ ଦ୍ୱାରା ମୋଟ ଖର୍ଚ୍ଚର କେବଳ ୪୦-୪୫% ତୁଳନାତ୍ମକ ଭାବରେ ଉପଲବ୍ଧ। ସମସ୍ତ ରାଜ୍ୟରେ ପ୍ରମୁଖ ଖର୍ଚ୍ଚ ସାମଗ୍ରୀକୁ ସମାନ କରିବା ଅର୍ଥ ଯେପରିକି ଦରମା, ସାମଗ୍ରୀ ସେବା, ଅନୁଦାନ ଏବଂ ପୁଞ୍ଜି ଖର୍ଚ୍ଚ, ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ଭିତ୍ତିଭୂମି ଉପରେ ଖର୍ଚ୍ଚର ତୁଳନା ସହଜ କରିବ। ଏହାଦ୍ୱାରା ଗୋଟିଏ ରାଜ୍ୟର ଖର୍ଚ୍ଚ ଅନ୍ୟ ରାଜ୍ୟଠାରୁ କିପରି ଭିନ୍ନ ତାହା ପ୍ରମାଣିତ ହୋଇ ପାରିବ। ସେହିପରି କେଉଁ ରାଜ୍ୟଗୁଡ଼ିକ ସେମାନଙ୍କର ଖର୍ଚ୍ଚର ସର୍ବୋତ୍ତମ ବ୍ୟବହାର କରୁଛନ୍ତି ତାହା ମଧ୍ୟ ଜଣାପଡ଼ିବ। ଏହା ଅନ୍ୟ ରାଜ୍ୟର ବଜେଟକୁ ଉନ୍ନତ କରିବାରେ ସାହାଯ୍ୟ କରିବ, ରାଜ୍ୟଗୁଡ଼ିକୁ ସେମାନଙ୍କର ଦୁର୍ବଳତା ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରିବ ଏବଂ କେନ୍ଦ୍ର ସରକାରଙ୍କ ପାଇଁ ପାଣ୍ଠି ବଣ୍ଟନକୁ ଅଧିକ ସମାନ କରିବ।

### ରାଜ୍ୟରେ ନାରୀ...

ବାଘମାରୀ ଓ କଟକ ଏସସିବି ମେଡିକାଲରେ ନିକଟରେ ଘଟି ଯାଇଥିବା ନାରୀ ନିର୍ଯାତନା ଘଟଣା ଅତ୍ୟନ୍ତ ପୀଡ଼ା ଦାୟକ। ଏଭଳି ସମ୍ବେଦନଶୀଳ ଘଟଣା ସରକାରଙ୍କର ଅପାରଗତାକୁ ପଦାରେ ପକାଇଛି। ଏତେ ଘଟଣା ପରେ ଏ ସରକାରର ନିଦ କେବେ ଭାଙ୍ଗିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ସେହିପରି ଶାନ୍ତି ଓ ସଦ୍‌ଭାବ ପାଇଁ ସୁନାମ ଥିବା ଓଡ଼ିଶାରେ ସାଂପ୍ରଦାୟିକ ଉତ୍ତେଜନା ବଢ଼ି ଚାଲିଥିବା ବେଦନାଦାୟକ ବୋଲି କ୍ଷୋଭ ପ୍ରକାଶ କରିଥିଲେ ନବୀନ। ଗତ ୧୮ ମାସ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିରେ ଅବନତି ଘଟିଛି । କଟକ ସହରରେ ଦୁର୍ଗାପୂଜା ସମୟରେ ଘଟି ଯାଇଥିବା ଦଙ୍ଗା ଓଡ଼ିଶାର ମୁଣ୍ଡ ତଳକୁ କରିଦେଇଛି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ସେ ପୁଣି କହିଥିଲେ ଯେ ରାଜ୍ୟରେ ଚାଷୀ ଓ ମହିଳାମାନେ ସବୁଠାରୁ ଅଧିକ ଦୁଃଖରେ ଅଛନ୍ତି। ସରକାର ନା ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇ ପାରୁଛନ୍ତି, ନା ମିଶନ ଶକ୍ତି ମା' ମାନଙ୍କୁ ଋଣ ସହାୟତା ଦେଇ ପାରୁଛନ୍ତି । ଚାଷୀ ଓ ମିଶନ ଶକ୍ତି ମା' ମାନଙ୍କ ପ୍ରତି ସରକାରଙ୍କର ଉଦାସୀନତାର ଦୃଢ଼ ବିରୋଧ କରାଯିବ ବୋଲି ସେ କହିଥିଲେ। ରାଜ୍ୟରେ ଚାଲିଥିବା ବିଜେପି ସରକାରକୁ ଚାଷୀ, ମହିଳା ଓ ଯୁବ ବର୍ଗର ବିରୋଧୀ ବୋଲି ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଏ ପର୍ଯ୍ୟନ୍ତ ଗୋଟିଏ ବି ନିଯୁକ୍ତି ପରୀକ୍ଷା ତ୍ରୁଟି ଶୂନ୍ୟ ଭାବରେ ପରିଚାଳନା କରିପାରି ନାହାନ୍ତି। ଯାହାକି ଯୁବ ବର୍ଗ ମଧ୍ୟରେ ହତାଶା ସୃଷ୍ଟି କରିଛି। ତେଣୁ ଜନସାଧାରଣ ସମ୍ମୁଖୀନ ହେଉଥିବା ଏହି ସବୁ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡ଼ିଶାରେ ଧାନ ସଂଗ୍ରହ ନେଇ ଦେଖା ଦେଇଥିବା ସମସ୍ୟା ବିଷୟ ଉଠାଇଥିଲେ। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ବିଭିନ୍ନ ଆଳରେ ଗରିବ ଲୋକଙ୍କ ରାସନ କାର୍ଡ କାଟିବା ପାଇଁ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ବିରୋଧୀ ଦଳ ନେତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହରେ ବିରୋଧୀ ଦଳର ରଣନୀତି ଉପରେ ଆଲୋକପାତ କରିବା ସହିତ ଆସନ୍ତାକାଲି ରାଷ୍ଟ୍ରପତିଙ୍କ ବିଧାନସଭା କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନଙ୍କୁ ଅବଗତ କରିଥିଲେ।

### ଦର୍ଶନ ପାଇଁ...

ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତମାନେ ଯେପରି ସୁରୁଖୁରୁରେ ଦର୍ଶନ କରିପାରିବେ, ସେନେଇ ବ୍ୟବସ୍ଥା କରାଯାଉଛି। ଏସ୍‌ଓପି ଅନୁଯାୟୀ, ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଅର୍ଥାତ୍ ୧୨ଘଣ୍ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ। କିନ୍ତୁ ଶୀତଦିନ ଅର୍ଥାତ ନଭେମ୍ବରରୁ ଫେବ୍ରୁଆରୀ ଏହି ୪ମାସ ଭକ୍ତଙ୍କ ପ୍ରବେଶ ଅପରାହ୍ଣ ୫ଟାରୁ ବନ୍ଦ କରାଯିବ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିବ।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ବାହାରେ ଭକ୍ତଙ୍କ ପାଇଁ ନିଃଶୁଳ୍କ ମୋବାଇଲ୍ ଏବଂ ଜୋତାଷ୍ଟାଣ୍ଡ ବ୍ୟବସ୍ଥା କରାଯାଉଛି। ମନ୍ଦିର ଭିତରେ ପ୍ରାୟ ସବୁ ଜାଗାରେ ସିସିଟିଭି ଲଗା ସରିଛି। କିନ୍ତୁ ସୁରକ୍ଷା ଦୃଷ୍ଟିକୋଣରୁ ଆଉ କିଛି ଜାଗାରେ ଲଗାଯିବ।

ସେହିପରି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ଆସନ୍ତା ଡିସେମ୍ବର ୧ରୁ ସର୍ବସାଧାରଣଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର। ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଟେଣ୍ଡର୍ ଦିଆନଯାଇ ଶ୍ରୀମନ୍ଦିର ପ୍ରଶାସନ ନିଜେ ଏହାକୁ ପରିଚାଳନା କରିବ। ଗୁଣ୍ଡିଚା ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାମ ଶେଷ ହୋଇଥିବା ବେଳେ ଚତୁଃପାର୍ଶ୍ୱରୁ ସମସ୍ତ ଅବରୋଧ ହଟାଯାଇଛି ବୋଲି କହିଛନ୍ତି।

ସୂଚନାଥାଉ କି, ଓଡ଼ିଶାରେ କୋଭିଡ୍ କଟକଣା ଲାଗୁ ହେବା ପରଠାରୁ ଅର୍ଥାତ୍ ୨୦୨୦ରୁ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ପ୍ରାୟ ୬ବର୍ଷ ହେଲାଣି ଏହି କଟକଣା ରହିଛି। ଗତ ୪ବର୍ଷ ରଥଯାତ୍ରା ସମୟରେ ୯ ଦିନ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲା ରହୁଛି। ଆଡ଼ପମଣ୍ଡପରୁ ମହାପ୍ରଭୁ ଯିବା ପରେ ପୁଣି ବନ୍ଦ ହୋଇଯାଉଛି ମନ୍ଦିର ଦ୍ୱାର, ଯାହା ହଜାର ହଜାର ଜଗନ୍ନାଥପ୍ରେମୀଙ୍କୁ ନିରାଶ କରୁଛି। ପ୍ରଚାରପ୍ରସାର ଅଭାବରୁ ପ୍ରତିଦିନ ଶହଶହ ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ଆସି ନିରାଶ ହୋଇ ଫେରୁଛନ୍ତି। ପୁରୀକୁ ଆସୁଥିବା ଭକ୍ତ ଓ ତୀର୍ଥଯାତ୍ରୀ ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ଯିବାକୁ ଭୁଲି ନ ଥା'ନ୍ତି। ଅନେକ ପର୍ଯ୍ୟଟକ ମଧ୍ୟ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାର ଆଗ୍ରହ ରଖିଥା'ନ୍ତି। କିନ୍ତୁ ସେମାନଙ୍କୁ ନିରାଶ ହେବାକୁ ପଡୁଛି।


**ODISHA CONSTRUCTION CORPORATION LTD.** CAD-2475
(A Govt. of Odisha Undertaking)
**CENTRAL WORKSHOP, RASULGARH,**
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-20/66/2025-26 dtd.26.11.2025.**

Type of work : Supply of Casting items for Kanupur Irrigation Project (Depletion sluice at Block No. 12 & 13 ) for Emergency gate.
Total No. of work : 01(One).
Period of supply : 60 (Sixty) days.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-20 /66 / 2025-26 dtd.26.11.2025 | Rs.7080/- (Non-refundable) | 27.11.2025 10.00AM to 11.12.2025 1.00 PM | 27.11.2025 10.00AM to 11.12.2025 3.30 PM |

Date of opening of the Tender : 11.12.2025 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

Sd/-
Senior Manager (Mech.)-I
OCC Ltd., Bhubaneswar

OIPR-



**AFFIDAVIT**
By virtue of an affidavit sworn before Notary public Bhubaneswar on dated, 25.11.2025, I Sushil Mahar resident of at- Bada Harijan Sahi, New janta talkies, Nayagarh N.A.C, Po- Nayagarh Bazar, Dist- Nayagarh, Odisha, PIN- 752070 declare that I have changed my name from Susil Kumar Mahar to Sushil Mahar. Henceforth, I shall be known as **SUSHIL MAHAR** for all purposes.

**AFFIDAVIT**
By virtue of an affidavit sworn before Notary Public Bhubaneswar, on dated 26.11.2025, I Sanjay Kumar Muduli resident At- Bedapur, Po- Bhairipur, Ps- Gop, Dist- Puri, Odisha, PIN- 752110, declare that I have changed the name of my Son from Subhasurya Muduli to S.R. Subhasurya Muduli . Henceforth, He shall be known as **S.R. SUBHASURYA MUDULI for all purposes.**

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M )
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M )
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**
By virtue of an affidavit sworn before Notary public Bhubaneswar on dated, 25.11.2025, I Sanjaya Kumar Panda resident of Quarter. No- H/8, Labour Colony, Rajabagicha, Cuttack Sadar, Telenga Bazar Dist- Cuttack, Odisha, PIN- 753009 declare that I have changed my name from Sanjay Kumar Panda to Sanjaya Kumar Panda. Henceforth, I shall be known as **SANJAYA KUMAR PANDA** for all purposes.

**AFFIDAVIT**
By virtue of an affidavit sworn before Notary public Bhubaneswar on dated, 25.11.2025, I Puspalata Nayak resident of Nayak Sahi, At/Po- Majhihara, Dist- Khordha, Odisha, PIN- 752103 declare that I have changed my name from Puspalata Bayak to Puspalata Nayak. Henceforth, I shall be known as **PUSPALATA NAYAK** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Puri, dated 26.11.2025 I, G S V Dattatreya Murthy , At: Nirmalya Apartment , flat No. 05, Samanta Chandra Sekhara Nagar, Rama Ballav Road, Puri , Odisha declare that I have changed the name of my son from Chandra Sekara Sharma to Ganti Chandra Sekhara Sarma. Henceforth, he shall be known as Ganti Chandra Sekhara Sarma for all purposes.

**NOTICE (FOR MINOR)**
By virtue of an affidavit no. 114, before the Executive Magistrate, Bhubaneswar on dtd.21.11.2025, I, Nalini Sahoo, At- Gobinda Nagar, Nayapalli, Bhubaneswar, Odisha, do hereby declare that I have changed my minor daughter's name from Purnim Sahoo (old name) to Purnima Sahoo (new name). Henceforth she shall be known as **Purnima Sahoo** (new name) for all purposes.
**Nalini Sahoo**

**NOTICE**
**(above 18 years of age)**
By virtue of a affidavit CF No. 101, sworn before Executive Magistrate / Notary Public BBSR, Dated 24.11.2025, I Rajalaxmi Dei, At.: Kotanga- Kantimala, Kotanga, Puri, Odisha - 752118 declaring that I have changed my name from Rajalaxmi Pradhan to Rajalaxmi Dei. Henceforth, I shall be known as Rajalaxmi Dei for all purpose.
**Rajalaxmi Dei**

**AFFIDAVIT**
I, Madhu Mahali, W/o Shiba Mahali, resident of Vill Thakurbadi, P.O. Tarana, P.S. Tiring, Dist. Mayurbhanj, state that my name has been recorded as Madhu Mardi in my Aadhaar Card (No. 6280 0166 1951). After marriage, my correct surname is Mahali. Both names Madhu Mardi and Madhu Mahali refer to the same person. Hence, I declare that my correct name is **Madhu Mahali.**

**AFFIDAVIT**
By virtue of an affidavit sworn before Notary Public, Jharsuguda dated - 25.11.25 I, Pawan Das, Address At - Badebanka, P.o- Rajkamma, Sub District- Pali, Dist - Korba, (CG) PIN-495445 declare that I have changed my name from Pawan Das Mahant to Pawan Das. Henceforth I shall be known as Pawan Das for all purposes.
**Pawan Das**

**AFFIDAVIT**
By virtue of an affidavit sworn before Executive Magistrate Cuttack, dated 25th November 2025, I Mrs SANTILATA MULIA, Address, HOUSE NO - 1155, Balabhadrapur, Balisahi, Cuttack Sadar, Po - Ad market, ps - badambadi, declare that I have changed my name from SANTI MULIA to SANTILATA MULIA. Henceforth, I shall be known as SANTILATA MULIA for all purposes.
**SANTILATA MULIA**

**AFFIDAVIT**
By virtue of an Affidavit sworn before the Executive Magistrate Sohela dated 07/11/2025 I Babita Sahoo D/O- Chakradhar Sahoo resident of Village/ Ward Mahabir Pada, Po./Ps.: Bhawanipatna Dist.: Kalahandi declare that, I have changed my name from **Babita Kumari Sahoo** to **Babita Sahoo**. Henceforth I shall be known as **Babita Sahoo** for all purposes.

**AFFIDAVIT**
By virtue of an affidavit Sl. No.495, dtd.26.11.2025 sworn before the Notary Public, Subarnapur, I, Preeti Priyadarsani Padhan, have changed my name from Priti Priyadarshini Padhan to Preeti Priyadarsani Padhan. Henceforth I shall be known as Preeti Priyadarsani Padhan for all purposes.
**Sd/- Preeti Priyadarsani Padhan**

**AFFIDAVIT**
I, AMIYA BALA NAYAK, aged about 69 years, W/o- Hemant Kumar Nayak, Resident of Nua Sahi, At/ PO: G.Udayagiri, Dist.: Kandhamal,Odisha, PIN- 762100, declared by this Affidavit No.: 1535/2025, Dated: 21.11.2025. That now onwards I shall be known as for all future **AMIA BALA NAIK** for all future Purposes.

**AFFIDAVIT**
By virtue of an affidavit (CF No. 02, dtd- 26/11/2025) sworn before the Executive Magistrate, Padampur. I, **Manash Ranjan Panigrahi,** S/o Buddhadeb Panigrahi, permanent & current resident of AT- Padampur, PO- Rajborasambar, PS- Padampur, Dist- Bargarh, PIN- 768036, Odisha declare that I have changed my name from **Manish Panigrahi** to **Manash Ranjan Panigrahi**. Henceforth, I shall be known as **Manash Ranjan Panigrahi** (new name) for all purposes.
**Manash Ranjan Panigrahi**

**AFFIDAVIT**
I, Nidhi Mittal, aged about 34 years, W/o- Vinit Mittal, resident of At- Madhusudan Marg, Mittal Enterprises, Ps- Plant Site, Rourkela Dist- Sundargarh, Odisha, Pin- 769001 declare by this affidavit No. 2406, dtd- 26/11/2025, that now onwards I shall be known as **NIDHI GARG** for all future purposes.

**AFFIDAVIT**
I, Rasmita Yadav, aged about 36 years, W/o- Umesh Yadav, resident of At- Plot No.02, Brahmeswar Bag, Tankapani Road, Badagada Brit Colony, Bhubaneswar, Dist- Khordha, PIN- 751018, Odisha declare by this affidavit No. 2391, dtd- 26/11/2025, that now onwards I shall be known as **RASHMITA YADAV** for all future purposes.

**AFFIDAVIT**
I, Maina Anjum Akhtari, D/o- Sk Nabiruddin, resident of Alakundanuagan, Nuagan, Binjharpur, Dist-Jajpur, PIN- 755013, Odisha declared by this affidavit No-971, dtd- 26/11/2025 that now onwards I shall be known as **ANJUM AKHATARI** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated- 26/11/2025. I, **Bijaya Kumar Putel** (applicant name), S/o- Parsuram Putel, permanent resident of AT/PO- Tatopara, PS- Muribahal, Dist- Bolangir, (Odisha), PIN- 767033 now residing at the same place declare that I have changed my minor daughter's name from **Ashreeta Putel** (old name) to **Bansita Putel** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Bansita Putel** (new name) for all future purposes.
**Bijaya Kumar Putel**

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar vide CF. No. 73 on dated 24/11/2025, I PRANAYA KUMAR MALLICK, S/o- Felix Mallick, permanent resident of At/PO- Gudikia, PS- Bamunigam, Dist- Kandhamal, Odisha, Pin- 762021, declare that I have changed my name from PRANAY MALIK, S/o- Phelakas Malik to PRANAYA KUMAR MALLICK, S/o- Felix Mallick. Henceforth, I shall be known as PRANAYA KUMAR MALLICK, S/o- Felix Mallick for all purposes.
**PRANAYA KUMAR MALLICK**



**OFFICE OF THE NOTIFIED AREA COUNCIL, REMUNA, BALASORE**
E-mail: remuna-nac@gov.in, Tel.No. - 06782-291978
Letter No. 2290 / Dated 21/11/2025 C-1556

**Expression of interest for Supplying of 08 nos. of Door to Door waste collection compartmentalized LCV Vehicles including Drivers & loaders on hiring basis for Remuna NAC.**

Details of bid documents can be downloaded from the website **www.remunanac.in** on or before **08.12.2025 up to 5.00 PM**

The completed application, as per instructions in the EOI documents should reach the following address by Registered Post/ Speed Post on or before **5.00 PM on date 08.12.2025.**

Remuna NAC reserves the sole right to accept or reject the proposal without assigning any reason thereof.

**Executive Officer**
**Remuna NAC**

OIPR-



**IN THE COURT OF THE CIVIL JUDGE (SENIOR DIVISION), ANANDAPUR.**
C.S. 115/2023

Kanthia Sethy .......Plaintiff
Vrs.
Nachhu Sethy and others ..Defendants

**NOTICE U/O 5, RULE 20 OF C.P.C To**

Def. 4, 1) Mayadhar Sethy, aged about 57 yrs, Son of late Suka Sethy, of village/P.O- Keshadurapal,P.S- Ghasipura, Dist. Keonjhar.
Def. 5, 2) Tilottama Sethy, aged about 47 years,Wife of Baya Sethy of village-Chhualia, P.O- Dhenka, P.S- Soso, Dist. Keonjhar.
Def. 6, 3) Pramila Sethy, aged about 54 years, Wife of Daitari Sethy Daughter of Sya Sethy of village-Khalagadia,P.O- Dhenka, P.S- Soso, Dist. Keonjhar.
Def. 15, 4) Babuli Sethy, aged about 52 years,Son of late Bali Sethy of village/P.O Atapur, P.S- Sadar,Dist. Keonjhar.
Def. 18, 5) Sanju Sethy, aged about 49 years,Wife of Purna Chandra Behera of village/P.O-Pandirisilli,P.S- Raruan, Dist. Keonjhar.
Def. 20, 6) Pritimaya Sethy, aged about 28 years,Son of late Kulamani Sethy, Village- Sankhapata (Sabarsahi) P.O/P.S- Baripada, Dist. Mayurbhanj.

Take notice that the above-named plaintiff has filed the C.S no. 115/2023 for partition and permanent injunction against the Defendants and the service of summons could not be served against the aforesaid defendants in spite of repeated summons issued by the Court in either ways and the defendants avoided to receive the Court Summons.

So you all are noticed to appear in my Court on 22nd Dec 2023 at about 10.30 A.M in person or through advocate to put forth your claims as to why reliefs prayed by the plaintiff should not be granted.

Take notice that in case of default the suit will be heard or determined in your absence.

Given under my hand and seal of this Court day 20.10.2023.

**Civil Judge (Sr. Divn.),**
**Anandapur.**



**REGULATED MARKET COMMITTEE, DEOGARH**
At: Hatisahi Sahi, E- No -6, Punjapani, Dist.- Deogarh (Odisha), Pin - 768119
Email Id – rmcdeogarh20@gmail.com

**QUOTATION CALL NOTICE**

The Sub-Collector-cum-Chairman, RMC, Deogarh invites sealed quotations from different Tent House Owners for creation of waterproof temporary storage facilities for keeping paddy in all Paddy Purchase Centres (PPCs) of Deogarh district during the Kharif Marketing Season KMS-2025-26 along with Farmer Rest Shed of following specifications:

**1.** Waterproof Paddy Storage House of size 30' × 20'
Centre Height 15' tapering to 9' (each unit)
Polythene cover on three sides for protection from rainwater
Quantity - Minimum 49 units, additional units as per DLPC requirement.

**2.** Waterproof Farmers' Rest Sheds with cloth sealing of size 15' × 15' × 10' Side walls on three sides
Quantity – Minimum 49 units, additional units as per DLPC requirement.

Sealed quotations should reach the office of the RMC, Deogarh by Registered Post or by hand on or before 01.12.2025 by 5 PM and will be opened on 02.12.2025 at 11:00 AM by the RMC authority in the presence of the quotationers or their authorised representatives in the office of the RMC, Deogarh.

**TERMS & CONDITIONS:**
1. The quotationer should quote the rate inclusive of all charges including labour, transportation, fitting, materials, GST/IT and other applicable dues.
2. The quotationer should be a registered dealer having valid GST and PAN on the date of submission of quotation.
3. Work should be completed within 12 days from the date of issue of work order.
4. The Chairman, RMC, Deogarh reserves all rights to reject one or any of the tender without assigning any reason thereof.
5. Payment will be made only after quality checking and verification as to completion of work as per specification.

**Sd/-Sub Collector,**
**Deogarh & Chairman, Deogarh RMC**

# ମନରେଗା କାମରେ ଶ୍ରମିକ ସାଜିଲେ ଅଙ୍ଗନବାଡ଼ି କର୍ମୀ

ହରଭଙ୍ଗା,୨୬ ।୧୧(ସମିସ)

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଛତ୍ରଙ୍ଗ ପଞ୍ଚାୟତ ଧୁଙ୍ଗିଆମୁଣ୍ଡା ଅଙ୍ଗନବାଡ଼ି କର୍ମୀ ସେବତୀ ବେହେରା ମନରେଗା କାମରେ ଶ୍ରମିକ ସାଜିଥିବା ଭଳି ସଂଘାତିକ ଅଭିଯୋଗ ପଦାକୁ ଆସିଛି। ଏ ନେଇ ଗୁଣ୍ଡୁରିସାହି ଗ୍ରାମର ସଚେତନ ନାଗରିକ ତେଜ କୁମାର ଜଗଦଳା ବୌଦ୍ଧ ଜିଲ୍ଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଜବକାର୍ଡ ନମ୍ବର-ଓଆର-୨୬-୦୦୨-୦୦୬-୦୦୨/୪୪୧୨ ମାଧ୍ୟମରେ ୩୦/୧୧/୨୦୨୦ରୁ ୧୭/୧୨/୨୦୨୦ ପର୍ଯ୍ୟନ୍ତ ମନରେଗା ଯୋଜନାରେ ମୋ ଉପକାରୀ ବଗିଚା କାର୍ଯ୍ୟ (ବଡ-ଗୁଣ୍ଡୁରିସାହି)ରେ ଶ୍ରମିକଙ୍କ ମଜୁରୀ ହଡପ ହୋଇଛି। ସେହିପରି କଣ୍ଡିପଦର ଗ୍ରାମର ନରେନ୍ଦ୍ର କହଁରଙ୍କ ଫାର୍ମପଣ୍ଡ କାର୍ଯ୍ୟରେ ଫେବୃୟାରୀ ୨ରୁ ଜୁନ୍ ୯ ପର୍ଯ୍ୟନ୍ତ ୭ଦିନ କାର୍ଯ୍ୟ ବାବଦ ଅର୍ଥ ହଡପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ କଥା ସେ ଜାଣିପାରିବା ପରେ ମନରେଗା ପ୍ରୋଗାମ

**ଜିଲ୍ଲାପାଳଙ୍କୁ ଅଭିଯୋଗ**

ଅଫିସର ହରଭଙ୍ଗା ବିଡିଓ ଏବଂ ସହକାରୀ ପ୍ରୋଗାମ ଅଫିସର (ଏପିଓ)ଙ୍କୁ ଜଣାଇଥିଲେ; ହେଲେ କୌଣସି ସୁଫଳ ନ ମିଳିବାରୁ ସେ ଜିଲ୍ଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଲେଖିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଉପରେ ଜିଲ୍ଲାପାଳ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା କେବଳ ଦେଖିବାର ବାକି ରହିଛି। ଏ ସମ୍ପର୍କରେ ହରଭଙ୍ଗା ବିଡିଓ ବିଜୟ ପ୍ରଧାନଙ୍କୁ ପଚାରିବାରୁ ସେ ଅତି ହାଲୁକା ଭାବେ ଉତ୍ତର ଦେଇଥିଲେ। ହରଭଙ୍ଗା ଏପିଓ ହେମନ୍ତ ପ୍ରଧାନଙ୍କୁ ପଚାରିବାରୁ ଅଭିଯୋଗ ପରେ ମଷ୍ଟରରୋଲ ଶୂନ କରାଯାଇଛି। କ'ଣ ହୋଇଛି ଦେଖିଲା ପରେ କହିବେ ବୋଲି କହିଥିଲେ। ତେବେ ଜଣେ ଅଙ୍ଗନବାଡ଼ି କର୍ମୀ ଥାଇ ମଧ୍ୟ ମନରେଗା କାମ କରିପାରିବ କି ବୋଲି ପଚାରିବାରୁ ସେ ନାହିଁ ବୋଲି ଉତ୍ତର ରଖିଥିଲେ। ଏ ସମ୍ପର୍କରେ ହରଭଙ୍ଗା ସିଡିପିଓ ଦୀପ୍ତିମୟୀ ପାତ୍ରଙ୍କୁ ପଚାରିବାରୁ ଧୁଙ୍ଗିଆମୁଣ୍ଡା ଅଙ୍ଗନବାଡ଼ି କର୍ମୀ ସେବତୀ କହଁର ବୋଲି ସୂଚନା ଦେଇଥିଲେ; ମାତ୍ର ଜବ୍‌କାର୍ଡ ନମ୍ବର-ଓଆର-୨୬-୦୦୨-୦୦୬-୦୦୨/୪୪୧୨ର ସେବତୀ ବେହେରା ସ୍ୱାମୀ ଭାରତୀ ବେହେରା, ଗ୍ରାମ ବଡଗୁଣ୍ଡୁରିସାହି ଉଲ୍ଲେଖ ରହିଛି। ଏହି ନାମରେ ଥିବା ଜବକାର୍ଡରେ ନିୟୋଜିତ ଶ୍ରମିକ ସେବତୀ ବେହେରାଙ୍କ ପାଉଣା ହରଭଙ୍ଗା ଷ୍ଟେଟବ୍ୟାଙ୍କରେ ଜମାଖାତା ଥିବା ସେବତୀ କହଁରଙ୍କ ଖାତାକୁ ଗତ ଜୁନ୍ ୧୬ରେ ୧୯୧୧ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି।

## ସହାୟତା ଦାବିରେ ମୃତକଙ୍କ ପତ୍ନୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ବୌଦ୍ଧ,୨୬ ।୧୧ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ ବିଚିକା ଗ୍ରାମର ଜରେ ମୃତ ଦାଦନ ଶ୍ରମିକଙ୍କ ପରିବାର ସହାୟତା ଯୋଗାଇ ଦେବାକୁ ଦାବି କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାମିଲନାଡୁ ରାଜ୍ୟର ଭେଲୋର ଜିଲ୍ଲାର ଏକ ସୂତା କଳରେ କାମ କରୁଥିବା ବିଚିକା ଗ୍ରାମର ବିଜୟ ମହାନନ୍ଦିଆଙ୍କ ଗତ ସେପ୍ଟେମ୍ବର ୧୦ରେ ଆକସ୍ମିକ ମୃତ୍ୟୁ ଘଟିଥିଲା। ବିଜୟଙ୍କ ପତ୍ନୀ ଚିତ୍ର ମହାନନ୍ଦିଆ, ଛୋଟ ଛୋଟ ଦୁଇ ଝିଅ ଓ ଗୋଟିଏ ପୁଅ ବେସାହାରା ହୋଇ ପଡିଛନ୍ତି। ବିଜୟ ପରିବାରର ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁ ପରେ ପରିବାର ଚଳାଇବା ପାଇଁ କୌଣସି ସାଧନ ନାହିଁ। ତେଣୁ ପ୍ରଶାସନ ପରିବାରକୁ ଅନ୍ୟାନ୍ୟ ସହାୟତା ସହ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଚିତ୍ର ଜିଲ୍ଲାପାଳଙ୍କୁ ଲିଖିତ ଆବେଦନ କରିଛନ୍ତି। ଆବେଦନ ପତ୍ର ପ୍ରଦାନ ସମୟରେ ଜିଲ୍ଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦ ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗ ଉପସ୍ଥିତ ଥିଲେ।

## ଜଙ୍ଗଲ ଜମି ଅଧିକାର ନେଇ ଦାବିପତ୍ର



ବୌଦ୍ଧ,୨୬ ।୧୧ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଆରିମୁଲ ପ୍ରଗଣା ଆଦିବାସୀ କନ୍ଧ ସମାଜର ସଦସ୍ୟମାନେ ଜଙ୍ଗଲ ଜମି ଅଧିକାର ପାଇ ନ ଥିବା ଅଭିଯୋଗ କରି ଉପ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଲମ୍ବସରୀ, ଦପଲା, ବରଗୋଛା ଓ ଶୁଣ୍ଡିପଦର ଆଦି ପଞ୍ଚାୟତର ଆଦିବାସୀମାନେ ଜଙ୍ଗଲ ଜମି ପଟା ପାଇଁ ୨୦୨୩ ମସିହାରେ କଣ୍ଟାମାଳ ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଯାଇ ଦାବି କରୁଥିଲେ ମଧ୍ୟ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଅଭିଯୋଗ କରିଛନ୍ତି। ସେଥିପାଇଁ ସେମାନଙ୍କୁ ଜଙ୍ଗଲ ଜମି ପଟା ପ୍ରଦାନ ଦିଗରେ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଉପ ଜିଲ୍ଲାପାଳ ବିନୟ ଭୋଇଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସଭାପତି ନରୋତ୍ତମ ମଲିକ, ସମ୍ପାଦକ ରିଙ୍କୁ ମାଝୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ୬୦ କେଜି ଗଞ୍ଜେଇ ଜବତ, ୨ ମାଫିଆ ଗିରଫ

ବୌଦ୍ଧ,୨୬ ।୧୧(ସମିସ): କଣ୍ଟାମାଳ ପୁଲିସ ଏକ ଗାଡ଼ିରୁ ୬୦ କେଜି ଗଞ୍ଜେଇ ଜବତ କରିଛି। ଏହାସହ ୨ ଜଣ ମାଫିଆ ଗିରଫ ହୋଇଛନ୍ତି। ଏମାନେ ହେଲେ ମନମୁଣ୍ଡା ଥାନା ପଲସାଗୋରା ଗ୍ରାମର ଧ୍ରୁବଚରଣ ନାୟକ ଓ ଅର୍ଜୁନ ନାୟକ। ପୁଲିସ ଗଞ୍ଜେଇ, ଏକ ଟାଟା ଏସିଇ ପିକଅପ ଗାଡି ଜବତ କରିଛି। ଥାନା ଅଧିକାରୀ ରଞ୍ଜିତ ମୁନିଙ୍କ ନେତୃତ୍ୱରେ




ଏକ ଟିମ୍ କଣ୍ଟାମାଳ ହାଇସ୍କୁଲ ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଗଂଜେଇ ଚୋରା ଚାଲାଣ ହେଉ ଥିବା ଖବର ପାଇ ଚଢ଼ଉ କରିଥିଲା। ଏକ ଟାଟା ପିକ୍‌ଅପ୍ (ଓଡି ୩୧ ଏଲ ୬୯୩୬)କୁ ଯାଞ୍ଚ କଲା ପରେ ଗଞ୍ଜେଇ ଜବତ କରିଛି। ଏ ସମ୍ପର୍କରେ କଣ୍ଟାମାଳ ଥାନାରେ ୨୪୭/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି।

## ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କଲା ପୁଲିସ

ଶଡଡା,୨୬ ।୧୧(ସମିସ): ମନମୁଣ୍ଡା ଥାନା ପୁଲିସ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରଛି। ଥାନା ଅଧିକାରୀ ସସ୍ମିତା ମଗରଙ୍କ ନେତୃତ୍ୱରେ ଏକ ଟିମ୍ ମନମୁଣ୍ଡା ଥାନା ଅଧୀନ ବଡଜୁନାନି ଜଙ୍ଗଲରେ ଚଢ଼ଉ କରିଥିଲା। ୪:୩୦ ଏକର ପରିମିତ ଜାଗାରେ ବେଆଇନ ଭାବରେ ଚାଷ ହୋଇଥିବା ୪ ହଜାର ୩ଶହରୁ ଅଧିକ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିଛି। ଏହି ଚଢ଼ଉରେ ମନମୁଣ୍ଡା ଥାନାର ପୁଲିସ କର୍ମଚାରୀ ସାମିଲ ଥିଲେ। ଏ ନେଇ ମନମୁଣ୍ଡା ଥାନାରେ ୩୬୫/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ଥିବା ସୂଚନା ମିଳିଛି।



## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି



ପୁରୁଣାକଟକ,୨୬ ।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଧଳପୁର ରାଜେନ୍ଦ୍ର ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏବିଇଓ କାର୍ତ୍ତିକେଶ୍ୱର ନାଏକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବାବୁଲାଲ ଭୋକ୍ତା ଉପସ୍ଥିତ ଥିଲେ। ୨୮ ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ ବିଜ୍ଞାନ ଓ ବାଲ୍ ବୈଜ୍ଞାନିକ ମେଳା କିପରି ସୂଚରୁ ରୂପେ ଅନୁଷ୍ଠିତ ହେବ ସେ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହରା ଆଲୋଚନା କରିଥିଲେ। ପରିଚାଳନା ପାଇଁ ବିଭିନ୍ନ କମିଟିକୁ ଦାୟିତ୍ୱ ବଣ୍ଟନ କରିଥିଲେ। ଏହି ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ବିଜ୍ଞାନ ପ୍ରକଳ୍ପ ପଦର୍ଶନ କରିବେ। ଏହି ପ୍ରସ୍ତୁତି ବୈଠକରେ ବିଜ୍ଞାନ ଶିକ୍ଷକ, ସହକାରୀ ଶିକ୍ଷକ, ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏବିଇଓ କାର୍ତ୍ତିକେଶ୍ୱର ନାଏକ ଧନ୍ୟବାଦ ଜଣାଇଥିଲେ।

## ଷ୍ଟ୍ରିଟ ଲାଇଟ୍ ମରାମତି ଦାବି



ଡୁଙ୍ଗୁରିପାଲି,୨୬।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସୁନାପାଲି ଗ୍ରାମ ପଞ୍ଚାୟତର ପହଣ୍ଡି ଗ୍ରାମରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡିକ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଲାଇଟ୍ ଦୀର୍ଘଦିନ ଧରି ଅଚଳ ହୋଇ ପଡିରହିଛି। ଫଳରେ ସନ୍ଧ୍ୟା ପରେ ଗ୍ରାମ ପ୍ରାୟ ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଛି। ଯାହା ଫଳରେ ଛାତ୍ରଛାତ୍ରୀ, ମହିଳା ଏବଂ ବୃଦ୍ଧମାନେ ରାସ୍ତାରେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତିବେଳେ ଅନ୍ଧାର ଯୋଗୁ ଦୁର୍ଘଟଣା ଓ ଅପରାଧ ଘଟିବାର ଆଶଙ୍କା ମଧ୍ୟ ବଢ଼ିଯାଇଛି। ଗ୍ରାମବାସୀମାନେ ଏହି ସମସ୍ୟା ବିଷୟରେ ଏକାଧିକ ଥର ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମରାମତି ନ ହେବାରୁ ଗ୍ରାମବାସୀଙ୍କ ଅସନ୍ତୋଷ ଦିନକୁ ଦିନ ବଢୁଛି। ପହଣ୍ଡି ଗ୍ରାମର ଲୋକମାନେ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକୁ ଯଥାଶୀଘ୍ର ମରାମତି କରାଯିବାକୁ ଦାବି କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଦ୍ୟାରମ୍ଭ ସଂସ୍କାର



ଡୁଙ୍ଗୁରିପାଲି,୨୬।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶିଶୁ ବାଟିକା ବିଭାଗର ଉଦୟ ଓ ପ୍ରଭାତ ଶ୍ରେଣୀର ବିଦ୍ୟାରମ୍ଭ ସଂସ୍କାର (ଖଡିଛୁଆଁ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଶିବ ମନ୍ଦିରଠାରୁ କୀର୍ତ୍ତନ ଦଳ ସହ ଶତାଧିକ ମା'ମାନେ ମିଳିତ ଭାବେ ଭବ୍ୟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଶିଶୁ ବିଦ୍ୟାମନ୍ଦିରକୁ ଯାଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡା ଶିଶୁମାନଙ୍କ ପଦ ଧୌତ କରି ସ୍ୱାଗତ କରିଥିଲେ। ବୈଦିକ ରୀତିରେ ଗୁରୁଜୀ ରମେଶ କୁମାର ଗଡତୀୟା ଖଡ଼ିଛୁଆଁ କାର୍ଯ୍ୟକ୍ରମ କରିଥିଲେ। ଶିଶୁ ବାଟିକା ବିଭାଗର ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ। ଶିଶୁ ବାଟିକା ପ୍ରମୁଖ ନାରାୟଣ ବାରିକ ସର୍ବ ବ୍ୟବସ୍ଥା କରିଥିଲେ। ଶେଷରେ ସମସ୍ତଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଇଥିଲା।

# ସବୁଠି ସମ୍ବିଧାନ ଉପରେ ଆଲୋଚନା






ବୌଦ୍ଧ,୨୬ ।୧୧(ସମିସ): ବୌଦ୍ଧ ଜିଲ୍ଲା କୋର୍ଟ ଛକ ନିକଟ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସମ୍ବିଧାନ ବଞ୍ଚାଅ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାନେତ୍ରୀ ଶ୍ରୀମତୀ ବିନ୍ଧ୍ୟବାସିନୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମସ୍ତ କର୍ମକର୍ତ୍ତା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ବର୍ତ୍ତମାନ ଭାରତର ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ସରକାର ବେଖାତିର ପ୍ରଦର୍ଶନ କରି ଏକଛତ୍ରବାଦ ଶାସନ ଚଳାଇଛନ୍ତି। ଏଣୁ ସମସ୍ତ ଜନ ସାଧାରଣ ରାହୁଲ ଗାନ୍ଧୀଙ୍କ ଆହ୍ୱାନରେ ସମ୍ବିଧାନ ବଞ୍ଚାଅ ଅଭିଯାନରେ ସାମିଲ ହେବାକୁ ସଭାନେତ୍ରୀ ଶ୍ରୀମତୀ ସାହୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ନାରାୟଣ ପ୍ରସାଦ ପରିଜା, ଅନୁସୂଚିତ ଜାତି ବିଭାଗ ସଭାପତି ବଟକୃଷ୍ଣ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ସୁରେନ୍ଦ୍ର ସାହୁ, ଶାନ୍ତନୁ ମଲ୍ଲିକ, ଉଦ୍ଧବ ବେହେରା, ଚିତ୍ତରଞ୍ଜନ ବେହେରା, ପ୍ରମୋଦ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିଭଳି ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କସ୍ଥିତ ଗନ୍ଧରାଡ଼ି ଉଚ୍ଚ ମଧମିକ ବିଦ୍ୟାଳୟରେ ମଧ ସମ୍ବିଧାନ ଦିବସ ପାଳିତ ହୋଇଛି। ଅଧକ୍ଷ ପ୍ରଭାତ ଶତପଥୀ ଏଥିରେ ସଭାପତିତ୍ୱ କରିଥିଲେ। ରାଜନୀତି ବିଭାଗ ଅଧ୍ୟାପିକା ଲିପାରାଣୀ ପ୍ରଧାନ ସମ୍ବିଧାନର ତାତ୍ପର୍ଯ୍ୟ ଉପରେ ଅବଗତ କରାଇଥିଲେ। ଏହି ଅବସରରେ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରାଥମିକ ଉପଚାର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ରେଡକ୍ରସ ଭୁବନେଶ୍ୱର ଶାଖାର ସ୍ୱୀକୃତିପ୍ରାପ୍ତ ପ୍ରାଥମିକ ଉପଚାର ତାଲିମ ଦାତା ଅଧାପକ ଅଶୋକ ପାଣ୍ଡିଆ ଯୋଗଦେଇ ପ୍ରାୟ ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ଦୁର୍ଘଟଣା, ତାହାର ସ୍ଥିତି ଓ ପୀଡିତଙ୍କୁ ଉପଚାର ଉପରେ ତାଲିମ ପ୍ରଦାନ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ପ୍ରିୟବ୍ରତ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

**ଶଗଡା/ମନମୁଣ୍ଡା:** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଦହ୍ୟାସ୍ଥିତ ଜୀବନ ବିକାଶ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ପରିଚାଳନା କମିଟି ସଭାପତି କିଶୋର ମେହେର ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବିଧାନ ଦିବସ ସମ୍ପର୍କରେ କହିଥିଲେ। ଭାରତୀୟ ସମ୍ବିଧାନର ପ୍ରମୁଖ ନିର୍ମାତା ଡ. ଭିମରାଓ ଆମ୍ବେଦକରଙ୍କ ଭୂମିକା, ସାମ୍ବିଧାନିକ ମୂଲ୍ୟବୋଧର ପ୍ରଚାର ପ୍ରସାର ଏବଂ ସାମାଜିକ ନ୍ୟାୟ ପାଇବା ବିଷୟରେ ଜନତାଙ୍କୁ ସଚେତନ କରାଇବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ତତ ସହ ଛାତ୍ରଛାତ୍ରୀଙ୍କୁ ନାଗରିକର ଅଧିକାର ଓ ମୌଳିକ କର୍ତ୍ତବ୍ୟ ବିଷୟରେ ସଚେତନ କରାଇଥିଲେ। କଲେଜ ଅଧ୍ୟକ୍ଷ ସୁଶାନ୍ତ ଗୁରୁ ପ୍ରସ୍ତାବନା ପାଠ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଇଂରାଜୀ ଅଧ୍ୟାପକ ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ହରଭଙ୍ଗା/ପୁରୁଣାକଟକ:** ହରଭଙ୍ଗା ବ୍ଲକ୍ ପୁରୁଣାକଟକଠାରେ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ସମ୍ବିଧାନ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ତାରେଣିଆଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଆଠମଲ୍ଲିକ କଲେଜର ଅଧ୍ୟାପକ ଗଗନ ବିହାରୀ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ପ୍ରମୋଦ ମହାପାତ୍ର, ସୁରେଶ୍ୱର ଯୋଶୀ, ଅଧ୍ୟାପିକା ଶୁଭ୍ରାମଲ୍ଲିକା ପ୍ରଧାନ, ପୂଜାରାଣୀ ଦେଓ, ଦମୟନ୍ତୀ ନାୟକ ପ୍ରମୁଖ ଯୋଗଦେଇ ସମ୍ବିଧାନ ଓ ଆଇନ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଶପଥ ପାଠ କରିବା ସହିତ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ସମ୍ବିଧାନର କାର୍ଯ୍ୟକାରିତା, ମୌଳିକ ଅଧିକାର, ସର୍ବୋଚ୍ଚ ନ୍ୟାୟାଳୟ ଓ ସମ୍ବିଧାନର ପ୍ରକୃତି ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୪ଜଣ ଛାତ୍ରଛାତ୍ରୀ ନିଜର ସନ୍ଦର୍ଭ ପାଠ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ରଞ୍ଜିତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଶ୍ରୀତମ ସାହୁ ମଞ୍ଚ ପରିଚାଳନା କରିଥିଲେ।







## ଡଙ୍ଗାଝୋଲରେ ମାଣ୍ଡିଆ କ୍ଷେତ୍ର ଦିବସ

ଶଗଡା,୨୬ ।୧୧(ସମିସ): କଣ୍ଟାମାଳ ବ୍ଲକ୍ ଗୁଡଭେଳିପଦର ପଞ୍ଚାୟତ ଡଙ୍ଗାଝୋଲ ଗ୍ରାମରେ କୃଷି ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏ ମିଳିତ ଆୟୋଜନ କ୍ରମେ ଶ୍ରୀ ଅନ୍ନ ଅଭିଯାନ ମାଣ୍ଡିଆ କ୍ଷେତ୍ର ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଲଳିତ ସାହୁ, ଶ୍ରୀ ଅନ୍ନ ଅଭିଯାନର ଜିଲ୍ଲା ସଂଯୋଜକ ଜିତେନ୍ଦ୍ର କାର୍ଜି, ଗ୍ରାମ୍ୟ କୃଷି ଅଧିକାରୀ ଶିବାନୀ ଲୋଇ, ଶ୍ରୀ ଅନ୍ନ ଅଭିଯାନର ବ୍ଲକ ସଂଯୋଜକ ଶୁଭ୍ରାଂଶୁ ସାହୁ, ସହ ବ୍ଲକ ସଂଯୋଜକ ଅନିଲ ବେହେରା, ଗୁଡଭେଳିପଦର ପଞ୍ଚାୟତର ସରପଞ୍ଚ ପ୍ରତିନିଧି ସଚିନ ମିଶ୍ର ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳର ପ୍ରାୟ ୯ଟି ଗ୍ରାମର ୧୦୦ ଜଣ ପୁରୁଷ ଏବଂ ମହିଳା ଚାଷି ଉପସ୍ଥିତ ଥିଲେ। ଏଥିରେ ଶ୍ରୀ ଅନ୍ନ ଅଭିଯାନର ଜିଲ୍ଲା ସଂଯୋଜକ ଜିତେନ୍ଦ୍ର କାର୍ଜି ସଭାପତିତ୍ୱ କରିଥିବା ବେଳେ ବ୍ଲକ ସଂଯୋଜକ ଶୁଭ୍ରାଂଶୁ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶ୍ରୀ ଅନ୍ନ ଅଭିଯାନର ସହ ବ୍ଲକ ସଂଯୋଜକ ଅନିଲ ବେହେରା ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ।

## ସୌମ୍ୟରଞ୍ଜନ ପାତ୍ର ଘଣ୍ଟାପଡ଼ା ଥାନା ଅଧିକାରୀ

ବୌଦ୍ଧ,୨୬ ।୧୧ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଥାନାର ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ ସବ୍ ଇନ୍ସପେକ୍ଟର ସୌମ୍ୟରଞ୍ଜନ ପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏଠାରେ ଭାରପ୍ରାପ୍ତ ଅଧିକାରୀ ଦାୟିତ୍ୱରେ ଥିବା ସବ୍ ଇନ୍ସପେକ୍ଟର ମାଧବ ଚନ୍ଦ୍ର ଟାକ୍ରୀ ଶ୍ରୀ ପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ, ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧି ଓ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ବାଇକ୍ ଧକ୍କାରେ ବୃଦ୍ଧାଙ୍କ ସହ ଚାଳକ ଗୁରୁତର

ବୌଦ୍ଧ,୨୬ ।୧୧(ସମିସ): କଣ୍ଟାମାଳ ଥାନା ଶ୍ରୀମାଳ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜରେ ବୃଦ୍ଧାଙ୍କ ସହ ଚାଳକ ଗୁରୁତର ହୋଇଛନ୍ତି। କଣ୍ଟାମାଳରୁ ନୂଆଁପାଲି ପଟକୁ ଆସୁଥିବା ନିରଞ୍ଜନ ରଣା ଶ୍ରୀମାଳ ନିକଟରେ ଭାରସାମ୍ୟ ହରାଇ ସେହି ଗ୍ରାମର ଅଯୋଧ୍ୟା ରଣାଙ୍କୁ ଧକ୍କା ଦେଇଥିଲେ। ଏହାଫଳରେ ଦୁର୍ଘଟଣାରେ ଉଭୟ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ବଡଫଂଟାମୁଣ୍ଡା ବିଦ୍ୟାଳୟରେ ତମାଖୁ ମୁକ୍ତ ଅଭିଯାନ

ଡୁଙ୍ଗୁରିପାଲି,୨୬।୧୧(ସମିସ): ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ବଡଫଂଟାମୁଣ୍ଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତମାଖୁମୁକ୍ତ ଅଭିଯାନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ପରିଦର୍ଶକ ଦୁଃଖୀଶ୍ୟାମ ମହାଲିଙ୍ଗ, ନର୍ସିଂ ଅଧିକାରୀ ଆରତୀ ମିଶ୍ର, ମହିଳା ସ୍ୱାସ୍ଥ୍ୟକର୍ମୀ ଜ୍ୟୋସ୍ନାମୟୀ ଭୋଇ, ଆଶାକର୍ମୀ ଗୀତାଞ୍ଜଳି ଦିଶ୍ରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ରଣା, ସହକାରୀ ଶିକ୍ଷକ ଚକ୍ରଧର ବାରିକ, ଦିବ୍ୟରଞ୍ଜନ ମିଶ୍ର, ମୃତ୍ୟୁଞ୍ଜୟ ଉଦୁରକୁଲିଆ, ଶଙ୍କର ଗଡତ୍ୟାଙ୍କ ସମେତ ବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ରାଲି

**ଭବାନୀପାଟଣା, ୨୬ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ବିଶେଷ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମାନନୀୟା ସାଂସଦ କଳାହାଣ୍ଡି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ବିଭିନ୍ନ ବିଭାଗର ଜିଲ୍ଲା ଅଧିକାରୀ, ଦାପ୍ତା ଏନଜିଓ, ୱାନ୍ ଷ୍ଟପ୍ ସେଣ୍ଟର କର୍ମଚାରୀ, ସିଡିପିଓ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ସମୂହ ଓ କିଶୋରୀ ବାଳିକାମାନେ ଉତ୍ସାହ ପୂର୍ବକ ଅଂଶଗ୍ରହଣ କରିଥିଲେ। ପ୍ଲାକାର୍ଡ୍ ଓ ବ୍ୟାନର୍ ସହ ଅଂଶଗ୍ରାହୀ ମାନେ ନାରୀ ସୁରକ୍ଷା ଆମ ଅଧିକାର, ହିଂସାକୁ ବନ୍ଦ କର, ସମାନତା ବିଶ୍ୱାସ ଦିଅ ପରି ସଚେତନତା ନାରା ଦେଉଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଣ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଲଧର ନିଆଲ, ଡିଡି, ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁକ୍ତିକୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ି, ସମାଜ କଲ୍ୟାଣ ଅଧିକାରିଣୀ ସୁମିତା ଦେବୀ ତ୍ରିପାଠୀ, ଜେଜେବି ସଦସ୍ୟ ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ମହିଳା ହବ୍ ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ ଏଡ଼ଏଟ ଆକ୍ସନ ଦିବ୍ୟରଞ୍ଜନ ଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆମପାଣି ଘାଟିରେ ଟ୍ରକ୍ ଦୁର୍ଘଟଣା ; ଡ୍ରାଇଭର ମୃତ

**କୋକସରା, ୨୬ ।୧୧(ସମିସ):** ୨୬ ନମ୍ବର ଜାତୀୟ ରାଜପଥ ର କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲା ସିମାନ୍ତ ଆମପାଣି ଘାଟିରେ ବୁଧବାର ଏକ ଟ୍ରକ୍ ଓଲଟି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଡ୍ରାଇଭର ସତ୍ୟ ପଟେଲ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଜାତୀୟ ରାଜପଥ ୨୬ ଆମପାଣି ଘାଟି ରାସ୍ତାର ଏକ ବୁଲାଣିରେ ଭାରସାମ୍ୟ ହରାଇ ଟ୍ରକ୍ ୧୫ ଫୁଟ ତଳେ ପଡ଼ି ଡ୍ରାଇଭର ସତ୍ୟ ପଟେଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଖବର ପାଇ ଆମପାଣି ଥାନା ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହ ଟ୍ରକ୍‌ରେ ଥିବା ଡ୍ରାଇଭରର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ସୂଚନା ମତେ ନବରଙ୍ଗପୁର ଜିଲ୍ଲା ମୈଦାଲପୁରରୁ ମକା ବୋଝେଇ ଟ୍ରକ୍ ଲଡୁଗାଁ ଆସୁଥିଲା। ଡ୍ରାଇଭର ସତ୍ୟ ପଟେଲର ଘର ଧର୍ମଗଡ଼ ବ୍ଲକ ରଙ୍ଗାବାହଲି ବୋଲି ସୂଚନା ମିଳିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ଗୃହରେ ରଖିଛି। ଗୁରୁବାର ଶବ ବ୍ୟବଚ୍ଛେଦ ହେବା ନେଇ ଆମପାଣି ଥାନା ପକ୍ଷରୁ ସୂଚନା ମିଳିଛି।



# ଦିଶା କମିଟି ବୈଠକରେ ଉଦ୍‌ବେଗ

**ଭବାନୀପାଟଣା, ୨୬ ।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା ସମିତି ସଭା 'ଦିଶା'ବୈଠକ ବୁଧବାର ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଡିଏଫ୍‌ଓ(ଦକ୍ଷିଣ) ଆର୍ କଲାଇଭାନନ, ଭାରତୀୟ

## ୬୦୬ ଡାକ୍ତର ପଦରୁ ୪୦୨ ଖାଲି

## ସ୍ୱାସ୍ଥ୍ୟ ବିଭାଗର ବିକଳ ଚିତ୍ର

ବନସେବା ଅଧିକାରୀ (ପ୍ରୋବେଶନ) ପ୍ରଭାକର ବର୍ମା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦୁର୍ଯ୍ୟୋଧନ ଭୋଇ, ଉପନିର୍ଦ୍ଦେଶକ ପ୍ଲାନିଂ ଶ୍ରୀକାନ୍ତ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଭୋଇ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିବା ପାଇଁ ସାଂସଦ ତଥା ଅଧ୍ୟକ୍ଷା 'ଦିଶା କମିଟି'ଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଶ୍ରୀ ପ୍ରକାଶ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଯୋଜନା ଓ ରାଜ୍ୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ଜନପ୍ରତିନିଧି ଓ ଅଧ୍ୟକ୍ଷଙ୍କ ଉପସ୍ଥାପିତ ବିଭିନ୍ନ ପ୍ରଶ୍ନ ଅଭିଯୋଗ ଉପରେ ସଠିକ୍ ମତ ରଖିବାକୁ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଦିଶା ଅଧ୍ୟକ୍ଷା ତଥା-ସାଂସଦ କଳାହାଣ୍ଡି ମାଳବିକା ଦେବୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଯଥା :- ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଗମନାଗମନ, ଆରଡି, ପିଡବ୍ଲୁଡି, ଜଳସେଚନ ବିଦ୍ୟୁତୀକରଣ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଖାଦ୍ୟ ସୁରକ୍ଷା




ଯୋଜନା, ଅବକାରୀ, ଜଙ୍ଗଲ ଓ ପରିବେଶ ସୁରକ୍ଷା ଇତ୍ୟାଦି ଯୋଜନାର ଅଗ୍ରଗତି, ସଫଳତା ଓ ଲକ୍ଷ୍ୟଧାର୍ଯ୍ୟ ପୂରଣ ଉପରେ ସମୀକ୍ଷା କରିଥିଲେ। ସେହିପରି ଜିଲ୍ଲାର ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ଜିଲ୍ଲାରେ ଲୋକଙ୍କ ଆବଶ୍ୟକ ମୁତାବକ ଅନୁଯାୟୀ ପାନୀୟଜଳ ପ୍ରକଳ୍ପର ତ୍ୱରାନ୍ୱିତ କରିବା ପାଇଁ ସାଂସଦ ପରାମର୍ଶ ଦେଇଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କଳାହାଣ୍ଡି ଜିଲ୍ଲାରେ ମୋଟ ୧୩, ୬୭, ୭୧୩ ଜଣ ହିତାଧିକାରୀ ଉପକୃତ ହେଉଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। ଚଳିତ ଖରିଫ ଋତୁରେ ଜିଲ୍ଲାରେ ୩୬, ୫୮, ୦୦୦କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ଚଳିତ ମାସ ୨୯ ତାରିଖରୁ ଗୋଲାମୁଣ୍ଡା ବ୍ଲକରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବା ପାଇଁ ସ୍ଥିର କରାଯାଇଛି। ଜିଲ୍ଲାରେ ଅନ୍ତ୍ୟୋଦୟ ଗୃହ ଯୋଜନା ଲକ୍ଷଧାର୍ଯ୍ୟ ୬, ୮୨୮ ଥିବା ବେଳେ ୬, ୮୦୨ ପଞ୍ଜୀକୃତ ହିତାଧିକାରୀଙ୍କ ମଧ୍ୟରୁ ୬, ୬୨୮ ଜଣଙ୍କୁ ଗୃହ ମଞ୍ଜୁର କରାଯାଇଛି। ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଜିଲ୍ଲାର ୧୩ଟି ବ୍ଲକର ୩୩୨ ସ୍କୁଲରେ କାର୍ଯ୍ୟକାରୀ କରାଯାଉଛି ଏବଂ ଏଥିରେ ୪୨, ୭୬୧ ଜଣ ପିଲା ଉପକୃତ ହେଉଛନ୍ତି ସେହିପରି ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ଜିଲ୍ଲାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ର ୨, ୧୬୩ ବିଦ୍ୟାଳୟର ସମୁଦାୟ ୧, ୮୬, ୭୪୬ ଉପକୃତ ହେଉଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ମଞ୍ଜୁରୀ ପ୍ରାପ୍ତ ୬୦୬ଟି ଡାକ୍ତର ପଦବୀ ମଧ୍ୟରୁ ୨୦୪ ଜଣ ଡାକ୍ତର ରହିଥିବା ବେଳେ ୪୦୨ଟି ଡାକ୍ତର ପଦ ଖାଲି ରହିଛି। ସେହିପରି ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦ ଖାଲି ରହିଥିବା ବୈଠକରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ନିମନ୍ତେ ଆବଶ୍ୟକ ପଦବୀ ଯଥାଶୀଘ୍ର ପୂରଣ କରାଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ଆଲୋଚନା କରାଯାଇଥିଲା। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ୧.୪.୨୦୨୫ ରିଖରୁ ୨୪.୧୧.୨୦୨୫ ରିଖ ମଧ୍ୟରେ ୨୮୪ ଜଣଙ୍କୁ ଶିକ୍ଷା ସହାୟତା ବାବଦକୁ ୨୧, ୭୨, ୬୦୦ଟଙ୍କା, ୩୩୪ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦକୁ ୮, ୧୭, ୦୦, ୦୦୦ଟଙ୍କା, ୨୭୭ ଜଣଙ୍କୁ ଅନ୍ତିମ ସଂସ୍କାର ବାବଦକୁ୧୩, ୮୫, ୦୦୦ଟଙ୍କା, ୪୧୫ ଜଣଙ୍କୁ ବିବାହକାଳୀନ ସହାୟତା ବାବଦକୁ ୨, ୦୪, ୭୫, ୦୦୦ଟଙ୍କା, ୩୫ ଜଣଙ୍କୁ ମାତୃତ୍ୱକାଳୀନ ଆର୍ଥିକ ସହାୟତା ବାବଦକୁ ୩, ୫୦, ୦୦୦ଟଙ୍କା। ଏହିପରି ଜିଲ୍ଲାର ସମୁଦାୟ ୧, ୩୪୫ ଜଣ ହିତାଧିକାରୀଙ୍କୁ ୧୦, ୬୦, ୮୨, ୬୦୦ଟଙ୍କା ପ୍ରଦାନ କରାଯାଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ଜିଲ୍ଲାର ଉନ୍ନତି ଓ ବିକାଶ ନିମନ୍ତେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ ହୋଇ ନିଜ ନିଜ ବିଭାଗୀୟ କାର୍ଯ୍ୟ ଜିଲ୍ଲାର ଉନ୍ନତି ଓ ବିକାଶ ନିମନ୍ତେ କାର୍ଯ୍ୟ କରିବା ପାଇଁ ସାଂସଦ ପରାମର୍ଶ ଦେଇଥିଲେ। ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକର ଅଧ୍ୟକ୍ଷ, ସହରାଞ୍ଚଳ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଶ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥଲେ।

# ୬ ମାସ ପରେ ଘରକୁ ଫେରିଲେ ନିଖୋଜ ତ୍ରିନାଥ

**ବୀରମହାରାଜପୁର, ୨୬।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗାବର୍ ପଞ୍ଚାୟତ ସନ୍ଧା ଗ୍ରାମର ଛବିମେଣ୍ଡିଲିଙ୍କ ପୁତ୍ର ତ୍ରିନାଥ ମେଣ୍ଡିଲି (୩୦) ୬ ମାସ ପୂର୍ବରୁ ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟରୁ ନିଖୋଜ ହୋଇଯାଇଥିଲେ। ଏନେଇ ପାରିବାର ଲୋକେ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ହେଲେ ଷଣ୍ଢା ଗ୍ରାମରେ ବିବାହ କରିଥିବା ସ୍ଥାନୀୟ ବଙ୍କିଆ ଗ୍ରାମର ଗୁପ୍ତେଶ୍ୱର ସାହୁ ନାମକ ଜଣେ ବ୍ୟକ୍ତି କୌଣସି କାମରେ ଯାଇଥିବା ବେଳେ ସମ୍ବଲପୁର ଧନୁପାଲିଠାରେ ତ୍ରିନାଥଙ୍କୁ ଦେଖିଥିଲେ। ସେ ତାଙ୍କୁ ସାଙ୍ଗରେ ଧରି ବୀରମହାରାଜପୁର ଷଣ୍ଢା ଗ୍ରାମକୁ ଆଣିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତ୍ରିନାଥଙ୍କୁ ଦେଖିବାପାଇଁ ତାଙ୍କ ଘରେ ଶହ ଶହ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ତ୍ରିନାଥଙ୍କୁ ପାଇ ଘରଲୋକ ଆନନ୍ଦରେ ବିଭୋର ହୋଇଥିଲେ। ତ୍ରିନାଥଙ୍କୁ ଗାଁ ଲୋକମାନେ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଘରକୁ ନେଇଥିଲେ।

# ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ଗୋଲାମୁଣ୍ଡା, ୨୬ ।୧୧(ସମିସ):** ଗୋଲାମୁଣ୍ଡା ଥାନା ସ୍ଥିତ ସ୍ଥାନୀୟ ବିଜୁ ଏକ୍ସପ୍ରେସ ଫୋର୍‌ୱେ ବ୍ଲକ ଛକ ଠାରେ ବାଇକ୍‌କୁ କାର୍ ଧକ୍କା ଦେବାରୁ ଛିଟିକି ପଡ଼ି ଗୁରୁତର ହୋଇପଡ଼ିଥିଲା। ସୂଚନା ମତେ ଉଦେଶ୍ରୁଙ୍ଗ ଗ୍ରାମର ସଞ୍ଜୟ ଅଗ୍ରିଆ (୩୫) ଗୋଲାମୁଣ୍ଡାସ୍ଥିତ ଏନଜିଓ (ବିଏମଜେଡ) ଅଫିସକୁ କାମ କରିବା ପାଇଁ ଯାଉଥିବା ସମୟରେ ଧର୍ମଗଡ଼ ପଟୁ ଦ୍ରୁତଗତିରେ ଆସୁଥିବା ଗାଡି ନମ୍ବର ସିଜି ୦୬ ଜିଡବ୍ଲୁ -୪୪୩୩ କାର ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଛିଟିକି ପଡ଼ି ଗୁରୁତର ଅବସ୍ଥାରେ ପଡ଼ିଥିଲା। ସ୍ଥାନୀୟ ସମାଜସେବୀ ସୁବାସ ନାଏକ ଏବଂ ଶ୍ୟାମ ସୁନ୍ଦର ଅଗ୍ରୱାଲ ଉଦ୍ଧାର କରି ଅଗ୍ନିଶମ ବିଭାଗ ଓ ପୁଲିସକୁ ଯୋଗାଯୋଗ କରିଥିଲେ।। ଖବର ପାଇ ଅଗ୍ନିଶମ ବିଭାଗ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ତାଙ୍କର ଗୋଟିଏ ଗୋଡ଼ ଆଉ ଗୋଟିଏ ହାତ ଭାଙ୍ଗିଥିବା ହେତୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ସ୍ଥିତ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ଲଡୁଗାଁ ଲକ୍ଷ୍ମୀପୂଜା ଲାଗି କଳସ ଯାତ୍ରା ସହ ଅଧିବାସ

**କୋକସରା, ୨୬ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଲଡୁଗାଁରେ ଚଳିତ ବର୍ଷ ଲକ୍ଷ୍ମୀ ପୂଜନୋତ୍ସବର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳନ ହେଉଛି। ବୁଧବାର ଠାରୁ ୫ ଡିସେମ୍ବର ପର୍ଯ୍ୟନ୍ତ ମହା ଆଡମ୍ବରରେ ଅଷ୍ଟଲକ୍ଷ୍ମୀ ପୂଜା ଅନୁଷ୍ଠିତ କରାଯାଉଛି। ବୁଧବାର ଅଷ୍ଟଲକ୍ଷ୍ମୀ ପୂଜନୋତ୍ସବ ପାଇଁ କଳସ ଯାତ୍ରା ଓ ଅଧିବାସ ଅନୁଷ୍ଠିତ ହୋଇଛି। ମଣ୍ଡପ ନିକଟରୁ ଶତାଧିକ ମହିଳା ଓ ଯୁବତୀମାନେ ସାମିଲ ହୋଇ ସ୍ଥାନୀୟ ମାନଭଙ୍ଗ ସାଗର ନିକଟରେ ପହଞ୍ଚିଥିଲେ। ସେଠାରେ ପଣ୍ଡିତ ଗୋପାଳ ଜୀ ଠାକୁରଙ୍କ ପୂଜାବିଧି ପରେ ଜଳ ପୂର୍ଣ୍ଣ କଳସ ଉଠାଇ ପୁଣି ପୂଜା ମଣ୍ଡପକୁ ଫେରିଆସି କଳସ ସ୍ଥାପନ କରିଥିଲେ। ଚଳିତ ବର୍ଷ ଲକ୍ଷ୍ମୀ ପୂଜାକର୍ତ୍ତା ଭାବେ ଅନୁପ କୁମାର ଅଗ୍ରୱାଲ ସ୍ୱପତ୍ନୀକ ଓ ମହାଲକ୍ଷ୍ମୀ ପୂଜାକର୍ତ୍ତା ଭାବେ ବଜରଙ୍ଗ ଅଗ୍ରୱାଲ ସ୍ୱପତ୍ନୀକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଅଷ୍ଟଲକ୍ଷ୍ମୀ ପାର୍ଶ୍ୱ କର୍ତ୍ତା ଭାବେ ମୋହନ ଚରଣ ଦାସ, ସୁଧୀର କୁମାର ଦାସ, ରତି ରଞ୍ଜନ ଦାଶ, ରୂପସିଂ ଧଙ୍ଗଡ଼ାମାଝୀ, ଜିତେନ୍ଦ୍ର ମାଝୀ, ଦୀପକ ଅଗ୍ରୱାଲ, ଗଣେଶ କାନ୍ତି ସ୍ୱପତ୍ନୀକ ଦାୟିତ୍ୱ ତୁଲାଇବେ। ଚଳିତ ବର୍ଷ ଶ୍ରୀମନ୍ଦିର ଆକୃତି ତୋରଣ ସହ



ଜଗନ୍ନାଥ ମନ୍ଦିରର କାରୁକାର୍ଯ୍ୟକୁ ମଣ୍ଡପରେ ସ୍ଥାନିତ କରାଯାଇଛି। ଯାହାକି ମନଲୋଭା ସହ ଆକର୍ଷଣୀୟ ହୋଇଛି। ପ୍ରତି ସନ୍ଧ୍ୟାରେ ମୁକ୍ତ ରଙ୍ଗମଞ୍ଚରେ ମରାସୁର ବଧ ନାଟକ ମଞ୍ଚସ୍ଥ ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟ କରାଯାଉଛି। କମିଟି ସଭାପତି କିଶୋର ଚନ୍ଦ୍ର ଦାସ, ଉପ ସଭାପତି ମୋହନ ଚରଣ ଦାସ, ପବନ ଅଗ୍ରୱାଲ, ସମ୍ପାଦକ କଂହେଇ ଚରଣ ଦାସ, ସହ ସମ୍ପାଦକ ଶ୍ରୀମନ୍ତ ପାଢ଼ୀ, କିଶନ ଧଙ୍ଗଡ଼ା ମାଝୀ, କୋଷାଧ୍ୟକ୍ଷ ଅଖିଳ ଚନ୍ଦ୍ର ଦାସ, ଭୁପେନ୍ଦ୍ର ଦାସ ରହିଥିବା ବେଳେ ମହାଲକ୍ଷ୍ମୀ ପୂଜା ସ୍ଥାୟୀ କମିଟିର ସଭାପତି ଗଗନ ବିହାରୀ ଦାସ, ଉପ ସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ସୁଦର୍ଶନ ନାଏକ, ସହ ସମ୍ପାଦକ ରୂପସିଂ ଧଙ୍ଗଡ଼ା ମାଝୀ, କୋଷାଧ୍ୟକ୍ଷ ଅଖିଳ ଚନ୍ଦ୍ର ଦାସ ପ୍ରମୁଖ ରହିଛନ୍ତି।

# ପାପକ୍ଷୟ ଲୋକ ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବିନିକା, ୨୬।୧୧(ସମିସ):** ପର୍ଯ୍ୟଟନ ସ୍ଥଳୀ ବିନିକାର ପୁଣ୍ୟପୀଠ ପାପକ୍ଷୟର ଐତିହାସିକ କିମ୍ବଦନ୍ତୀକୁ ପ୍ରଚାର ପ୍ରସାର କରିବାର ଉଦ୍ଦେଶ୍ୟ ଏବଂ ଅଞ୍ଚଳର କଳା, ସଂସ୍କୃତିକୁ ବଞ୍ଚାଇବା ପାଇଁ ଆସନ୍ତା ଜାନୁଆରୀ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ପାପକ୍ଷୟ ଲୋକ ମହୋତ୍ସବ ପାଇଁ ନୂତନ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଦେବୀ ଦୁର୍ଗାଙ୍କ ମନ୍ଦିରରେ ପୂଜକଙ୍କ ମନ୍ତ୍ର ଉଚ୍ଚାରଣ ପରେ ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ ଦଣ୍ଡସନା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ପରେ ଏନଏସି ଉପାଧ୍ୟକ୍ଷା ତପସ୍ୱିନୀ ମେହେର ଓ ସମାଜସେବୀ ଜ୍ୟୋତିରେଖା ମିଶ୍ର ପୁଣ୍ୟ କଳସ ଧରି ମହୋତ୍ସବ କାର୍ଯ୍ୟାଳୟକୁ ଆସିଥିଲେ। ସମସ୍ତ କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଦୁର୍ଗା ପୂଜା କମିଟି ସଭାପତି ସନ୍ତୋଷ ପଣ୍ଡା ଫିତା କାଟି ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କମିଟି ଉପଦେଷ୍ଟା ଆଇନଜୀବୀ ସୁଧାଂଶୁ ଶେଖର ଦାଶ, ସମ୍ପାଦକ ଧର୍ମେନ୍ଦ୍ର ସାହୁ, କୋଷାଧ୍ୟକ୍ଷ କାହ୍ନୁଚରଣ, ବିଜୟ ବରାଇ, ଗୋପୀନାଥ ପଣ୍ଡା, ମଧୁସୂଦନ ଖେତି, ଧର୍ମେନ୍ଦ୍ର ଥନାପତି, ଦୀନବନ୍ଧୁ ମେହେର, ଅଜିତ ଦାଶ, ଶ୍ରୀକାନ୍ତ ସାହୁ, ତପନ ସାହୁ, ଶାଶ୍ୱତ ତ୍ରିପାଠୀ, କେଦାର ପଣ୍ଡା, ବିଶେଶ୍ୱର ସେଠୀ, ରବୀନ୍ଦ୍ର ପାତ୍ର, ଧ୍ରୁବଲେ ବାରିକ, ଗୋବିନ୍ଦା ମହାଣା, ଜିତୁ ମଲ୍ଲିକ ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



# ଗୋଆରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କୋକସରା, ୨୬ ।୧୧(ସମିସ):** ପରିବାରର ଆର୍ଥିକ ଅବସ୍ଥା ଭଲ ନଥିବାରୁ କିଛି ରୋଜଗାର କରିବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ହେଲେ ସେଠାରେ ଦେହ ଅସୁସ୍ଥ ହେବାରୁ ଘରକୁ ଫେରୁଥିବାବେଳେ ଅଧା ବାଟରେ ଦେହ ବିଗିଡ଼ି ଯାଇଥିଲା। ତେବେ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଦାଦନ ଶ୍ରମିକଙ୍କ ମୃତ୍ୟ ହୋଇଛି। ମୃତ ଶ୍ରମିକ କୋକସରା ବ୍ଲକ କାଶୀବାହାଲ ଗ୍ରାମର ଭଦ୍ର ବାଗ(୬୨)। ସୂଚନା ଅନୁସାରେ, ଗତ ୩ମାସ ଥିଲେ ଭଦ୍ର ଘରର ସ୍ଥିତି ଭଲ ନ ଥିବାରୁ କିଛି ରୋଜଗାର କରିବା ପାଇଁ ଗୋଆ ଦାଦନ ଖଟିବାକୁ ଯାଇଥିଲେ। ତେବେ କିଛି ଦିନ କାମ କରିବା ପରେ ତାଙ୍କ ଦେହ ଅସୁସ୍ଥ ହେବାରୁ ଘର ଲୋକଙ୍କୁ ଜଣାଇଥିଲେ। ଏହା ପରେ ତାଙ୍କ ପୁଅ ପ୍ରକାଶ ବାଗ ଗୋଆ ଆଣିବା ପାଇଁ ଯାଇଥିଲେ। ଏବଂ ଟ୍ରେନ୍ ଯୋଗେ ବାପାଙ୍କୁ ନେଇ ପ୍ରକାଶ ଘରକୁ ଫେରୁଥିବା ସମୟରେ ଅସୁସ୍ଥ ବାପାଙ୍କ ଦେହ ପୁଣି ବିଗିଡ଼ିବାରେ ଲାଗିଥିଲା। ଏହାପରେ ୱାଲଟର ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅସୁସ୍ଥ ଦାଦନ ଶ୍ରମିକ ଭଦ୍ରଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତେବେ ମୃତ ଶ୍ରମିକଙ୍କ ଶବ ଆଣିବା ପାଇଁ ତାଙ୍କ ପରିବାର ପାଖରେ ସମ୍ବଳ ନଥିବାରୁ ଲୋକଙ୍କ ଠାରୁ ଧାର କରି ଟଙ୍କା ପଠେଇଥିବା ଜଣାପଡ଼ିଛି। ବର୍ତ୍ତମାନ ମୃତ ଶ୍ରମିକଙ୍କ ସ୍ତ୍ରୀ ସହିତ ୩ ପୁଅ ରହିଛନ୍ତି। ତେଣୁ ଏହି ଅସହାୟ ପରିବାରକୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କଲେ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ

**ଲାଞ୍ଜିଗଡ଼, ୨୬ ।୧୧(ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ଆହ୍ୱାନକ୍ରମେ ୧୩ଦଫା ଦାବି ନେଇ ତୃତୀୟ ଦିନରେ ଲାଞ୍ଜିଗଡ଼ ବ୍ଲକ ଧଅଁରାଭଟା ଆଦର୍ଶ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି। ୧୩ ଦଫା ସମ୍ବନ୍ଧୀୟ ଦାବି ଗୁଡ଼ିକ ହେଲା ଓଏଭି ଛାତ୍ରଛାତ୍ରୀଙ୍କୁ ଏନଏମଏମଏସ୍ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି, ନିଟ୍ ଏବଂ ଜେଇଇ ପରୀକ୍ଷାରେ ୧୫ଧ ସ୍ଥାନ ସଂରକ୍ଷଣ, ଆଦର୍ଶ ବିଦ୍ୟାଳୟ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦେବା, ୟୁନିଫର୍ମ କ୍ୟାଡ଼ର ମାନ୍ୟତା ଦେବା, ଶାରୀରିକ ଶିକ୍ଷା, ସଙ୍ଗୀତ ଏବଂ କମ୍ପ୍ୟୁଟର ଶିକ୍ଷକଙ୍କୁ ସମାନ କାମକୁ ସମାନ ଦରମା ପାଇଁ ଗ୍ରେଡ଼ ପେ ପ୍ରଦାନକରିବା, ପ୍ରତ୍ୟେକ ବିଦ୍ୟାଳୟରେ ପିଜିଟି ଓଡିଆ ଶିକ୍ଷକ ପୋଷ୍ଟି ଦେବା, ପ୍ରତ୍ୟେକ ବିଦ୍ୟାଳୟରେ ସାଇନ୍ସ କମର୍ସ ଭଳି ଆର୍ଟ ଷ୍ଟ୍ରିମ୍ ଖୋଲିବା, ପ୍ରତ୍ୟେକ ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ ବିଷୟ ପାଇଁ ପିଜିଟି ପୋଷ୍ଟିଂ ଦେବା, ଆର୍ଟ ଶିକ୍ଷକ ପଦବୀର ନାମ ପରିବର୍ତ୍ତନ କରି ଟିଜିଟି ଭିଜୁଆଲ ଆର୍ଟ କରିବା, ପ୍ରିନ୍ସିପାଲମାନଙ୍କ ଗ୍ରେଡ଼ ପେ ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ସହିତ ଭବିଷ୍ୟତ କ୍ୟାରିୟର ଉନ୍ନତି ଏବଂ ଆର୍ଥିକ ଉନ୍ନତି ନିମନ୍ତେ ଏକ ସୁନିର୍ଦ୍ଦିଷ୍ଟ ଢାଞ୍ଚା ପ୍ରସ୍ତୁତ କରିବା, ଓଏଭି କର୍ମଚାରୀଙ୍କ ସନ୍ତାନ ପାଇଁ ପ୍ରବେଶ ହେତୁ ବିଶେଷ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିବା, କ୍ଲାର୍କ ଜୁନିଅର କ୍ଲର୍କ କର୍ମଚାରୀଙ୍କ ଚାକିରିରେ ନିୟମିତ ଏବଂ ପ୍ରତ୍ୟେକ ବିଦ୍ୟାଳୟରେ କ୍ଲଲକ୍ ପଦବୀ ଦେବା, ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକଙ୍କ ପୂର୍ବ ସେବା ଅବଧିକୁ ବର୍ତ୍ତମାନ ସେବାରେ ମିଶାଇବା ତଥା ପୂର୍ବରୁ ଆଦର୍ଶ ବିଦ୍ୟାଳୟରେ ଟିଜିଟି ଭାବେ କାର୍ଯ୍ୟକରି ପୁନର୍ବାର ପିଜିଟି ଭାବେ ଯୋଗଦେଇ ଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଚାକିରି ଓ ଦରମା ରେ ସୁରକ୍ଷା ପ୍ରଦାନ କରିବା ସହ ପିଏମଶ୍ରୀ ସ୍କୁଲରେ ଆଦର୍ଶ ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରିବା ଆଦି ସମସ୍ୟାର ସମାଧାନ କରି ଶିକ୍ଷାର ଗୁଣବତ୍ତା କର୍ମଚାରୀଙ୍କ ନ୍ୟାୟ ପାଇଁ ବିହିତ କାର୍ଯାନୁଷ୍ଠାନ ଗ୍ରହଣ କରିବା ପ୍ରମୁଖ ଦାବି ନେଇ ସମଗ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବିଦ୍ୟାଳୟ ସମ୍ମୁଖରେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଶାନ୍ତିପୂର୍ଣ୍ଣ ଭାବେ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି ।ଏନେଇ ଜିଲ୍ଲାପାଳଙ୍କୁ ୧୩ ଦଫା ସମ୍ବନ୍ଧୀୟ ଦାବିପତ୍ର ଦେବା ସହ ବିଧାୟକଙ୍କ ଦ୍ୱାରସ୍ଥ ହୋଇଥିବା ଶିକ୍ଷକଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି ।ଉକ୍ତ ସମସ୍ୟାର ସମାଧାନ ନହେଲେ ଡିସେମ୍ବର ୮ ତାରିଖରେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

**ସିନାପାଲି:** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ଆହ୍ୱାନକ୍ରମେ ତୃତୀୟ ଦିନରେ ସିନାପାଲି ବ୍ଲକ ସ୍ଥିତ ଓଏଭି ଟିମନପୁର ବିଦ୍ୟାଳୟ ଆଗରେ ଅଭିଭାବକଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଅଛି ।ଶିକ୍ଷକ ଶିକ୍ଷୟିତ୍ରୀମାନେ ୧୩ ଦଫା ସମ୍ବନ୍ଧୀୟ ଦାବିପତ୍ର ଦେବା ସହ ବିଧାୟକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦୀର୍ଘ ଦଶନ୍ଧିର ବିଭିନ୍ନ ସମସ୍ୟାର ସମାଧାନ ପାଇଁ କଳାବ୍ୟାଜ ପିନ୍ଧି ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆନ୍ଦୋଳନକୁ ଓହ୍ଲେଇଛି ସଂଘ। ଓଏଭି ଛାତ୍ରଛାତ୍ରୀଙ୍କୁ ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି, ନିଟ୍ ଏବଂ ଜେଇଇ ପରୀକ୍ଷାରେ ୧୫% ସ୍ଥାନ ସଂରକ୍ଷଣ, ଓଏଭି କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦେବା, ୟୁନିଫର୍ମ କ୍ୟାଡ଼ର ମାନ୍ୟତା ଦେବା, ଶାରୀରିକ ଶିକ୍ଷା, ସଙ୍ଗୀତ, ଏବଂ କମ୍ପ୍ୟୁଟର ଶିକ୍ଷକଙ୍କୁ ସମାନ କାମକୁ ସମାନ ଦରମା ପାଇଁ ୪୬୦୦ ଗ୍ରେଡ଼ ପେ ପ୍ରଦାନ କରିବା, ପ୍ରତ୍ୟେକ ବିଦ୍ୟାଳୟରେ ସାଇନ୍ସ କମର୍ସ ଭଳି ଆର୍ଟ୍ସ ଷ୍ଟ୍ରିମ୍ ଖୋଲିବା ସହ ଓଡ଼ିଆ, ହିନ୍ଦୀ, ସଂସ୍କୃତ ବିଷୟ ପାଇଁ ପିଜିଟି ପଦବୀ ସୃଷ୍ଟି କରିବା, ଆର୍ଟ ଶିକ୍ଷକ ପାଇଁ ଟିଜିଟି ଭିଜୁଆଲ ଆର୍ଟ ମାନ୍ୟତା ଦେବା, ପ୍ରିନ୍ସିପାଲମାନଙ୍କ ଗ୍ରେଡ଼ ପେ ସମସ୍ୟାର ସମାଧାନ କରିବା, ଓଏଭି କର୍ମଚାରୀଙ୍କ ସନ୍ତାନ ପାଇଁ ପ୍ରବେଶ ହେତୁ ବିଶେଷ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିବା, କ୍ଲର୍କ କର୍ମଚାରୀଙ୍କ ଚାକିରିରେ ନିୟମିତ କରିବା, ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରେ କାର୍ଯ୍ୟରତ ଶିକ୍ଷକଙ୍କ ପୂର୍ବ ସେବା ଅବଧିକୁ ବର୍ତ୍ତମାନ ସେବାରେ ମିଶାଇବା, ପୂର୍ବରୁ ଓଏଭିରେ ଟିଜିଟି ଭାବେ କାର୍ଯ୍ୟ କରି ପୁନର୍ବାର ପିଜିଟି ଭାବେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଚାକିରି ଓ ଦରମାରେ ସୁରକ୍ଷା ପ୍ରଦାନ କରିବା, ପୂର୍ବବତ୍ ରାଜ୍ୟସ୍ତରରେ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ ପାଇଁ ଅର୍ଥ ମଞ୍ଜୁର କରିବା, ପିଏମ୍‌ଶ୍ରୀ ସ୍କୁଲରେ ଓଏଭିକୁ ଅନ୍ତର୍ଭୁକ୍ତ କରିବା ଆଦି ସମସ୍ୟାର ସମାଧାନ କରି ଶିକ୍ଷାର ଗୁଣବତ୍ତା କର୍ମଚାରୀଙ୍କ ନ୍ୟାୟ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଯଦି ସମସ୍ୟାର ସମାଧାନ ନ ହୁଏ ତାହେଲେ ଡିସେମ୍ବର ଆଠ ତାରିଖରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମତ ପ୍ରକାଶ କରିଛନ୍ତି ରାଜ୍ୟ ସଭାପତି ରିପୁଦମନ ମିଶ୍ର ଏବଂ ରାଜ୍ୟ ସମ୍ପାଦକ ସୁଭାଶିଷ ଦାସ। ସୂଚନା ଥାଉ ଯେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ରାଜ୍ୟର ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସିବିଏସ୍‌ଇ ଅନୁବନ୍ଧିତ ଇଂରାଜୀ ମାଧ୍ୟମରେ ନିଃଶୁଳ୍କ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିଥାଏ। ଯଦ୍ୱାରା ଗ୍ରାମାଞ୍ଚଳର ଗରିବ ମେଧାବୀ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କର୍ଷତା ପ୍ରଦର୍ଶନ କରି ଆସୁଛନ୍ତି କିନ୍ତୁ ବିଡ଼ମ୍ବନାର ବିଷୟ ଏବେ ଏହି ଓଏଭିର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଅବହେଳିତ ଅବସ୍ଥାରେ ରହିଛନ୍ତି। ଓଏଭି ଚାକିରିରେ ଯୋଗଦେଇ ମୃତ୍ୟୁ ବରଣ କରିଥିବା ୨୪ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରିବାରବର୍ଗଙ୍କୁ ପ୍ରାପ୍ୟ ସୁବିଧା ସୁଯୋଗ ରୁ ବଞ୍ଚିତ କରାଯାଇଅଛି ।ଏ ସମ୍ପର୍କରେ ବୁଦ୍ଧିଜୀବୀମାନେ ଦୁଃଖ ପ୍ରକାଶ କରିଛନ୍ତି।




## ଜିଲ୍ଲା ଉନ୍ନୟନ ସମିତି ଓ ଗ୍ରାମୋଦ୍ୱୟ ବୈଠକ

# 'ଦ୍ରୁତ ଉନ୍ନତି ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା'

**ନୂଆପଡ଼ା, ୨୬ ।୧୧(ସମିସ)**

ନୂଆପଡ଼ା ସଦ ଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ସହିତ ଗ୍ରାମୋଦ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ମାସ ବୈଠକ ଅନୁଷ୍ଠିତ ହେଉଛି। ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଡିଏଫଓ ବନ୍ୟ ପ୍ରାଣୀ, ଏପିଡି କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ ଏବଂ ଲାଇନ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ। ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଦୁଇମାସ ପରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାର ଦୃତ ଉନ୍ନତି ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ବୋଲି କହିଥିଲେ। ଉପ ନିର୍ଦ୍ଦେଶକ ପରିସଂଖ୍ୟାନ, ଡିଲେଶ୍ୱର ଧରୁଆ ବିଗତ ମାସର



ବୈଠକର ବିବରଣୀ ପ୍ରସ୍ତୁତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରଉତ ବିଭିନ୍ନ ବିଭାଗ ନେଇଥିବା ପଦକ୍ଷେପ ଗୃହରେ ଉପସ୍ଥାପନ କରିଥିଲେ। ବିଗତ ଦିନରେ ଉନ୍ନୟନ କାମରେ ଯେଉଁ ସବୁ ବାଧା ରହିଥିଲା ସେସବୁର କେତେ ସମାଧାନ ହୋଇଛି ଏବଂ ପ୍ରତି ବିଭାଗର କିପରି ଅଗ୍ରଗତି ହୋଇଛି ଜିଲ୍ଲାପାଳ ଜାଣିବାକୁ ଚାହିଁଥିଲେ। ଅନ୍ତ ବିଭାଗୀୟ ବିସଂଗତି ଉପରେ ଆଲୋଚନା କରି ସେସବୁର ସମାଧାନର ରାସ୍ତା ବାହାର କରାଗଲା। ବୈଠକରେ ଜଳସେଚନ, ପଞ୍ଚାୟତିରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପ୍ରାଣୀ ସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି, ଟୁରିଜମ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ଜିଲ୍ଲାପାଳ କହିଲେ ଯେ ନୂଆପଡ଼ା ଜିଲ୍ଲାରେ ଉପନିର୍ବାଚନ ପରେ ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହାର ସୁବିନିଯୋଗ କରି ଆମେ ଜିଲ୍ଲାକୁ ପ୍ରବାସୀ ଶ୍ରମିକ ମୁକ୍ତ କରି ପାରିବା। ତହସିଲଦାରଙ୍କ ଦ୍ୱାରା ବିଭିନ୍ନ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନବାଡି କେନ୍ଦ୍ରମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ସହିତ ସେମାନଙ୍କର ନୂତନ କୋଠା ନିର୍ମାଣ ଇତ୍ୟାଦି ବିଷୟ ଉପରେ ବିଶଦ ଆଲୋଚନା ହୋଇଥଲା। ଗ୍ରାମୋଦ୍ୱୟ ସଭାରେ ଜିଲ୍ଲାପାଳ ବନାଞ୍ଚଳରେ ରାସ୍ତାଘାଟର ଉନ୍ନତି ସହିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ଗୃହ, ପରିବହନ, ଯୋଗାଯୋଗ, ଆଧାର ଇତ୍ୟାଦି ସମସ୍ତ ସୁବିଧା ସୁଯୋଗ ତୁରନ୍ତ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜ ନିଜ ବିଭାଗର କାମ ଠିକ୍ ଭାବରେ କରି ଜିଲ୍ଲାକୁ ସବୁଜ ସୁନ୍ଦର ଏବଂ ପ୍ଲାଷ୍ଟିକମୁକ୍ତ କରି ପ୍ରଗତି ପଥରେ ଆଗେଇ ନେବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।

## ଅସୁସ୍ଥତା ଯୋଗୁଁ ପଲାସ-ସ୍ମୃତି ବିବାହ ଅଟକନି !

# ସନ୍ଦେହରେ ରହସ୍ୟମୟୀ ଯୁବତୀ

ବ୍ରାସିଲିଆ,୨୬ ।୧୧(ଏଜେନ୍ସି):ଇନ୍ଦୋର, ୨୬।୧୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଟିମ୍‌ର ସଦସ୍ୟ ସ୍ମୃତି ମାନ୍ଧାନା ଏବଂ ସଙ୍ଗୀତ ନିର୍ଦ୍ଦେଶକ ପଲାସ ମୁଛଲଙ୍କ ବିବାହ ହଠାତ ବନ୍ଦ ହେବାକୁ ନେଇ ସମସ୍ତେ ତାଜୁବ ହୋଇ ଯାଇଥିଲେ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସ୍ମୃତିଙ୍କ ପରିବାର ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିଲା। ଏହାର କିଛି ସମୟରେ ପଲାସଙ୍କ ଦେହ ମଧ୍ୟ ଖରାପ ହୋଇଥିଲା। ତାଙ୍କୁ ବି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିଛି ଘଣ୍ଟାର ବ୍ୟବଧାନ ମଧ୍ୟରେ ଏଭଳି ଘଟଣା ଘଟିବାକୁ କେହି ସହଜରେ ବିଶ୍ୱାସ କରିପାରୁନାହାନ୍ତି। ଏପରି ସମୟରେ ଚାଞ୍ଚଲ୍ୟକର ସୂଚନା ସାମ୍‌ନାକୁ ଆସିଛି। ଜଣେ ରହସ୍ୟମୟୀ ଯୁବତୀଙ୍କ ପାଇଁ ଉଭୟ ସେଲିବ୍ରିଟିଙ୍କ ବିବାହ ସ୍ଥଗିତ



ହୋଇଥିଲା ବୋଲି କୁହାଯାଉଛି। ଏହି ଯୁବତୀଙ୍କ ପାଇଁ ସ୍ମୃତିଙ୍କୁ ପଲାସ ଧୋକା ଦେଇଥିବା କୁହାଯାଉଛି। ଏହି ରହସ୍ୟମୟୀ ଯୁବତୀଙ୍କ ନା ମେରି ଡି'କୋଷ୍ଟା। ତାଙ୍କ ସହ ପଲାସଙ୍କ ଏକ ଚାଟ୍ ସାମ୍‌ନାକୁ ଆସିଥିଲା। ମାତ୍ର ପରେ ସେ ଏହାକୁ ହଟାଇ ଦେଇଥିଲେ। ଏ ବିଷୟରେ ବିବାହ ପୂର୍ବରୁ ସ୍ମୃତିଙ୍କୁ ସୂଚନା ମିଳିଥିଲା। ତେଣୁ ବାପାଙ୍କ ଦେହ ଖରାପ ହୋଇଥିବା ଦର୍ଶାଇ ସେ ବିବାହକୁ ଅଟକାଇ ଦେଇଥିଲେ।

## ବଡ଼ ଝଟ୍‌କା ଦେଲା ଏୟାର ଶୋ'ରେ ତେଜସ୍ ଦୁର୍ଘଟଣା

# ୧୦ ହଜାର କୋଟିର ଡିଲ୍ ଅଟକାଇଲା ଆର୍ମେନିଆ

ନୂଆଦିଲ୍ଲୀ,୨୬ ।୧୧(ଏଜେନ୍ସି): ଦୁବାଇ ଏୟାର ଶୋରେ ତେଜସ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଭାରତକୁ ଜବରଦସ୍ତ ଝଟ୍‌କା ଲାଗିଛି। ଭାରତଠାରୁ ତେଜସ ଜେଟ୍ କ୍ରୟ କରିବା ନେଇ ହେବାକୁ ଥିବା ଆଲୋଚନାକୁ ଆର୍ମେନିଆ ରୋକି ଦେଇଛି। ଇସ୍ରାଏଲ ଗଣମାଧ୍ୟମ ଜେରୁଜେଲମ ପୋଷ୍ଟ ଦେଇଥିବା ସୂଚନା ଅନୁସାରେ ନଭେମ୍ବର ୨୧ରେ ଦୁବାଇ ଏୟାର ଶୋ'ରେ ତେଜସ ଦୁର୍ଘଟଣାଗ୍ରସ୍ତ ହେବାରୁ ଆର୍ମେନିଆ ଏହି ନିଷ୍ପତ୍ତି ନେଇଛି। ଏଥିରେ ଭାରତୀୟ ପାଇଲଟ୍ ୱିଙ୍ଗ କମାଣ୍ଡର ନମାଂଶ ସିୟାଲ ମୃତ୍ୟୁବରଣ କରିଥିଲେ। ଆର୍ମେନିଆ ଭାରତଠାରୁ ପାଖାପାଖି ୧୦ ହଜାର କୋଟି ଟଙ୍କା ବିନିମୟରେ ୧୨ଟି ତେଜସ ଜେଟ୍ କ୍ରୟ କରିବାକୁ ପ୍ରସ୍ତୁତି କରୁଥିଲା। ଏହି ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲା। ପ୍ରଥମଥର ପାଇଁ



**ଭାରତଠୁ ୧୨ ଯୁଦ୍ଧ ବିମାନ କିଣିଥାନ୍ତା**

ତେଜସ କ୍ରୟ ନେଇ ବିଦେଶୀ ରାଷ୍ଟ୍ର ସହ ଚୁକ୍ତି ହୋଇଥାନ୍ତା। ତେବେ ଏ ସଂକ୍ରାନ୍ତରେ ଆର୍ମେନିଆ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଭାରତ ସରକାରଙ୍କ ମଧ୍ୟ କୌଣସି ପ୍ରତିକ୍ରିୟା ଆସିନାହିଁ। ଉଲ୍ଲେଖଥାଉ କି, ଭାରତୀୟ ବାୟୁସେନାର ଶ୍ରେଷ୍ଠ-୫ ଫାଇଟର ଜେଟ୍‌ଗୁଡିକ ମଧ୍ୟରେ ତେଜସ ସାମିଲ ରହିଛି। ଏହି ଫାଇଟର ଜେଟ୍‌ଗୁଡିକ ହେଲା ସୁଖୋଇ ଏସ୍ୟୁ-୩୦ଏମ୍‌କେଆଇ, ରାଫେଲ, ମିରାଜ, ମିଗ୍-୨୯ ଓ ତେଜସ। ଅନ୍ୟ ୪ଟି ଫାଇଟର ଜେଟ୍‌ଠାରୁ ତେଜସ କେତେକାଂଶ ଭିନ୍ନ ଓ ସ୍ୱତନ୍ତ୍ର। ଭାରତୀୟ ବାୟୁସେନାରେ ମିଗ- ୨୧କୁ ହଟାଇ ତେଜସ୍ କ୍ରୟ କରାଯିବାର ଯୋଜନା ରହିଛି।

## ହଂକଂର ୩୫ ମହଲା କୋଠାରେ ନିଆଁ

# ୧୩ ଜଣଙ୍କ ମୃତ୍ୟୁ, ୯ ଆହତ

ହଂକଂ,୨୬ ।୧୧(ଏଜେନ୍ସି): ହଂକଂର ଉତ୍ତର ତାଇ-ପୋ ଜିଲ୍ଲାରେ ଥିବା ୱାଙ୍ଗ ଫୁକ କୋର୍ଟ ନାମକ ହାଉସିଂ କମ୍ପ୍ଲେକ୍ସରେ ଏକ ୩୫ ମହଲା କୋଠାରେ ବୁଧବାର ନିଆଁ ଲାଗିଯାଇଛି। ଏହି ଘଟଣାରେ ୧୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଲୋକ ଆହତ ହୋଇଛନ୍ତି ଓ ବହୁ ଲୋକ ଫସି ରହିଥିବା ସୂଚନା ମିଳିଛି। କିନ୍ତୁ ଏମାନଙ୍କର ପ୍ରକୃତ ସଂଖ୍ୟା ନେଇ କୌଣସି ସୂଚନା ମିଳିନାହିଁ। ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ହେବାର ଆଶଙ୍କା କରାଯାଉଛି। ଏଠାରେ ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ଚାଲୁଥିଲା। ଏହି ଇଷ୍ଟେଟ୍‌ରେ ୧,୯୮୪୫ ଫ୍ଲାଟ ରହିଛି ଓ ଏଥିରେ ୪,୦୦୦ ଲୋକ ରହୁଥିଲେ। ନିଆଁ ଲାଗିବା ପରେ



ଅସ୍ଥାୟୀ ଶିବିର ଖୋଲା ଯିବାକୁ ନିଷ୍ପତ୍ତି ନିଆଯାଇଛି। ମରାମତି ତଥା ପୁନଃନିର୍ମାଣ କାର୍ଯ୍ୟରେ ଲଗା ଯାଇଥିବା ବାଉଁଶ କାରଣରୁ ନିଆଁ ବ୍ୟାପିଛି ବୋଲି କୁହାଯାଇଛି।

## ହସିନାଙ୍କ ଲକରରୁ ମିଳିଲା ୯ କେଜି ସୁନା ଗହଣା

ଢାକା,୨୬ ।୧୧(ଏଜେନ୍ସି): ବାଂଲାଦେଶ ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଏଗ୍ରିନ ବ୍ୟାଙ୍କର ଦୁଇଟି ଲକରରୁ ୮୩୨ ଭରି ଅର୍ଥାତ ପାଖାପାଖି ୯ କେଜି ସୁନା ଗହଣା ଜବତ କରାଯାଇଛି। କୋର୍ଟଙ୍କ ଅନୁମତି ପରେ ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ଏହି ଦୁଇଟି ଲକରକୁ ଖୋଲାଯାଇଥିଲା। ଏବେ ବାଂଲାଦେଶ ଦୁର୍ନୀତି ନିବାରଣ କମିଶନ (ଏସିସି) ହସିନାଙ୍କ ବିରୋଧରେ ଦୁର୍ନୀତି ଓ ଆୟ ବର୍ହିଭୂତ ସମ୍ପତ୍ତି ନେଇ ନୂଆ ମାମଲା ରୁଜୁ କରିବାକୁ ପ୍ରସ୍ତୁତି କରୁଛି। ସେ ନିଜର ସମ୍ପତ୍ତି ଲୁଚାଇବାକୁ ପ୍ରୟାସ କରିବା ସହ ଟିକସ ଚୋରି ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ନ୍ୟାସନାଲ ବୋର୍ଡ ଅଫ ରେଭିନ୍ୟୁ ଏହାର ଯାଞ୍ଚ୍ କରୁଛି। ହସିନା ଓ ତାଙ୍କ ପରିବାର ବେଆଇନ୍ ଭାବେ ସମ୍ପତ୍ତି ଏକଠି କରିବାକୁ ଚେଷ୍ଟା କରିଛନ୍ତ କି ନା ତାହା ଜାଣିବାକୁ ପ୍ରୟାସ କରାଯାଉଛି। ଏସିସିର ଆବେଦନ ପରେ କୋର୍ଟ ହାସିନା, ତାଙ୍କ ପୁଅ, ଝିଅ, ଭଉଣୀ ଓ ଅନ୍ୟ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ ଅଚଳ କରିଛନ୍ତି।

## ୨ କୋଟି ମୃତକଙ୍କ ଆଧାର ହଟାଇଲା ୟୁଆଇଡିଏଆଇ

ନୂଆଦିଲ୍ଲୀ,୨୬ ।୧୧(ଏଜେନ୍ସି): ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ସାରା ଦେଶରେ ୨ କୋଟିରୁ ଅଧିକ ମୃତ୍ୟୁବରଣ କରିଥିବା ଲୋକଙ୍କ ଆଧାର ହଟାଇଛି। ଏହି ମୃତ ଲୋକଙ୍କ ଆଧର ନମ୍ବରର ଦୁରୁପଯୋଗକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ମୃତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ୟୁଆଇଡିଏଆଇ ରାଜ୍ୟ ସରକାର, ଆରଜିଆଇ, ପିଡିଏସ୍ ଓ ଅନ୍ୟ ବିଭାଗଠାରୁ ସୂଚନା ଓ ତଥ୍ୟ ନେଇଥିଲା। ଆଧାର ନମ୍ବର ଦ୍ୱିତୀୟଥର ପାଇଁ କାହାକୁ ଦିଆଯାଇ ନଥାଏ। ତେଣୁ ପରିବାରରେ ମୃତ୍ୟୁ ସୂଚନା ଦେବାକୁ ଆଧାର ପୋର୍ଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପରିବାରର କୌଣସି ସଦସ୍ୟ ଆଧାର ନମ୍ବର ଓ ମୃତ୍ୟୁ ପ୍ରମାଣପତ୍ରର ସୂଚନା ଦେଇ ମୃତ ବ୍ୟକ୍ତିଙ୍କ ନମ୍ବର ବନ୍ଦ କରିପାରନ୍ତି।

## ଅମୃତସରରୁ ୨ ଆତଙ୍କବାଦୀ ଗିରଫ

ଅମୃତସର,୨୬ ।୧୧(ଏଜେନ୍ସି): ପଞ୍ଜାବର ଅମୃତସରରେ ଗ୍ରାମାଞ୍ଚଳ ପୁଲିସ ଭାରତ- ପାକିସ୍ତାନ ସୀମାରେ ଦୁଇଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏମାନଙ୍କ ପାଖରୁ ଅଢ଼େଇ କେଜିର ବିସ୍ଫୋରକ ଆଇଇଡି ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗୁଇନ୍ଦା ବିଭାଗ ସୂଚନା ଦେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନିକଟରେ ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ପରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ପୁଣିଥରେ ଭାରତରେ ବିସ୍ଫୋରକ ପଠାଇବାକୁ ପ୍ରୟାସ କରୁଥିବାର ସୂଚନା ମିଳିବା ପରେ ସତର୍କତା ଅବଲମ୍ବନ କରାଯାଇଥିଲା। ଦୁଇ ଭାଇ ଯୁବରାଜ ଓ ଆକାଶଦୀପଙ୍କୁ ଗିରଫ କରାଯାଇଥିଲା।

## ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ବୋଲସୋନାରୋଙ୍କୁ ୨୭ ବର୍ଷ ଜେଲ୍ ଦଣ୍ଡ

ବ୍ରାସିଲିଆ,୨୬ ।୧୧(ଏଜେନ୍ସି): ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାର ବୋଲସୋନାରୋଙ୍କୁ ସୁପ୍ରିମକୋର୍ଟ ୨୭ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ନିର୍ବାଚନରେ ପରାଜୟ ପରେ ସେ ଶାସନ ପରିବର୍ତ୍ତନ କରିବାକୁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ମଙ୍ଗଳବାର ସୁପ୍ରିମକୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ୨୦୨୨ରେ ସେ ରାଷ୍ଟ୍ରପତି ନିର୍ବାଚନରେ ପରାସ୍ତ ହୋଇଥିଲେ ମଧ୍ୟ ରାଷ୍ଟ୍ରପତି ଲୁଲା ଡି ସିଲ୍‌ଭା ସରକାରଙ୍କୁ ହଟାଇବା ପାଇଁ ପ୍ରୟାସ ଓ ଷଡଯନ୍ତ୍ର କରିଥିଲେ। ଶୁଣାଣି ବେଳେ ବୋଲସୋନାରୋଙ୍କ ଆଇନ୍‌ଗତ ଟିମ୍ କୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଅପିଲ କରି ନଥିଲେ। ଫଳରେ ଜଷ୍ଟସ୍ ଆଲେଜାଣ୍ଡ୍ରୋ ମୋରାଏସ୍ ତାଙ୍କୁ ୨୭ ବର୍ଷର ଜେଲ ଦଣ୍ଡାଦେଶ ଦେଇଥିଲେ।

## ବିଶ୍ୱର ଶକ୍ତିଶାଳୀ ମହିଳା ଜଣେ ପୁରୁଷ

ୱାଶିଂଟନ, ୨୬।୧୧ (ଏଜେନ୍ସି): ଆମେରିକା କ୍ରୀଡ଼ାବିତ୍ ଜେମି ବୁକରଙ୍କ ଗୁମର ଖୋଲି ଯାଇଛି। ସେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମହିଳା ଥିଲେ। କିନ୍ତୁ ଏବେ ସେ ପୁରୁଷ ବୋଲି ଜଣାପଡ଼ିଛି। ଏହି ଗୁମର ଖୋଲିଯିବା ପରେ ତାଙ୍କଠାରୁ ଟାଇଟଲ୍ ଛଡ଼ାଇ ନିଆଯାଇଛି। 'ବିଶ୍ୱ ଶକ୍ତିଶାଳୀ ମହିଳା ପ୍ରତିଯୋଗିତା'ର ଆୟୋଜକମାନେ ଦାବି କରିଥିଲେ ଯେ ବୁକ୍ ଜୈବିକ ଭାବେ ଜଣେ ପୁରୁଷ। ପରୀକ୍ଷା ପରେ ଏହା ସତ ସାବ୍ୟସ୍ତ ହୋଇଥିଲା। ଗତ ୨୩ ତାରିଖରେ ସେ ଏହି ଟାଇଟଲ ଜିତିଥିଲେ। ମାତ୍ର ଦୁଇ ଦିନ ପରେ ସେ ଏହାକୁ ହରାଇ ଦେଇଛନ୍ତି। ବ୍ରିଟେନର ଆଣ୍ଡ୍ରିଆ ଥମ୍ପସନ୍‌ଙ୍କୁ ବିଶ୍ୱର ଶକ୍ତିଶାଳୀ ମହିଳା ଘୋଷଣା କରାଯାଇଛି।

## ନାକେଦମ୍ କଲାଣି ଦିଲ୍ଲୀ ପ୍ରଦୂଷଣ; ସୁପ୍ରିମକୋର୍ଟ ଚିନ୍ତିତ

# ସଙ୍କଟରେ ସ୍ୱାସ୍ଥ୍ୟ ; ଘରୁ ବାହାରିଲେ ଅସୁସ୍ଥ

ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି):

ଦିଲ୍ଲୀ-ଏନ୍‌ସିଆରରେ ବାୟୁ ପ୍ରଦୂଷଣ ନାକେଦମ କଲାଣି। ପ୍ରଦୂଷଣ ସ୍ତର ହ୍ରାସ ପାଇବା ବଦଳରେ ଦୀର୍ଘ ଦିନ ହେଲା ବୃଦ୍ଧି ପାଇ ଚାଲିଛି। ଏହା ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ସରକାର ସ୍ଥିତିକୁ ଦେଖି ହାତ ଟେକି ଦେଇଛନ୍ତି। ଖାଲି ପ୍ରଦୂଷଣ କେନ୍ଦ୍ର ଆଖପାଖରେ ପାଣି ଟାଙ୍କି ବୁଲାଇ ଦିଲ୍ଲୀକୁ ଥଣ୍ଡା ରଖିବାକୁ ଦିଲ୍ଲୀ ସରକାର ପ୍ରୟାସ କରୁଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ପ୍ରଦୂଷଣରେ

**ପ୍ରାତଃ ଭ୍ରମଣ କରି ସିଜେଆଇଙ୍କ ସ୍ୱାସ୍ଥ୍ୟ ଖରାପ**

**ପ୍ରଦୂଷଣର ଶୀଘ୍ର ସମାଧାନ ଜରୁରୀ**

ଲୋକେ ତ୍ରାହି ତ୍ରାହି ଡାକୁଥିବାବେଳେ ସରକାର ନିଦାବିଷ୍ଣୁ ସାଜିଛନ୍ତି। କୃତ୍ରିମ ବର୍ଷା ଯୋଜନା ବିଫଳ ହେବା ପରଠାରୁ ସରକାର ଆଉ କୌଣସି ଉତ୍ତମ ପଦକ୍ଷେପ ନେଇନାହାନ୍ତି। ଦିଲ୍ଲୀ-ଏନସିଆରରେ ଦ୍ୱିପହର ପର୍ଯ୍ୟନ୍ତ କୁହୁଡ଼ି ଛାଇ ରହୁଛି। ଲୋକେ ଏବେ ଘରୁ ବାହାରିବାକୁ ଡରୁଛନ୍ତି। ଗ୍ରାପ୍-୩ ନିୟମ ଲାଗୁ ହୋଇଥିବାବେଳେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ଅତ୍ୟନ୍ତ ଖରାପ ସ୍ତର ୩୩୫ରେ ରହିଛି। ବାଧ ହୋଇ ଲୋକେ ବିଷ ବାୟୁରେ ପ୍ରଶ୍ୱାସ ନେଉଛନ୍ତି। ଏଥିଯୋଗୁଁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି ଏବଂ ମେଡିକାଲରେ ଭର୍ତ୍ତି ହେବାକୁ ପଡୁଛି। ନବଜାତକଙ୍କଠାରୁ ନେଇ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବିଷାକ୍ତ ବାୟୁ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ମଧ୍ୟ ଏଥିରୁ ବାହାରି ପାରି ନାହାନ୍ତି। ସୁପ୍ରିମକୋର୍ଟରେ ବୁଧବାର ଏସ୍‌ଆଇଆର ମାମଲାର ଶୁଣାଣି ଚାଲିଥିବାବେଳେ ସିଜେଆଇ ଦିଲ୍ଲୀ ବାୟୁ ପ୍ରଦୂଷଣ ପ୍ରସଙ୍ଗ ଉଲ୍ଲେଖ କରି ଚିନ୍ତା ପ୍ରକଟ କରିଥିଲେ। ସେ କହିଥିଲେ ଯେ ମଙ୍ଗଳବାର ସନ୍ଧ୍ୟାରେ ଘଣ୍ଟାଏ (ପ୍ରାୟ ୫୫ ମିନିଟ) ବାହାରେ ଭ୍ରମଣ କରିବାରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଖୁବଶୀଘ୍ର ଏହାର ସମାଧାନ କରିବା ଜରୁରୀ।

ଆଜି ଏସଆଇଆର ଶୁଣାଣି ସମୟରେ ନିର୍ବାଚନ କମିଶନ (ଇସି)ଙ୍କ ଓକିଲ ରାକେଶ ଦ୍ୱିବେଦୀ ଖରାପ




ସ୍ୱାସ୍ଥ୍ୟାବସ୍ଥା କାରଣରୁ ସିଜେଆଇଙ୍କୁ ଶୁଣାଣିରୁ ଛୁଟି ମାଗିଥିଲେ। ଉତ୍ତରରେ ସିଜେଆଇ କହିଥିଲେ ଯେ ଦିଲ୍ଲୀର ପାଣିପାଗ ଯୋଗୁଁ ଏପରି ହେଉଛି। ମୁଁ କେବଳ ଚଲାବୁଲା କରେ। ଏବେ ଏହା ବି କଠିନ ହୋଇଗଲାଣି। ସ୍ଥିତିକୁ ଦେଖି ସିଜେଆଇ ବରିଷ୍ଠ ଓକିଲଙ୍କ କୋର୍ଟ ଆଗମନ ଉପରେ ଚିନ୍ତା ପ୍ରକଟ କରିଥିଲେ। ୬୦ ବର୍ଷ ଏବଂ ଏହାଠାରୁ ଉର୍ଦ୍ଧ୍ୱ ବୟସର ଓକିଲଙ୍କୁ ସାମ୍‌ନାସାମ୍‌ନି ଶୁଣାଣିରୁ ବିରାମ ଦେବା ପାଇଁ ବିଚାର କରାଯାଉଛି ବୋଲି ଉଲ୍ଲେଖ କରିଥିଲେ। ଖୁବଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯିବ। ତେବେ ବର୍ତ୍ତମାନ ପ୍ରତ୍ୟକ୍ଷ ଏବଂ ଭର୍ଚୁଆଲରେ ଶୁଣାଣି ଚାଲିଛି।

## କିଏ ଶୁଣିବ ମା'ର ଦୁଃଖ

# ପ୍ରଦୂଷଣ ପାଇଁ ଶିଶୁର ଅସ୍ତ୍ରୋପଚାର

ପ୍ରଦୂଷଣକୁ ନେଇ ଦିଲ୍ଲୀରେ ରହୁଥିବା ଜଣେ ମହିଳା ହୃଦୟ ବିଦାରକ ଭିଡିଓ ସେୟାର କରିଛନ୍ତି। ଏହା ଦିଲ୍ଲୀରେ ବାୟୁ ପ୍ରଦୂଷଣର ଭୟାବହତାକୁ ଦେଖାଉଛି। ପ୍ରଦୂଷଣ ପାଇଁ ତାଙ୍କ

**'ଟିକସ ଦେଇ ଶିଶୁ ପାଇଁ ରୋଗ କିଣୁଛୁ'**



ଦୁଇ ବର୍ଷର ପୁଅ ଜୀବନମରଣ ସହ ସଂଘର୍ଷ କରୁଛି। ଶ୍ୱାସକ୍ରିୟା ସମ୍ବନ୍ଧିତ ସମସ୍ୟା ଯୋଗୁଁ ବାଧ ହୋଇ ଶିଶୁର ନାକ ଏବଂ ଗଳା ଅସ୍ତ୍ରୋପଚାର କରିବାକୁ ପଡୁଛି। ଦିଲ୍ଲୀକୁ ଆସିବାର ଫଳ ଏବେ ତାଙ୍କ ଶିଶୁ ଭୋଗ କରୁଛି ବୋଲି ମାଆ କୋହଭରା କଣ୍ଠରେ କହିଛନ୍ତି। ଏହି ମହିଳାଙ୍କ ନାମ ସାକ୍ଷୀ ପାହ୍ୱା। ତାଙ୍କ ପରିବାର ୨ ବର୍ଷ ଦିଲ୍ଲୀକୁ ଆସିଥିଲେ। ଏଠାକୁ ଆସିବାର କିଛି ମାସ ପରେ ପୁଅର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରେ ଲାଗିଥିଲା। କାଶ, କଫ ସହିତ ଆଲର୍ଜି ହେବାରୁ ଶ୍ୱାସକ୍ରିୟା ସମ୍ବନ୍ଧିତ ସମସ୍ୟା ସୃଷ୍ଟି ହୋଇଥିଲା। କୌଣସି ଔଷଧ କାମ ଦେଇ ନ ଥିଲା। ପ୍ରଦୂଷଣ ପାଇଁ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରେ ଲାଗିଥିଲା। ଡାକ୍ତରଙ୍କୁ ଦେଖାଇବାରୁ ଆଡେନୋଇଡ୍‌ସ ଏବଂ ଚତୁର୍ଥ ପର୍ଯ୍ୟାୟ ଟନ୍‌ସିଲରେ ପୀଡ଼ିତ ଥିବା କହିଥିଲେ। ଅସ୍ତ୍ରୋପଚାର ଏହାର ଉତ୍ତମ ଚିକିତ୍ସା ବୋଲି ବର୍ଣ୍ଣନା କରିଥିଲେ। ପୁଅର ଏହି ସ୍ଥିତି ପାଇଁ ସାକ୍ଷୀ ପ୍ରଦୂଷଣ ଏବଂ ସରକାରଙ୍କ କାର୍ଯ୍ୟହୀନତାକୁ ଦୋଷ ଦେଇଛନ୍ତି। ତାଙ୍କ ପୁଅ ହସ୍ପିଟାଲ ବେଡ୍‌ରେ ପଡ଼ିଥିବା ଦେଖିବାକୁ ମିଳୁଛି। ମହିଳା କହୁଛନ୍ତି ଯେ ଦିଲ୍ଲୀ ପ୍ରଦୂଷଣ ପାଇଁ ନିଷ୍ପାପ ଶିଶୁର ଅସ୍ତ୍ରୋପଚାର ହୋଇଛି। ଆମେ ଟିକସ ଦେଉଛୁ ଏବଂ ଏହାର ପ୍ରତିବଦଳରେ ଶିଶୁକୁ ମେଡିକାଲରେ ଭର୍ତ୍ତି ହେବାକୁ ପଡୁଛି। ଏହି ଭିଡିଓକୁ ନେଇ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏକ ବଡ଼ ବିକ୍ଷୋଭ ପ୍ରଦର୍ଶନ ହେଲେ ଦେଶର ସ୍ଥିତି ବଦଳିବ ବୋଲି ଲୋକେ କହୁଛନ୍ତି।

## ୩୦ ଫୁଟ୍ ତଳ ନଦୀକୁ ଖସିଲା କାର୍

# ୫ ମୃତ, ସିପିଆର୍ ଦେଇ ଡ୍ରାଇଭରଙ୍କୁ ବଞ୍ଚାଗଲା

ଲକ୍ଷ୍ମୀପୁର-ଖିରି,୨୬ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ଲକ୍ଷ୍ମୀପୁର- ଖିରିରେ ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିବା ବେଳେ ଏକ ଅଲ୍ଟୋ କାର୍ ୩୦ ଫୁଟ ତଳକୁ ଖସି ନଦୀରେ ପଡିଛି। ଏହି ଦୁର୍ଘଟଣାରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। କାର୍ ଡ୍ରାଇଭରଙ୍କୁ କାର୍ଡିଓପଲ୍ମୋନାରୀ ରେସୁସାଇଟେସନ (ସିପିଆର) ଦେଇ ବଞ୍ଚାଯାଇଛି। କାର୍‌ର ଗେଟ୍ ଲକ୍ ହୋଇଯାଇଥିଲା ବୋଲି କୁହାଯାଉଛି। କାର୍ ପଡିବାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡି ଘଟଣାସ୍ଥଳକୁ ଆସିଥିଲେ। ନଦୀର ପ୍ରଖର ସ୍ରୋତରେ କାର ୩-୪୦ ଫୁଟ ବହିଯାଇଥିଲା। ଶେଷରେ କାର୍ ନଦୀରେ ବୁଡିଯାଇଥିଲା। ସ୍ଥାନୀୟ ଲୋକେ ପୁଲିସ୍‌କୁ ସୂଚନା ଦେଇଥିଲେ। ଟର୍ଚ୍ଚର ଲାଇଟ୍ ଜଳାଇ ନିକଟସ୍ଥ ଗାଁ ଲୋକେ ଡଙ୍ଗା ମାଧ୍ୟମରେ ନଦୀରେ ପସିଥିଲେ। କାର୍‌କୁ ଦଉଡ଼ି ବାନ୍ଧି ବାହରକୁ ବାହାର କରିଥିଲେ। ଏହାପରେ କାର୍‌ର ଝରକା କାଚ ଭାଙ୍ଗି ଭିତରେ ଥିବା ଯାତ୍ରୀଙ୍କୁ ବାହରକୁ ବାହାର କରିଥିଲେ। ସମସ୍ତଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା ଓ ଡାକ୍ତର ସମସ୍ତଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଜିଲ୍ଲା ମୁଖ୍ୟାଳୟଠାରୁ ୫୫ କିମି ଦୂରରେ ପଡୁଆ ଥାନା ଅଞ୍ଚଳରେ ଡକେରେବା- ଗିରାଜାପୁରୀ ହାଇୱେରେ ପାରସ ପୁରବା ଗାଁ ନିକଟରେ ମଙ୍ଗଳବାର ରାତି ୧୧.୪୦ରେ ଏହି ଦୁର୍ଘଟଣା ଘଟିଥିଲା। କାର୍ ଦ୍ରୁତଗତିରେ ଯାଉଥିଲା। କିନ୍ତୁ ପୋଲ ଉପରେ ଅନ୍ଧାର ଥିବାରୁ ମୋଡଣି ଆସିବାରୁ ଅଚାନକ ଷ୍ଟିଅରିଂ ବୁଲାଇଥିଲି। କିନ୍ତୁ କାର ନିୟନ୍ତ୍ରଣ ବାହରକୁ ଚାଲିଯାଇଥିଲା ବୋଲି ଡ୍ରାଇଭର କହିଛନ୍ତି।

## ସୁପ୍ରିମକୋର୍ଟରେ ଛାତ୍ରୀଙ୍କୁ ଉତ୍ପୀଡ଼ନ ମାମଲା

# ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ସମୀକ୍ଷା ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଅନୈତିକ କାର୍ଯ୍ୟକଳାପକୁ ରୋକିବା ପାଇଁ ସୁପ୍ରିମକୋର୍ଟ ବଡ଼ ପଦକ୍ଷେପ ନେଇଛନ୍ତି। ଦେଶରେ ଥିବା ସବୁ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ସମୀକ୍ଷା କରିବାକୁ କେନ୍ଦ୍ର, ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ସହିତ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ କେମିତି ପ୍ରତିଷ୍ଠା ହେଲା, ପରିଚାଳନା ଏବଂ ପର୍ଯ୍ୟବେକ୍ଷଣ କେମିତି ହେଉଛି ତାହାର ଖୁଲାସା କରିବାକୁ ସୁପ୍ରିମକୋର୍ଟ କହିଛନ୍ତି। ଛାତ୍ରୀ ଆୟେଶା ଜେନ୍ ବନାମ ଆମିଟି ୟୁନିଭର୍ସିଟି ମାମଲାର ଶୁଣାଣି କରି ଜଷ୍ଟିସ ଅସଦୁଦ୍ଦିନ ଅମାନୁଲ୍ଲାହ ଏବଂ ଜଷ୍ଟିସ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା ସାମୂହିକ ସ୍ୱାର୍ଥ ପାଇଁ ଜରୁରୀ। ଘରୋଇ ବିଶ୍ୱବିଦ୍ୟାଳୟଗୁଡିକର ଗଠନ କେମିତି ହେଲା, ଏଗୁଡ଼ିକ କେଉଁ ନିୟମ ଅନୁସାରେ ପରିଚାଳିତ ହେଉଛନ୍ତି ଏବଂ ସରକାରଙ୍କ ପକ୍ଷରୁ କି ସୁବିଧାସୁଯୋଗ ପାଉଛନ୍ତି ତାହା ଜାଣିବା ଜରୁରୀ। ମାନ୍ୟତା ଦେବାର ଆଇନଗତ ଆଧାର, ଆର୍ଥିକ ଏବଂ ପ୍ରାଶାସନିକ ସହାୟତା, ଜମି ଆବଣ୍ଟନ ଏବଂ ଅଗ୍ରାଧିକାର ଭିତ୍ତିରେ ଦିଆଯାଇଥିବା ଅନ୍ୟାନ୍ୟ ସୁବିଧା ବିଷୟରେ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ସରକାରଗୁଡ଼ିକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରତିଷ୍ଠାନ ଗୁଡ଼ିକୁ ପ୍ରକୃତରେ କିଏ ନିୟନ୍ତ୍ରଣ ଓ ପରିଚାଳନା କରୁଛି ଏବଂ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ପରିଚାଳନା କମିଟି କେମିତି ଗଠନ କରାଯାଉଛି ତାହାର ମଧ୍ୟ ସୂଚନା ମଗାଯାଇଛି। ଆମିଟି ୟୁନିଭର୍ସିଟିର ୨୩ ବର୍ଷୀୟ ଛାତ୍ରୀ ଆୟେଶାଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସମସ୍ତ ବୈଧାନିକ ପ୍ରମାଣପତ୍ର ଥିବା ସତ୍ତ୍ୱେ ଏହି ୟୁନିଭର୍ସିଟି ଆୟେଶାଙ୍କ ନାମ ବଦଳାଇବାକୁ ମନା କରିଦେଇଥିଲା।


ଖାଲି ସେତିକି ନୁହେଁ, କର୍ତ୍ତୃପକ୍ଷ ତାଙ୍କୁ ଉତ୍ପୀଡ଼ନ ଦେଇଥିଲେ, କ୍ଲାସ କରିବା ଉପରେ କଟକଣା ଲଗାଇ ଦେଇଥିଲେ ଏବଂ ମୁସଲମାନ ନାମ ରଖିବାକୁ ନେଇ ପରିହାସ ମଧ୍ୟ କରିଥିଲେ। ୟୁଜିସି ଏବଂ ଶିକ୍ଷା ମନ୍ତ୍ରାଳୟର ହସ୍ତକ୍ଷେପ ସତ୍ତ୍ୱେ ଏହା ଉପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଆମିଟି ୟୁନିଭର୍ସିଟି ନିଜ କ୍ଷମତାର ଅପବ୍ୟବହାର କରୁଥିବା ଆବେଦନରେ ଦାବି କରାଯାଇଛି। ୟୁନିଭର୍ସିଟି ପକ୍ଷରୁ କୁହାଯାଇଥିଲା ଯେ ଛାତ୍ରୀ ନିଜ ବ୍ୟବହାର ପାଇଁ ଗୋଟିଏ ବର୍ଷ ପାଠପଢ଼ା ବରବାଦ ହୋଇଥିଲା। ଏହି ବିବାଦ ୨୦୨୧ରୁ ଆରମ୍ଭ ହୋଇଥିଲା। ସେ ନିଜ ନାମକୁ ଖୁସି ଜୈନରୁ ଆୟେଶା ଜୈନ କରିବାକୁ ଚାହୁଁଥିଲେ। ଖୁସି ୨୦୨୩ରେ ଆମିଟି ଫିଙ୍ଗ ସ୍କୁଲରୁ ସାର୍ଟିଫିକେଟ କୋର୍ସ ଶେଷ କରି ୨୦୨୪ରେ ଏମବିଏ ପାଇଁ ଆମିଟି ବିଜ୍‌ନେସ ସ୍କୁଲରେ ସାମିଲ ହୋଇଥିଲେ। କିନ୍ତୁ ବିଶ୍ୱବିଦ୍ୟାଳୟ ତାଙ୍କ ତଥ୍ୟ ଅପଡେଟ କରିବାକୁ ମନା କରିଦେଇଥିଲା। କ୍ଲାସ ଏବଂ ପରୀକ୍ଷା ଦେବାକୁ ଦିଆଯାଇ ନ ଥିଲା। ଅନେକ ଅଭିଯୋଗର ଉତ୍ତର ନ ଦେବାର ଶେଷରେ ସେ ଚଳିତ ବର୍ଷ ମଧ୍ୟ ଭାଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପାକ୍ ସରକାର ନୀରବ

# ଇମ୍ରାନଙ୍କ ମୃତ୍ୟୁକୁ ନେଇ ସଂଶୟ

ଇସଲାମାବାଦ୍,୨୬ ।୧୧(ଏଜେନ୍ସି):

ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ପାକିସ୍ତାନର ଆଡିଆଲା ଜେଲ୍‌ରେ ଅଛନ୍ତି। ତାଙ୍କୁ ନିଜର ଭଉଣୀଙ୍କ ସହିତ ସାକ୍ଷାତ କରିବାକୁ ଦିଆଯାଉନାହିଁ। ଗତ ଏକ ବର୍ଷ ହେବ ସୁରକ୍ଷା ଓ ଅନ୍ୟ କାରଣର ବାହାନା ଦେଇ ଇମ୍ରାନଙ୍କୁ ତାଙ୍କ ଭଉଣୀମାନଙ୍କ ସାକ୍ଷାତ କରିବାକୁ ଦିଆଯାଉନାହିଁ। ଇମ୍ରାନଙ୍କ ୩ ଭଉଣୀ ଆଲିମା, ନୋରିନ ଓ ଡ. ଉଜମା ଖାନ୍ ତାଙ୍କର ସମର୍ଥକଙ୍କ ସହ ଜେଲ୍ ଆଗରେ ଧାରଣାରେ ବସିଛନ୍ତି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ ମଧ୍ୟ ପୁଲିସ ଲାଇଟ୍ ବନ୍ଦ କରି ଲାଠିଚାର୍ଜ କରିଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୁଲିସ ଚୁଟି ଟାଣି ମୋତେ ଘୋଷାରି ନେଇଥିଲା ବୋଲି ୭୧ ବର୍ଷୀୟା ନୋରିନ କହିଛନ୍ତି। ଅନ୍ୟ ମହିଳାଙ୍କ ସହ ମଧ୍ୟ ପୁଲିସ ମାଡପିଟ୍ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଇମ୍ରାନଙ୍କ ମୃତ୍ୟୁ ନେଇ ସାମାଜିକ ଗଣମାଧ୍ୟମଗୁଡିକରେ



ଗୁଜବ ପ୍ରସାରିତ ହୋଇଛି। ତାଙ୍କୁ କୌଣସି ଦ୍ୱିତୀୟ ସ୍ଥାନକୁ ନିଆଯାଇଛି ବୋଲି ବିଭିନ୍ନ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ତେବେ ସାମାଜିକ ଗଣମାଧ୍ୟମଗୁଡିକରେ ପ୍ରସାରିତ ଏହି ଖବର ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଉଲ୍ଲେଖଥାଉ କି, ୨୦୨୫ ମାର୍ଚ୍ଚରେ ଇସଲାମାବାଦ ହାଇକୋର୍ଟ ଇମ୍ରାନଙ୍କୁ ତାଙ୍କ ପରିବାର ଓ ଓକିଲଙ୍କ ସହ ନିୟମିତ ସାକ୍ଷାତ କରିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଜେଲ ବିଭିନ୍ନ ଆଳ ଦେଖାଇ ପ୍ରଶାସନ କୋର୍ଟଙ୍କ ଏହି ଆଦେଶ ପାଳନ

**ଭାଇଙ୍କୁ ସାକ୍ଷାତ କରିବାକୁ ଦିଆଯାଉନାହିଁ: ଇମ୍ରାନଙ୍କ ଭଉଣୀ**

କରୁନାହିଁ। ଗତ ସପ୍ତାହରେ ମଧ୍ୟ ଇମ୍ରାନଙ୍କ ଭଉଣୀମାନଙ୍କ ସହ ରାୱଲପିଣ୍ଡି ପୁଲିସ ଦୁର୍ବ୍ୟବହାର କରିଥିଲା ଓ ସେମାନଙ୍କୁ ସଡ଼କ ଉପରେ ଘୋଷାରି ଗିରଫ ମଧ୍ୟ କରିଥିଲା। ପୂର୍ବରୁ ମଧ୍ୟ ଇମ୍ରାନଙ୍କ ଭଉଣୀମାନଙ୍କ ସହ ଏପରି ଦୁର୍ବ୍ୟବହାର ହୋଇଥିଲା। ଇମ୍ରାନ ଗତ ୩ ବର୍ଷ ହେବ ଜେଲ୍‌ରେ ଅଛନ୍ତି। ତାଙ୍କ ବିରୋଧରେ ୧୦୦ରୁ ଉର୍ଦ୍ଧ୍ୱ ମାମଲା ଚାଲିଛି। ଦୁର୍ନୀତି ମାମଲାରେ ତାଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି।

# ଛୋଟ କେଶ ବି ଦିଶିବ ସୁନ୍ଦର

**ସାଧାରଣତଃ ଛୋଟ କେଶ ଖୁବ୍ ସୁନ୍ଦର ଦେଖାଯାଏ। ଏହାର ଯତ୍ନ ନେବା ମଧ୍ୟ ସୁବିଧାଜନକ ହୋଇଥାଏ। କିନ୍ତୁ ପାରମ୍ପରିକ ଲୁକ୍ ଚାହୁଁଥିଲେ କେଶକୁ ଷ୍ଟାଇଲ୍ କରିବା ସହଜ ହୋଇ ନ ଥାଏ। ତେଣୁ ଛୋଟ କେଶରେ କିଛି ଭିନ୍ନତା ଆଣିବାକୁ ଚାହୁଁଥିଲେ ନିମ୍ନ ପ୍ରଦତ୍ତ ଟିପ୍ସ ଆପଣାଇପାରିବେ।**



### ହାଫ୍ ଅପ୍ ହାଫ୍ ଡାଉନ୍

ଏହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଏହା ସବୁ ପର୍ବପର୍ବାଣୀ ତଥା ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ବିବାହ ଉତ୍ସବରେ ଗାଉନ୍ ପିନ୍ଧୁଥିଲେ ହାଫ୍ ବନ କରିପାରିବେ। ଏହି ଡିଜାଇନ କରିବା ମଧ୍ୟ ଖୁବ୍ ସହଜ। ଏଥିରୁ ଏକ ଆକର୍ଷଣୀୟ ଲୁକ୍ ଚାହୁଁଥିଲେ କେଶକୁ ଷ୍ଟ୍ରେଟ୍‌ନର ସାହାଯ୍ୟରେ ପ୍ରଥମେ ଷ୍ଟ୍ରେଟ୍ କରନ୍ତୁ। ଏହାପରେ ବନ କରନ୍ତୁ।

### ବେବି ଓପନ୍ ହେୟାର୍ ଷ୍ଟାଇଲ୍



ଏ ପ୍ରକାର ଷ୍ଟାଇଲ ସବୁବେଳେ ରହିଥାଏ। ଛୋଟ ହେଉ ଅବା ଲମ୍ବା ଏହି ହେୟାର୍‌ଷ୍ଟାଇଲ୍ ସବୁ କେଶକୁ ମାନିଥାଏ। ସିମ୍ପଲ୍ ଲୁକ୍‌କୁ ଷ୍ଟାଇଲ କରିବାକୁ ଚାହୁଁଥିଲେ ଏହି ଡିଜାଇନ୍ କରିପାରିବେ। ଏ ପ୍ରକାର ହେୟାର୍ ଷ୍ଟାଇଲ୍ ପ୍ରି ୱେଡିଙ୍ଗରେ ଖୁବ୍ ସୁନ୍ଦର ଲାଗିବ। ବିଶେଷ କଥା ହେଉଛି ଏହା ନୋ ମେକ୍‌ଅପ୍ ଲୁକରେ ମଧ୍ୟ ସୁନ୍ଦର ଦିଶିଥାଏ।

### ପନିଟେଲ୍

ଓପନ ହେୟାର୍ ଛୋଟ ଚୁଟିକୁ ବେଶ୍ ସୁନ୍ଦର ଦେଖାଯାଏ। କିନ୍ତୁ ଟିକେ ଭିନ୍ନ ଲୁକ୍ ଚାହୁଁଥିଲେ ସ୍ଲିକ୍ ଲୋ ପନିଟେଲ କରିପାରିବେ। ଏଥିରେ କେଶକୁ ହାଲୁକା କରି ଏକ ସାଇଟ୍ କରନ୍ତୁ। ଏହାକୁ ଲୋ ଷ୍ଟାଇଲ୍ ଟାଇରେ ବାନ୍ଧିବାକୁ ପଡ଼ିଥାଏ। ଏହାଦ୍ୱାରା ମେକ୍‌ଅପ୍ ହାଇଲାଇଟ୍ ହୋଇଥାଏ।

# ମହିଳା ର୍‍ୟାପର୍

**ସାଧାରଣତଃ ର୍‍ୟାପ୍ କହିଲେ ପ୍ରଥମେ ପୁରୁଷଙ୍କ ଛବି ସାମ୍ନାକୁ ଆସିଥାଏ। କିନ୍ତୁ ଏବେ ଏ କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ଦେଖିବାକୁ ମିଳିଛି। ବଦଳୁଥିବା ସମୟାନୁସାରେ ପୁରୁଷଙ୍କ ସହ ତାଳ ଦେଇ ମହିଳାମାନେ ହିପ୍ ହାପ୍ ର୍‍ୟାପ୍ କରୁଛନ୍ତି। ସାମାଜିକ ଏବଂ ବ୍ୟକ୍ତିଗତ ବିଚାର, ସାମାଜିକ ସମସ୍ୟା ଆଦି ବିଷୟବସ୍ତୁକୁ ର୍‍ୟାପ୍ ମାଧ୍ୟମରେ ଲୋକଲୋଚନକୁ ଆଣୁଛନ୍ତି। ଏହାଦ୍ୱାରା ସେମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ର୍‍ୟାପ୍ କେବଳ ପୁରୁଷଙ୍କ କାର୍ଯ୍ୟ ନୁହେଁ, ତାହା ପ୍ରମାଣ କରିଛନ୍ତି। ତେବେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତୋଟି ମହିଳା ର୍‍ୟାପର୍‌ଙ୍କୁ ନେଇ ଏହି ଉପସ୍ଥାପନା।**

### ଡି ଏମ୍‌ସି

୨୫ ବର୍ଷିୟା ଡି ଏମ୍‌ସି ଭାରତ ହିପ୍ ହପ୍ ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ପୁରା ନାମ ଦୀପା ଉନିକ୍ରିଷ୍ଣନ୍। ପିଲାବେଳୁ ସେ ଭାରତନାଟ୍ୟମ୍‌ରେ ନିଜ ପ୍ରତିଭା ଦେଖାଇଛନ୍ତି। ୧୮ ବର୍ଷ ବୟସରେ ସେ ନିଜର ପ୍ରଥମ ର୍‍ୟାପ୍ ଗୀତ ଲେଖିଥିଲେ। ୨୦୧୭ ରେ ସେ ଡି ଏମ୍‌ସି ନାମ୍ନୀ ପ୍ରଥମ ଆଲବମ୍‌ରେ ନଜର ଆସିଥିଲେ। ସେ ର୍‍ୟାପ୍‌ରେ ସାମାଜିକ ମୁଦା, ମହିଳା ସଶକ୍ତୀକରଣ ଉପରେ ଜୋର୍ ଦିଅନ୍ତି। ସେହିପରି ତାଙ୍କ ଗୀତ ନୋ ମୋର ଲିମିଟ୍ସ ମାସିକ ଧର୍ମ ସ୍ୱଚ୍ଛତା ଉପରେ ସଚେତନ ପାଇଁ ପ୍ରସ୍ତୁତ କରିଥିଲେ। ସେହିପରି ସେ କାନାଡ଼ା, ଓ ବେଲଜିୟମ୍ ଅନ୍ତଃରାଷ୍ଟ୍ରୀୟ ପ୍ରଦର୍ଶନୀରେ ମଧ୍ୟ ଭାଗ ନେଇଥିଲେ।



### ରାଜା କୁମାରୀ

ରାଜା କୁମାରୀ ଜଣେ ସଫଳ ଭାରତୀୟ - ଆମେରିକୀୟ ର୍‍ୟାପର୍, ଗାୟିକା ଓ ନୃତ୍ୟାଙ୍ଗନା ଭାବେ ପରିଚିତ। ବହୁବିଧ ପ୍ରତିଭା ପାଇଁ ସେ ଅନେକ ଅନ୍ତଃରାଷ୍ଟ୍ରୀୟ ପୁରସ୍କାର ପାଇଛନ୍ତି। ସେ ଭାରତୀୟ ହିପ୍ ହପ୍ ର୍‍ୟାପ୍‌ର ଗଡ୍ ମଦର୍ ଭାବେ ଜଣାଜାନ୍ତି। ତାଙ୍କ ପୁରା ନାମ ଶ୍ୱେତା ୟଲ୍ଲାପ୍ରଗଦା ରାଓ। ସେ କାଲିଫର୍ନିଆ କ୍ଲେରମୋଣ୍ଟରେ ଏକ ଭାରତୀୟ ପରିବାରରେ ଜନ୍ମ ହୋଇଥିଲେ। ପାଞ୍ଚ ବର୍ଷର ଥିବାବଳେ ସେ ଫ୍ୟୁଜିଜ୍ ଆଲବମ୍ 'ଦ ସ୍କୋର୍'ରୁ ହିପ୍ ହାପ୍ ପ୍ରତି ଆଗ୍ରହୀ ଥିଲେ। ୧୪ ବର୍ଷରେ ସେ ଫ୍ରିଷ୍ଟାଇଲ୍ ଏମ୍‌ସି ହୋଇଥିଲେ। ଏଥିପାଇଁ ତାଙ୍କୁ ଇଣ୍ଡିଆନ୍ ପ୍ରିନ୍‌ସେସ୍ ବା ରାଜା କୁମାରୀ କୁହାଯାଏ। ସେ ହିନ୍ଦୀ ଓ ଇଂରାଜୀ ଭାଷାରେ ଅନେକ ଲୋକପ୍ରିୟ କଳାକାରଙ୍କ ସହ ର୍‍ୟାପ୍ କରିଛନ୍ତି।



### ସୋଫିୟା ଅଶରଫ୍



ସୋଫିୟା ଅଶରଫ୍ ଜଣେ ଭାରତୀୟ ର୍‍ୟାପର୍ ଓ ଗାୟିକା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ସେ ସାମାଜିକ, କର୍ପୋରେଟ୍ ଅବହେଳା ବାବଦରେ ସଚେତନତା ସୃଷ୍ଟି ପାଇଁ ର୍‍ୟାପ୍ ଲେଖନ୍ତି। ସୋଫିଆ ବୃତ୍ତିରେ ଜଣେ କପିରାଇଟର୍ ଭାବେ କାର୍ଯ୍ୟ କରନ୍ତି। ସେ ର୍‍ୟାପ୍ ମାଧ୍ୟମରେ ସମାଜିକ ଓ ରାଜନୈତିକ ସମସ୍ୟା ଉପରେ ସ୍ୱରଉତ୍ତୋଳନ କରନ୍ତି। ୨୦୧୫ ମସିହାରେ ସେ ୟୁନିଲିଭର ବିରୁଦ୍ଧରେ 'କୋଡାଇକାନାଲ ୱାଣ୍ଟ' ଗୀତ ର୍‍ୟାପ୍ ଲେଖିଥିଲେ। ସେ ନିଜ ଲେଖା ମାଧ୍ୟମରେ ସମାଜିକ ସମସ୍ୟାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରନ୍ତି।

### ମେବା ଓଫିଲିଆ



ମେଘାଳୟର ଲୋକପ୍ରିୟ ର୍‍ୟାପର୍, ଗାୟିକା ଭାବେ ସେ ପରିଚିତ। ସଙ୍ଗୀତ ପ୍ରତି ତାଙ୍କ ମନରେ ଅହେତୁକ ଦୁର୍ବଳତା ଥିଲା। ଏଥିପାଇଁ ସେ ଆଇନ୍ ଶିକ୍ଷାକୁ ଛାଡ଼ି ଗୀତରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ସ୍ଥିର କରିଥିଲେ। ସେ କୁହନ୍ତି, ଗୀତ ମନର ଭାବନା ପ୍ରକାଶ କରିବାର ମାଧ୍ୟମ। ସେ ଅନେକ ରଚନାତ୍ମକ, ସୃଜନଶୀଳ ଗୀତ ଲେଖନ୍ତି। ବିଗ୍ ରିଙ୍କ ସହ ଗାଇଥିବା ଗୀତ ଡନ୍ ଟକିଙ୍ଗ୍ ପାଇଁ ସେ ୟୁରୋପୀୟ ସଙ୍ଗୀତ ପୁରସ୍କାର ପାଇଥିଲେ। ପରେ ସେ ରାଜା କୁମାରୀଙ୍କ ସହ ରାନୀ ସାଇଫର ସମେତ ଅନେକ ହିଟ୍ ଗୀତରେ ର୍‍ୟାପ୍ କରିଛନ୍ତି।

# ଲଙ୍କା ହାଲୁଆ

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ


କଞ୍ଚାଲଙ୍କା -୨୦୦ ଗ୍ରାମ୍, ଭଜା ସୁଜି - ୫୦ ଗ୍ରାମ୍, ଚିନି- ଅଧା କପ୍, ଖୁଆ,- ୫୦ ଗ୍ରାମ୍, ପିସ୍ତାବାଦାମ - ପାଞ୍ଚୋଟି, କାଜୁ - ପାଞ୍ଚୋଟି, ଘିଅ - ଏକ ଚାମଚ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ରାଇଣ୍ଡିଂ ଜାର୍‌ରେ ଲଙ୍କା ନେଇ ଏହାକୁ ପେଷ୍ଟ କରନ୍ତୁ। ଏହାପରେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ। ଗରମ ହୋଇଗଲେ ସେଥିରେ ଏକ ଚାମଚ ଘିଅ ଦେଇ ପେଷ୍ଟ କରି ରଖିଥିବା ଲଙ୍କାକୁ ଦେଇ ଗୋଳାଇ ଦିଅନ୍ତୁ। ଏହାପରେ ଭାଜି ରଖିଥିବା ସୁଜିକୁ ଦେଇ ପିଠାଖଡ଼ିକାରେ ଏପାଖସେପାଖ କରି ଦିଅନ୍ତୁ। ସୁଜି ଲଙ୍କାରେ ମିଶିଯିବା ପରେ ସେଥିରେ ଅଳ୍ପ ପାଣି ଦିଅନ୍ତୁ। ଏହାପରେ ଚିନି ପକାଇ ଭଲରେ ମିଶାନ୍ତୁ। ଏହାକୁ ଏପାଖସେପାଖ କରି କଟା କାଜୁ, ପିସ୍ତା ଓ ସିଲଭର କୋଟିଙ୍ଗ୍ ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ଲଙ୍କା ହାଲୁଆ।'



# କିଶୋରୀଙ୍କ ପାଇଁ ନେଲ୍ ଆର୍ଟ







**ନେଲଆର୍ଟ କେବଳ ବଡ଼ଙ୍କ ମଧ୍ୟରେ ସୀମିତ ନ ଥାଏ। ସ୍କୁଲ ଛାତ୍ରୀମାନେ ମଧ୍ୟ ଏହା କରିବାକୁ ପସନ୍ଦ କରନ୍ତି। ସେମାନଙ୍କ ପାଇଁ ଏହା ଏକ ରଚନାତ୍ମକ ହୋଇଥାଏ। ଏହା ପିଲାଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି କରିଥାଏ। ତେଣୁ ପିଲାଙ୍କୁ ବିଷାକ୍ତ ମୁକ୍ତ ଓ ସୁରକ୍ଷିତ ନେଲ୍‌ପଲିସ୍ ଲଗାଇବା ଜରୁରୀ।**

### ପ୍ରଜାପତି

ରଙ୍ଗିନ୍ ପ୍ରଜାପତି ପିଲାଙ୍କୁ ଖୁବ୍ ଭଲଲାଗେ। ଏହା ନଖରେ କରିବା ଖୁବ୍ ସହଜ ଓ ଆକର୍ଷଣୀୟ ଦିଶିଥାଏ। ତେଣୁ ପିଲାଙ୍କ ପସନ୍ଦ ଅନୁସାରେ ପ୍ରତ୍ୟେକ ନଖରେ ଭିନ୍ନ ଭିନ୍ନ ରଙ୍ଗର ପ୍ରଜାପତି କରିପାରିବେ।

### ପାଣ୍ଡା

ଏହି ନେଲ୍ ଆର୍ଟ ପିଲାଙ୍କୁ କୁଙ୍ଫୁପାଣ୍ଡା ଭଳି କ୍ୟୁଟ୍ ଲୁକ୍ ଦେଇଥାଏ। ଏଥିପାଇଁ ନଖରେ ସର୍ବ ପ୍ରଥମେ ନୀଳ ନେଲ୍‌ପଲିସ୍ ଲଗାନ୍ତୁ। ଏହାକୁ ଭଲଭାବେ ଶୁଖାଇବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ। ସେହିପରି ବ୍ରଶ୍ ସାହାଯ୍ୟରେ ନଖରେ ସମ୍ମୁଖ ଭାଗରେ ଧଳାରଙ୍ଗର ପାଣ୍ଡା କରନ୍ତୁ। ଏଥିରେ ଚମକ ଆଣିବା ପାଇଁ ଟ୍ରାନ୍ସପ୍ୟାରେଣ୍ଟ ନେଲ୍‌ପଲିସ୍ ପରସ୍ତ ଲଗାନ୍ତୁ।

### ତାରା

ଏହି ରଙ୍ଗିନ୍ ଡିଜାଇନ୍ ପିଲାଙ୍କ ନଖକୁ ଖୁବ୍ ସୁନ୍ଦର ଦେଖାଯାଏ। ଏଥିପାଇଁ ନଖରେ ପିଲାଙ୍କ ପସନ୍ଦ ମୁତାବକ ନେଲ୍‌ପଲିସ୍ ଲଗାନ୍ତୁ। ଏହାପରେ ହଳଦିଆ ନେଲ୍‌ପଲିସ୍‌ରେ ଛୋଟ ତାରା ତିଆରି କରନ୍ତୁ।

### ଫୁଲ

ସାଧାରଣତଃ ଫ୍ଲୋରାଲ୍ ପ୍ରିଣ୍ଟ ଡ୍ରେସ୍‌ରେ ଏହା ଖୁବ୍ ସୁନ୍ଦର ଦେଖାଯାଏ। ଏଥିପାଇଁ ନଖରେ ପିଙ୍କ୍ ଜେଲ୍ ନେଲ୍‌ପଲିସ୍ ଲଗାଇ କୋଟ୍ କରନ୍ତୁ। ସୁଖିଗଲା ପରେ ତୂଳୀରେ ଅନ୍ୟ ରଙ୍ଗର ନେଲ୍‌ପଲିସ୍ ନେଇ ଛୋଟ ଫୁଲ ତିଆରି କରନ୍ତୁ।

# ଶୀତ ଫେଶନ

**ଶୀତ ପୋଷାକରେ ଷ୍ଟାଇଲିଶ୍ ଦେଖାଯିବା ସମସ୍ତଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହୋଇଥାଏ। ଏଥିପାଇଁ ଅନେକ ଯେ କୌଣସି ପୋଷାକ ପିନ୍ଧି ଏକ, ଜ୍ୟାକେଟ୍ କିମ୍ବା ଷ୍ଟୋଲ୍ ପକାଇ ବାହାରକୁ ଯାଆନ୍ତି। କିନ୍ତୁ ଚାହିଁଲେ କିଛି ସହଜ ଉପାୟ ଆପଣାଇ ସୁନ୍ଦର ଦିଶିପାରିବେ। ଜାଣିବା ସେ ବିଷୟରେ...**

### ସ୍ମାର୍ଟ ଲେୟାରିଙ୍ଗ୍

ଶୀତଦିନେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ସବୁଠୁ ସହଜ ହେଉଛି ସ୍ମାର୍ଟ ଲେୟାରିଙ୍ଗ୍। ଭାରି କପଡ଼ା ତୁଳନାରେ ହାଲୁକା ଓ ଫିଟିଙ୍ଗ ପୋଷାକ ଚୟନ କରନ୍ତୁ। ଭିତରେ ସାର୍ଟ କିମ୍ବା ଟର୍ଟଲ ବେକ ଡିଜାଇନ୍ ଟପ୍ ପିନ୍ଧି ଉପରେ ଏକ ଫୁଲ ଜ୍ୟାକେଟ୍ ପିନ୍ଧନ୍ତୁ। ଏଥିରୁ ଏକ ଏଲିଗେଣ୍ଟ ଲୁକ୍ ମିଳିବା ସହ ଉଷୁମ ବଜାୟ ରହିଥାଏ।

### ନ୍ୟୁଟ୍ରାଲ୍ କଲର୍

ଅଫିସ୍ ଲୁକ୍‌ରେ ପ୍ରଫେସନାଲ୍ ଦିଶିବାକୁ ଚାହୁଁଥିଲେ, ନ୍ୟୁଟ୍ରାଲ୍ ରଙ୍ଗ ଯଥା- ବିଜ୍, ଗ୍ରେ ଓ ବ୍ରାଉନ୍ ରଙ୍ଗ ବାଛିପାରିବେ। ଏହା ଫର୍ମାଲ ଲାଗିବା ସହ ଯେ କୌଣସି ଆଉଟ୍‌ଫିଟ୍‌କୁ ସୁନ୍ଦର ମାନିଥାଏ।

### ସ୍କାର୍ଫ ଓ ଶାଲ୍

ଶାଲ୍ ଓ ,ସ୍କାର୍ଫ କେବଳ ଶୀତରୁ ସୁରକ୍ଷା ଦିଏନି। ଏହା ଖୁବ୍ ସୁନ୍ଦର ଲୁକ୍ ଦେଇଥାଏ। ଏଥିପାଇଁ ଶିଲ୍‌କ କିମ୍ବା ଉଲ ଫାବ୍ରିକ୍‌ର ପ୍ରିଣ୍ଟେଡ୍ ସ୍କାର୍ଫ ଚୟନ କରିପାରିବେ। ଏହା ଆଉଟ୍‌ଫିଟ୍‌କୁ ଷ୍ଟାଇଲିଶ୍ କରିବା ସହ ଆଖିକୁ ଖୁବ୍ ଆକର୍ଷଣୀୟ ଦିଶିଥାଏ।



# ଜୋତାରୁ ଦୁର୍ଗନ୍ଧ ଆସୁଥିଲେ



**ଜୋତାରୁ ଦୁର୍ଗନ୍ଧ ଆସିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଲଜ୍ୟାର କାରଣ ହୋଇଥାଏ। ଦୀର୍ଘ ସମୟ ଜୋତା ପିନ୍ଧି ରଖୁଥିଲେ ଏହି ସମସ୍ୟା ଅଧିକ ହୋଇଥାଏ। ତେବେ କିଛି ଘରୋଇ ଉପାୟ ଆପଣାଇ ସହଜରେ ଏହି ଦୁର୍ଗନ୍ଧ ଦୂର କରିପାରିବେ।**

### ଖାଇବା ସୋଡ଼ା

ଖାଇବା ସୋଡ଼ାରେ ଖୁବ୍ ଉପକାରିତା ଗୁଣ ଥାଏ। ଏହା ଜୋତାରୁ ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ। ଏଥିପାଇଁ କିଛି ଖାଇବାସୋଡ଼ା ନେଇ ଜୋତାରେ ପକାଇ ରାତି ସାରା ରଖନ୍ତୁ। ସକାଳୁ ଏହି ଜୋତାକୁ ପରିଷ୍କାର କରି ପିନ୍ଧନ୍ତୁ। ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇଯାଏ। ସୋଡ଼ା ଜୋତାରେ ଥିବା ଆର୍ଦ୍ରତାକୁ ଶୋଷି ନେଇଥାଏ।

### ସେଓ ଭିନେଗାର୍

ଆପେଲ୍ ସାଇଡ୍ ଭିନେଗାର୍ ଜୋତାର ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ। ଏଥିପାଇଁ ଏକ କପଡ଼ା କିମ୍ବା ତୁଳାକୁ ଭିନେଗାରରେ ବୁଡ଼ାଇ ଜୋତା ଭିତରେ ରଖି ଦିଅନ୍ତୁ। କିଛି ଘଣ୍ଟା ପରେ କାଢ଼ି ଦିଅନ୍ତୁ। ଏହା ଜୋତା ଦୁର୍ଗନ୍ଧ ଦୂର କରି ଏହାକୁ ସତେଜ ରଖିଥାଏ। ଚାହିଁଲେ ଏହାକୁ ନିୟମିତ ବ୍ୟବହାର କରିପାରିବେ।


### ଚା ପତି

ଚାପତିରେ ଏକ ବିଶେଷ ତତ୍ତ୍ୱ ଥାଏ। ଯାହା ଦୁର୍ଗନ୍ଧକୁ ଶୋଷି ନେଇଥାଏ। ଏଥିପାଇଁ କିଛି ଶୁଖିଲା ଚା ପତି ଜୋତାରେ ରଖି ଗୋଟିଏ ରାତି ଛାଡ଼ି ଦିଅନ୍ତୁ। ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇଥାଏ।

# ବାରମ୍ବାର ୱାଇପ୍‌ସ ବ୍ୟବହାର କରୁଥିଲେ

**ଅଧିକାଂଶ ମହିଳା ତ୍ୱଚାରେ ଥିବା ଧୂଳି, ମଳି ତଥା ମେକ୍‌ଅପ୍ ଛଡ଼ାଇବା ପାଇଁ ୱେଟ୍ ୱାଇପ୍ସ ବ୍ୟବହାର କରିଥାନ୍ତି। ଏହା ତ୍ୱଚାରେ ଥିବା ମଇଳା, ତେଲ ଓ ଅପରିଷ୍କାରକୁ କ୍ଷଣକ ମଧ୍ୟରେ ସଫା କରିଥାଏ। କିନ୍ତୁ ଏହାକୁ ବାରମ୍ବାର ବ୍ୟବହାର କଲେ, ଏଥିରେ ଥିବା କେମିକାଲ୍ସ, ସୁଗନ୍ଧ ଓ ଆଲ୍‌କହଲ୍ ତ୍ୱଚାକୁ କ୍ଷତି ପହଞ୍ଚିଥାଏ।**

### ତ୍ୱଚାରେ ଆର୍ଦ୍ରତା କମ୍



ଅଧିକାଂଶ ସମୟରେ ୱାଇପସ୍ ବ୍ୟବହାର କଲେ ଏଥିରେ ଥିବା କେମିକାଲ୍ସ ଓ ଆଲ୍‌କହଲ୍ ତ୍ୱଚାର ପ୍ରାକୃତିକ ତେଲକୁ ନଷ୍ଟ କରିଥାଏ। ଫଳରେ ତ୍ୱଚା ଶୁଷ୍କ ହୋଇଯାଏ। ମଏଶ୍ଚରାଇଜର୍ ମଧ୍ୟ ତ୍ୱଚାରେ ପ୍ରଭାବ ଦେଖାଏନି।

### ସଂକ୍ରମଣ

ସାଧାରଣତଃ ମୁହଁର ତ୍ୱଚା ଖୁବ୍ ସମ୍ବେଦନଶୀଳ ହୋଇଥାଏ। ତେଣୁ ୱାଇପସ୍ ବ୍ୟବହାର କଲେ ଏହା ଚର୍ମକୁ ଶୁଷ୍କ କରିବା ସହ କୁଣ୍ଡାଇ ହେବା ଓ ଫଳିଯିବା ପରି ସମସ୍ୟା ହୋଇଥାଏ। ବେଳେବେଳେ ସଂକ୍ରମଣ ଏତେ ବଢ଼ିଯାଏ ଯେ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିଥାଏ।

### ଅଧିକ କ୍ଷତିଗ୍ରସ୍ତ ସମ୍ବେଦନଶୀଳ ତ୍ୱଚା

ସମ୍ବେଦନଶୀଳ ତ୍ୱଚା ଥିଲେ ୱେଟ୍ ୱାଇପ୍ସ ବ୍ୟବହାର ନ କରିବା ଭଲ। କାରଣ ସେନ୍‌ସିଟିଭ୍ ତ୍ୱଚା ଥିଲେ ତ୍ୱଚାରେ ଅଧିକ ସମସ୍ୟା ଦେଖିବାକୁ ମିଳିଥାଏ। ତ୍ୱଚାରେ କମ୍ ବୟସରୁ ବୟସ ଛାପ ଦିଶୁଥିଲେ, ଏହା ଏଜିଙ୍ଗ୍‌ର ସାଇନ ହୋଇପାରେ। ଅଧିକ ୱାଇପ୍ ବ୍ୟବହାର କଲେ ଏହା ବୟସ ଛାପକୁ ଦର୍ଶାଇଥାଏ।

# ଲଜ୍ଜାଜନକ ପରାଜୟ

## ୪୦୮ ରନରେ ଗୌହାଟୀ ଟେଷ୍ଟ ହାରିଲା ଭାରତ

## ୨-୦ରେ ଦକ୍ଷିଣ ଆଫ୍ରିକାର ସିରିଜ କ୍ଲିନ ସୁଇପ୍

ଗୌହାଟୀ, ୨୬ ।୧୧ (ଏଜେନ୍ସି)



ଯାହା ଆଶା କରାଯାଉଥିଲା ଶେଷରେ ସେଇଆ ହିଁ ହେଲା। ଗୌହାଟୀରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ୫୪୯ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତ ଅନ୍ତିମ ତଥା ୫ମ ଦିବସରେ ବୁଧବାର ୧୪୦ ରନରେ ଦ୍ୱିତୀୟ ଇନିଂସରେ ଅଲ୍ଆଉଟ୍ ହୋଇଯାଇଥିଲା। ଫଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଏହି ଟେଷ୍ଟକୁ ୪୦୮ ରନର ବୃହତ୍ ବ୍ୟବଧାନରେ ଜିତିବା ସହ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି। ସେହିଭଳି ୨୫ ବର୍ଷ ପରେ ଭାରତ ମାଟିରେ ତେମ୍ବା ବଭୁମାଙ୍କ ଆଫ୍ରିକା ଦଳ ଟେଷ୍ଟ ସିରିଜ ବିଜୟ ସ୍ୱାଦ ଚାଖିଛି। ୨୦୦୦ରେ ହାନ୍ସି କ୍ରୋଞ୍ଜେଙ୍କ ନେତୃତ୍ୱରେ ଦଳ ପ୍ରଥମଥର ଭାରତ ମାଟିରେ ସିରିଜ ଜିତିଥିଲା। ପୂର୍ବରୁ କୋଲକାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ମଧ୍ୟ ଦକ୍ଷିଣ ଆଫ୍ରିକା ୩୦ ରନରେ ଜିତିଥିଲା। ଏବେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ନଭେମ୍ବର ୩୦ରୁ ରାଞ୍ଚିରେ ଆରମ୍ଭ ହେବ।

ପୂର୍ବ ଦିନର ଅସମାପ୍ତ ୨ୟ ପାଳି ସ୍କୋର ୨୭/୨ରୁ ବୁଧବାର ବ୍ୟାଟିଂ ଆରମ୍ଭ କରିଥିବା ଭାରତ ସାମ୍ନାରେ ଅନ୍ତିମ ଦିବସରେ ୫୨୨ ରନର ଅସମ୍ଭବ ଲକ୍ଷ୍ୟ ରହିଥିଲା। ବିଜୟ ପାଇଁ ନ ହେଲେ ମଧ୍ୟ ଅତିକମରେ ଡ୍ର ପାଇଁ ଖେଳିବ ଭାରତ ବୋଲି ଆଶା କରାଯାଉଥିଲା। କିନ୍ତୁ ଭ୍ରମଣକାରୀ ସ୍ପିନର ସାଇମନ ହାର୍ମରଙ୍କ ସାମ୍ନାରେ ଭାରତୀୟ ବ୍ୟାଟର୍ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିନେଇଥିଲେ। ହାର୍ମର ୬ଟି ୱିକେଟ୍ ନେଇ ଭାରତୀୟ ଇନିଂସକୁ ୧୪୦ ରନରେ ସୀମିତ କରିଦେଇଥିଲେ। ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ରବୀନ୍ଦ୍ର ଜାଡେଜା ୮୭ ବଲରେ ୫୪ ରନ କରି ଏକମାତ୍ର ବ୍ୟାଟରଭାବେ କିଛିଟା ଲଢ଼େଇ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇ ସୁଦର୍ଶନ ୧୪, ଅଧିନାୟକ ଋଷଭ ପନ୍ତ ୧୩, ୱାଶିଂଟନ ସୁନ୍ଦର ୧୬, ଧ୍ରୁବ ଜୁରେଲ ୨, ନୀତୀଶ ରେଡ୍ଡୀ ୦, କୁଲଦୀପ୍ ଯାଦବ ୫ ରନ କରିଥିଲେ। ୭ଟି ୱିକେଟ୍ ସହ ୯୩ ରନ କରିଥିବା ମାର୍କୋ ଜାନସେନ ମ୍ୟାଚର ଏବଂ ମୋଟ୍ ୧୭ଟି ୱିକେଟ୍ ନେଇଥିବା ହାର୍ମର ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

୪୦୮ ରନରେ ହାରିବା ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ସର୍ବବୃହତ ପରାଜୟ ହେବାର ଅଲୋଡ଼ା ରେକର୍ଡ ହୋଇଛି। ପୂର୍ବରୁ ଭାରତ ୨୦୦୪ରେ ନାଗପୁରରେ ଅଷ୍ଟ୍ରେଲିଆ ନିକଟରୁ ୩୪୨ ରନରେ ପରାସ୍ତ ହୋଇଥିଲା। ଏବେ ପରାଜୟରେ ଭାରତ ନୂଆ ରେକର୍ଡ କରିଛି। ବିଶ୍ୱରେ ରନ ବ୍ୟବଧାନରେ ସବୁଠୁ ବଡ଼ ପରାଜୟ ଅଷ୍ଟ୍ରେଲିଆ ନାମରେ ରହିଛି। ୧୯୨୮ରେ ବ୍ରିସବେନରେ ଅନୁଷ୍ଠିତ ଆସେସ୍ ସିରିଜର ଏକ ଟେଷ୍ଟରେ ଇଂଲଣ୍ଡ ୬୭୫ ରନରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ : ୪୮୯/୧୦
ଭାରତ ପ୍ରଥମ ଇନିଂସ : ୨୦୧/୧୦
ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ : ୨୬୦/୫, ଘୋଷିତ
ଭାରତ ଦ୍ୱିତୀୟ ଇନିଂସ : ୧୪୦/୧୦।

### ପରିସଂଖ୍ୟାନ

**୩ୟ**: ଭାରତ ୩ୟଥର ଲାଗି ଘରୋଇ ମାଟିରେ ଟେଷ୍ଟ ସିରିଜ କ୍ଲିନସୁଇପ୍ ହୋଇଛି। ପୂର୍ବରୁ ୨୦୦୦ରେ ଦ.ଆଫ୍ରିକା (୨-୦) ଓ ୨୦୨୪ରେ ନ୍ୟୁଜିଲାଣ୍ଡ (୩-୦)ରେ ଭାରତ ମାଟିରେ ସିରିଜ ସୁଇପ୍ କରିଥିଲେ।

**୨ୟ**: ଘରୋଇ ମାଟିରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ବର୍ଷରେ ୨ୟ ଟେଷ୍ଟ ପରାଜୟ ଥିଲା। ଏଥିପୂର୍ବରୁ ଭାରତ ୧୯୮୩ରେ ୱେଷ୍ଟଇଣ୍ଡିଜ ଓ ୧୯୮୪ରେ ଇଂଲଣ୍ଡ ନିକଟରୁ ଟେଷ୍ଟ ସିରିଜ ହାରିଥିଲା।

**ଶୂନ**: ଦକ୍ଷିଣ ଆଫ୍ରିକା ବିପକ୍ଷ ଏହି ସିରିଜରେ କୌଣସି ଭାରତୀୟ ବ୍ୟାଟର୍ ଶତକ ହାସଲ କରିପାରି ନ ଥିଲେ। ଘରୋଇ ମାଟିରେ ଦୁଇମ୍ୟାଚ ବିଶିଷ୍ଟ ଟେଷ୍ଟରେ କୌଣସି ଭାରତୀୟ ଶତକ ହାସଲ ନ କରିବାରେ ଏହା ୩ୟ ଘଟଣା। ପୂର୍ବରୁ ନ୍ୟୁଜିଲାଣ୍ଡ (୧୯୭୦ ଓ ୧୯୯୫) ବିପକ୍ଷରେ ଭାରତ ଦୁଇଥର ଏଭଳି ଅଲୋଡ଼ା ରେକର୍ଡ କରିଥିଲା।

**୪ର୍ଥ**: ଏହି ସିରିଜରେ ଭାରତ ୪ଟି ଯାକ ଇନିଂସରେ ୨୫୦ ରନ ଟପିପାରି ନ ଥିଲା। ଯାହାକି ଭାରତୀୟ ଟେଷ୍ଟ ଇତିହାସରେ ୪ର୍ଥ ଘଟଣା।

**ପ୍ରଥମଥର**: ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ଟେଷ୍ଟରେ ଭାରତକୁ ୪୦୦ରୁ ଉର୍ଦ୍ଧ୍ୱ ରନ ହରାଇବାରେ ସମର୍ଥ ହୋଇଛି। ପୂର୍ବରୁ ଅଷ୍ଟ୍ରେଲିଆ ଭାରତକୁ ୩୪୨ ରନରେ ହରାଇଥିଲା।

**୧୧ତମ**: ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ୧୨ତମ ଟେଷ୍ଟ ମ୍ୟାଚରେ ନେତୃତ୍ୱ ନେଇ ଦଳକୁ ୧୧ଟି ବିଜୟ ଭେଟି ଦେଇଛନ୍ତି।

# ବିସିସିଆଇ ହାତରେ ମୋ' ଭବିଷ୍ୟତ: ଗୌତମ ଗମ୍ଭୀର

ଗୌହାଟୀ, ୨୬ ।୧୧ (ଏଜେନ୍ସି):ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାଠାରୁ ଦ୍ୱିତୀୟ ଟେଷ୍ଟକୁ ଶୋଚନୀୟ ଭାବେ ୪୦୮ ରନରେ ହାରିବା ସହ ଭାରତ ସିରିଜରେ ମଧ୍ୟ ୨-୦ରେ କ୍ଲିନସୁଇପ୍ ହୋଇଛି। ଏଭଳି ଲଜ୍ଜାଜନକ ପ୍ରଦର୍ଶନ ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌରତମ ଗମ୍ଭୀରଙ୍କୁ ଚାରିଆଡ଼ୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ବିଶେଷ କରି ଖେଳାଳି ମନୋନୟନକୁ ନେଇ ଗମ୍ଭୀରଙ୍କୁ ଟାର୍ଗେଟ୍ କରାଯାଇଛି। ବୁଧବାର ପରାଜୟ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀରଙ୍କୁ ପଚରାଯାଇଥିଲା ଯେ ସେ ଭାରତୀୟ ଦଳର ମୁଖ୍ୟ କୋଚ୍ ପାଇଁ ଉପଯୁକ୍ତ ବ୍ୟକ୍ତି କି? ଏହାର ଉତ୍ତରରେ ଗମ୍ଭୀର କହିଥିଲେ, 'ମୋର ଭବିଷ୍ୟତ ବିସିସିଆଇ ହାତରେ। ମୁଁ କୋଚ୍ ହେବାକୁ ଯୋଗ୍ୟ କି ନୁହେଁ ତାହା ବିସିସିଆଇ ନିଷ୍ପତ୍ତି ନେବ। ଏହା ପୂର୍ବରୁ ମଧ୍ୟ ମୁଁ କହି ସାରିଛି ଯେ ଆଗ ଭାରତୀୟ କ୍ରିକେଟ୍ ଗୁରୁତ୍ୱପୂର୍ଣ୍ଣ; ମୁଁ ନୁହେଁ। ମୁଁ ସେହି ବ୍ୟକ୍ତି ଯାହାର ନେତୃତ୍ୱରେ ଇଂଲଣ୍ଡ ମାଟିରେ ଭାରତ ଭଲ ପ୍ରଦର୍ଶନ କରିଥିଲା। ଏଥିସହ ଚାମ୍ପିଅନ୍ସ ଟ୍ରଫି ଓ ଏସିଆ କପ୍ ବିଜୟୀ ହୋଇଥିଲା। ଏହି ପରାଜୟ ଲାଗି କୌଣସି ଜଣେ ଖେଳାଳି କିମ୍ବା ଗୋଟିଏ ସଟ୍‌କୁ ଦୋଷ ଦେବା ଠିକ୍ ନୁହେଁ। ଏହି ପରାଜୟର ମୋ ଠାରୁ ଆରମ୍ଭ କରି ସମସ୍ତେ ଦାୟୀ।' ପ୍ରକାଶଯୋଗ୍ୟ ଗମ୍ଭୀରଙ୍କ ପ୍ରଶିକ୍ଷଣ ସମୟରେ ଭାରତ ୧୮ଟି ଟେଷ୍ଟ ମ୍ୟାଚ୍ ଖେଳି ୧୦ଟି ହାରିଛି। ଯେଉଁଥିରେ ଗତବର୍ଷ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ରେ ଲଜ୍ଜାଜନକ ପରାଜୟ ସାମିଲ ରହିଛି।



# ଓଡ଼ିଶା ଏଫ୍‌ସି ଛାଡ଼ିଲେ ଲୋବେରୋ



ଭୁବନେଶ୍ୱର,୨୬ ।୧୧(ଏଜେନ୍ସି):ଓଡ଼ିଶା ଫୁଟ୍‌ବଲ କ୍ଲବ(ଓଏଫ୍‌ସି) ଓ ଏହାର ମୁଖ୍ୟ କୋଚ୍ ସର୍ଗିଓ ଲୋବେରୋ ସହମତିରେ ପରସ୍ପରଠାରୁ ଅଲଗା ହୋଇଛନ୍ତି। ଭୁବନେଶ୍ୱରଭିତ୍ତିକ ଆଇଏସ୍‌ଏଲ୍ କ୍ଲବ ଓଏଫ୍‌ସି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏନେଇ ଘୋଷଣା କରିଛି। ସ୍ପେନ୍‌ର କୋଚ୍ ଲୋବେରୋ ଓଡ଼ିଶା ଛାଡ଼ିବାର ତୁରନ୍ତ ପରେ ମୋହନ ବାଗାନ ଏସ୍‌ସି କ୍ଲବରେ ଯୋଗଦେଇଛନ୍ତି। ଆଇଏସ୍‌ଏଲ୍‌ର ଡିଫେଣ୍ଡିଂ ଚାମ୍ପିଅନ ମୋହନବାଗାନ ପକ୍ଷରୁ ଅଫିସିଆଲ ଭାବେ ମଧ୍ୟ ଏନେଇ ଘୋଷଣା କରାଯାଇଛି। ନଭେମ୍ବର ୩୦ରେ ସେ ମୋହନ ବାଗାନ ଖେଳାଳିଙ୍କ ସହ ଟ୍ରେନିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଲୋବେରୋ ୨୦୨୩ ମେ'ରେ ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ୨୦୨୪ ସୁପର କପ୍‌ରେ ରନର୍ସଅପ୍ ହୋଇଥିଲା। ଏବେ ଆଇଏସ୍‌ଏଲ୍ ଆୟୋଜନ ନେଇ ଅନିଶ୍ଚିତତା ଜାରି ରହିଛି। ଫଳରେ ଓଡ଼ିଶା ସମେତ ୩ଟି କ୍ଲବ କୌଣସି କାର୍ଯ୍ୟକ୍ରମ ହାତକୁ ନେଇନାହାନ୍ତି।

# ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗ୍‌ରେ ଗୌରୀ ବୈଷୟିକ ଅଧିକାରୀ

ଭୁବନେଶ୍ୱର, ୨୬ ।୧୧ (ସମିସ): ଆଇପିଏଲ୍ ଢାଞ୍ଚାରେ ଡିସେମ୍ବର ୨୫ରୁ ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗ୍ ଆରମ୍ଭ ହେବ। ୮ଟି ଦଳଟି ଦଳକୁ ନେଇ ଲକ୍ଷ୍ନୌର କେଡି ସିଂ ବାବୁ ଷ୍ଟାଡିୟମରେ ଲିଗ୍‌ର ସମସ୍ତ ମ୍ୟାଚ୍ ଖେଳାଯିବ। ଏହି ଲିଗ୍‌ରେ ବୈଷୟିକ ଅଧିକାରୀ ଭାବେ ମ୍ୟାଚ୍ ପରିଚାଳନା ଲାଗି ଓଡ଼ିଶାର ଗୌରୀ ଶଙ୍କର ମିଶ୍ର ମନୋନୀତ ହୋଇଛନ୍ତି। ଏହି ଅବସରରେ ଗୌରୀଙ୍କୁ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# ରୀମା, ରିତ୍ୱିକା, ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬ ।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ବୁଧବାର ଓଡ଼ିଶା ୫ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ସନ୍ତରଣକାରୀ ପ୍ରତ୍ୟାଶା ରାୟ କ୍ରମାଗତ ୨ୟ ଦିନରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗତକାଲି ମହିଳା ୧୦୦ ମିଟର ବ୍ୟାକଷ୍ଟ୍ରୋକରେ ପ୍ରଥମ ହୋଇଥିବା ପ୍ରତ୍ୟାଶା ବୁଧବାର ୨୦୦ ମିଟରରେ ମଧ୍ୟ ବାଜିମାତ୍ କରିନେଇଥିଲେ। ସେହିଭଳି ଭାରୋତ୍ତୋଳନରେ ରୀମା ଭୋଇ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ମହିଳା ୫୮ କିଗ୍ରା ବିଭାଗରେ ଭାଗନେଇ ରୀମା ମୋଟ୍ ୧୯୭ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ।

ଅପରପକ୍ଷରେ ଆଜି ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୩ଟି ପଦକ ବିଜୟୀ ହୋଇଛନ୍ତି। ସୁଇମିଂରେ ମହିଳା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ କିଟ୍‌ର ରିତ୍ୱିକା ୩୪.୯୫ ସେକେଣ୍ଡରେ ଦୂରତା ଅତିକ୍ରମ ପରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହି ସମାନ ଇଭେଣ୍ଟରେ ଦିବ୍ୟାଙ୍କା ଦିବ୍ୟଦର୍ଶିନୀ ପ୍ରଧାନ ୩୫.୮୫ ସେକେଣ୍ଡ ସମୟ ସହ ରିତଭିକାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ। ସେହିଭଳି ମହିଳା ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ କିଟ୍‌ର ନୀଳବଜା ଘୋଷ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। କିଟ୍ ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଯୋଗିତାରେ ୬ଟି ପଦକ ଜିତିସାରିଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ରହିଛି।

# ବର୍ଷକ ପରେ ପୁଣି ଉର୍ବିଲଙ୍କ ଧମାକା



ହାଇଦରାବାଦ, ୨୬ ।୧୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଛି ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟର ୧୮ତମ ସଂସ୍କରଣ। ପ୍ରଥମ ଦିବସରେ ଗୁଜରାଟ ଅଧିନାୟକ ଉର୍ବିଲ ପଟେଲ ବିସ୍ଫୋରକ ଶତକୀୟ ପାଳି ଖେଳି ଚର୍ଚ୍ଚାରେ ରହିଛନ୍ତି। ୨୭ ବର୍ଷୀୟ ଏହି ଡାହାଣହାତୀ ବ୍ୟାଟର ମାତ୍ର ୩୧ ବଲରେ ଶତକ ମାରିଛନ୍ତି। ଫଳରେ ତାଙ୍କ ଦଳ ଗୁଜରାଟ ୮ ୱିକେଟରେ ସର୍ଭିସେସକୁ ସହଜରେ ହରାଇଦେଇଛି। ସ୍ଥାନୀୟ ଜିମଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ସର୍ଭିସେସ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ୍‌ରେ ୧୮୨ ରନ କରିଥିଲା। ଜବାବରେ ଗୁଜରାଟ ଓପନର ଉର୍ବିଲଙ୍କ ଧମାକା ଇନିଂସ ବଳରେ ମାତ୍ର ୧୨.୩ ଓଭରରେ ୨ୱିକେଟ ହରାଇ ବିଜୟୀ ହୋଇଥିଲା। ୩୧ ବଲରେ ଶତକ ପୂରଣ କରିଥିବା ଉର୍ବିଲ ମୋଟ୍ ୩୭ ବଲ୍ ଖେଳି ୧୧୯ ରନରେ ଅପରାଜିତ ରହିଥିଲେ। ଏହି ବିସ୍ଫୋରକ ଇନିଂସରେ ସେ ୧୨ ଚୌକା ଓ ୧୦ଟି ଛକା ମାରିଥିଲେ। ପ୍ରକାଶଯୋଗ୍ୟ, ଠିକ୍ ବର୍ଷକ ତଳେ ଅର୍ଥାତ୍ ୨୭ ନଭେମ୍ବର ୨୦୨୪ରେ ସେହି ସମାନ ଟୁର୍ଣ୍ଣାମେଣ୍ଟରେ ଉର୍ବିଲ ତ୍ରିପୁରା ବିପକ୍ଷରେ ୨୮ ବଲରେ ଶତକ ମାରିଥିଲେ। ସୟଦ ମୁସ୍ତାକ ଅଲି ଟି-୨୦ରେ ଦ୍ରୁତତମ ଶତକୀୟ ପାଳି ଖେଳିବାରେ ଅଭିଷେକ ଶର୍ମା (୨୮ ବଲ)ଙ୍କ ସହ ସେ ଯୁଗ୍ମ ଭାବେ ଶୀର୍ଷରେ ରହିଛନ୍ତି।

## ■ ସୁଲତାନ ଆଜ୍‌ଲାନ ଶାହ କପ୍ ହକି

# ସଞ୍ଜୟଙ୍କ ଗୋଲ୍ ଭାରତକୁ ଜିତାଇଲା

ଇପୋ, ୨୬ ।୧୧ (ଏଜେନ୍ସି): ମାଲେସିଆରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୪-୩ ଗୋଲରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ କାର୍ତ୍ତି ସେଲଭମ୍, ସୁଖଜିତ୍ ସିଂହ, ଓଡ଼ିଆ ତାରକା ଅମିତ ରୋହିଦାସ ଓ ଅଧିନାୟକ ସଞ୍ଜୟ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ତୃତୀୟ କ୍ୱାଟର ସୁଦ୍ଧା ମ୍ୟାଚ୍ ୩-୩ ଗୋଲରେ ବରାବର୍ ଥିଲା। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ତଥା ମ୍ୟାଚ୍ ଶେଷ ହେବାକୁ ୭ ମିନିଟ୍ ବାକିଥିବାବେଳେ ଅଧିନାୟକ ସଞ୍ଜୟ ଭାରତ ପାଇଁ ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧-୦ ଗୋଲ୍‌ରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଦ୍ୱିତୀୟ ମୁକାବିଲାରେ ୨-୩ ଗୋଲରେ ବେଲ୍‌ଜିୟମଠୁ ହାରିଯାଇଥିଲା।

## ଆରମ୍ଭ ହେଲା ସୟଦ ମୁସ୍ତାକ ଅଲି ଟି-୨୦

# ରୋହନଙ୍କ ମାଡ଼ରେ ଓଡ଼ିଶା ଧରାଶାୟୀ

ଭୁବନେଶ୍ୱର, ୨୬ ।୧୧ (ସମିସ)


ସଞ୍ଜୁ ଓ ରୋହନ

ସୟଦ ମୁସ୍ତାକ ଅଲି ଟ୍ରଫିର ପ୍ରଥମ ମ୍ୟାଚରେ ଝୁଣ୍ଟିଛି ଓଡ଼ିଶା। ବୁଧବାର ଲକ୍ଷ୍ନୌ ଏକନ୍ନା ଷ୍ଟାଡିୟମରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ସଞ୍ଜୁ ସାମସନଙ୍କ କେରଳ ଦଳ ୧୦ ୱିକେଟ୍‌ର ବଡ଼ ବ୍ୟବଧାନରେ ଓଡ଼ିଶାକୁ ହରାଇଛି। ଓପନର୍ ରୋହନ କୁନ୍ନୁମାଲ୍‌ଙ୍କ ବିସ୍ଫୋରକ ଶତକ ଓ ସାମସନଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ କେରଳ କୌଣସି ୱିକେଟ୍ ନ ହରାଇ ୧୭୭ ରନର ବିଶାଳ ଲକ୍ଷ୍ୟକୁ ୨୧ଟି ବଲ୍ ବଳକା ଥାଇ ହାସଲ କରିଥିଲା। ରୋହନ ୬୦ ବଲରେ ୧୨୧ ରନ କରିଥିଲେ। ଏହି ପାଳିରେ ସେ ୧୦ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ସେହିଭଳି ଅପରପାଶ୍ୱର୍ରେ ଅଧିନାୟକ ସାମସନ ଟିକେ ଧୀମା ବ୍ୟାଟିଂ କରିଥିଲେ। ୬ଟି ଚୌକା ଓ ଗୋଟିଏ ଛକା ବଳରେ ସାମସନ ୪୧ ବଲରେ ୫୧ ରନ କରି ଅପରାଜିତ ରହିଥିଲେ। ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଦଳର ୭ଜଣ ବୋଲରଙ୍କୁ ଲଗାଇଥିଲେ ମଧ୍ୟ ଓପନିଂ ଯୋଡ଼ି ଭାଙ୍ଗିବାରେ ଅସମର୍ଥ ହୋଇଥିଲେ। ପଦାର୍ପଣକାରୀ ସ୍ପିନର ବାଦଲ ବିଶ୍ୱାଳ ୪ ଓଭରରେ ୪୪, ଭଗୀଶ ଶର୍ମା ୨ ଓଭରରେ ୧୭ ଓ ୩ ବର୍ଷ ପରେ ଦଳକୁ ଫେରିଥିବା ପପୁ ରାୟ ୨୧ଟି ବଲ୍ ବୋଲିଂ କରି ୪୨ ରନ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଅଧିନାୟକ ବିପ୍ଳବଙ୍କ ଅର୍ଦ୍ଧଶତକ ବଳରେ ୭ ୱିକେଟ୍‌ରେ ୧୭୬ ରନର ସମ୍ମାନଜନକ ସ୍କୋର କରିଥିଲା। ବିପ୍ଳବ ୪୧ ବଲରେ ସର୍ବାଧିକ ୫୩ (୫ ଚୌକା ଓ ୧ ଛକା) ରନର ପାଳି ଖେଳିଥିଲେ। ସେହିଭଳି ସମ୍ବିତ ବରାଳ ୪୦, ଗୌରବ ଚୌଧୁରୀ ୨୯, ସ୍ୱସ୍ତିକ ସାମଲ ୨୦, ଶୁଭ୍ରାଂଶୁ ସେନାପତି ୧୫ ରନ କରିଥିଲେ। କେରଳର ଏମଡି ନିଦ୍ଦେଧଶଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା।

### ପଦାର୍ପଣ କଲେ ସଞ୍ଜୁଙ୍କ ଭାଇ ସାଲି

ଏହି ମ୍ୟାଚରେ ତାରକା କ୍ରିକେଟର ସଞ୍ଜୁଙ୍କ ଭାଇ ସାଲି ସାମସନ ଟି-୨୦ ପଦାର୍ପଣ କରିଥିଲେ। ଡାହାଣହାତୀ ଦ୍ରୁତ ବୋଲର ସାଲି ଏହି ମ୍ୟାଚରେ ୩ ଓଭରରେ ୩୩ ରନ ବ୍ୟୟ କରିଥିଲେ ମଧ୍ୟ ୱିକେଟ୍ ପାଇ ନ ଥିଲେ। ପୂର୍ବରୁ ସେ କେରଳ ପାଇଁ ୬ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଅପରପକ୍ଷରେ ଓଡ଼ିଶାର ବାଦଲ ବିଶ୍ୱାଳ, ଭଗୀଶ ଶର୍ମା ଓ ୱିକେଟ୍‌କିପର ସୌମ୍ୟ ଗୌଡ଼ ଏଠାରେ ଟି-୨୦ ପଦାର୍ପଣ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS